# ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ତାଳଦଣ୍ଡା କେନାଲ ରାସ୍ତାର ଉର୍ଣ୍ଣତି କରଣ ଓ ପ୍ରଶସ୍ତି କରଣ ପାଇଁ ୦.୦୯୯୦ ଏକର ଘରୋଇ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ (ଟିଓଆର ୨୮-୦୦୦୦୪)

## ଅଧ୍ୟୟନ ପ୍ରଦାନକାରୀ ସଂସ୍ଥା

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକାରୀ ସଂସ୍ଥା

**ନବକୃଷ୍ଣ ଚୌଧୁରୀ ସାମାଜିକ ଉନ୍ନୟନ ଗବେଷଣା କେନ୍ଦ୍ର**

(ଭାରତୀୟ ସାମାଜିକ ଉନ୍ନୟନ ଗବେଷଣା ପରିଷଦ ସ୍ୱୀକୃତିପ୍ରାପ୍ତ ତଥା ଓଡିଶା ସରକାରଙ୍କ ସହଭାଗିତା ଅନ୍ତର୍ଗତ ସଂସ୍ଥା)

ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା

## ଅଧ୍ୟୟନ ସଂପାଦନକାରୀ ସଂସ୍ଥା

**ଆର୍.ଏ.ସି**

ରିସର୍ଚ୍ଚ ଏଣ୍ଡ୍ ଆନାଲିସିସ୍ କନସୋଲଟାଣ୍ଟସ୍

ସହିଦନଗର, ଭୁବନେଶ୍ୱର-୭୫୧୦୦୭



ସେପ୍ଟେମ୍ବର-୨୦୨୩

# ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ତାଳଦଣ୍ଡା କେନାଲ ରାସ୍ତାର ଉର୍ଣ୍ଣତି କରଣ ଓ ପ୍ରଶସ୍ତି କରଣ ପାଇଁ **୦.୦୯୯୦** ଏକର ଘରୋଇ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ

(ଟିଓଆର ୨୮-୦୦୦୦୪)

ସେପ୍ଟେମ୍ବର, **୨୦୨୩**

ଅଧ୍ୟୟନ ପ୍ରଦାନକାରୀ ସଂସ୍ଥା


**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକାରୀ ସଂସ୍ଥା**

**ନବକୃଷ୍ଣ ଚୌଧୁରୀ ସାମାଜିକ ଉନ୍ନୟନ ଗବେଷଣା କେନ୍ଦ୍ର**

**(ଭାରତୀୟ ସାମାଜିକ ଉନ୍ନୟନ ଗବେଷଣା ପରିଷଦ ସ୍ୱୀକୃତିପ୍ରାପ୍ତ ତଥା ଓଡ଼ିଶା ସରକାରଙ୍କ ସହଭାଗିତା ଅନ୍ତର୍ଗତ ସଂସ୍ଥା)**

**ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା**


ଅଧ୍ୟୟନ ସମ୍ପାଦନକାରୀ ସଂସ୍ଥା


**ଆର. ଏ. ସି,**

ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟସ

**ସହୀଦ ନଗର, ଭୁବନେଶ୍ୱର**

# ମୁଖବନ୍ଧ

କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ତାଳଦଣ୍ଡା କେନାଲ ରାସ୍ତାର ଉର୍ନତି କରଣ ଓ ପ୍ରଶସ୍ତି କରଣ ପାଇଁ ୦.୦୯୯୦ ଏକର ଘରୋଇ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ କାର୍ଯ୍ୟଟି, ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍) ଭୁବନେଶ୍ୱର ଦ୍ୱାରା ଅନୁସନ୍ଧାନ ଏବଂ ବିଶ୍ଳେଷଣ ପରାମର୍ଶଦାତା (ଆର.ଏ.ସି.)କୁ ଦିଆଯାଇଥିବା ଏକ ଆହ୍ବାନମୂଳକ କାର୍ଯ୍ୟ ଅଟେ । ଉକ୍ତ ଅଧ୍ୟୟନଟିରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ହେତୁକ ପ୍ରକଳ୍ପ ପ୍ରଭାବିତ ପରିବାର ସମୂହ / ବ୍ୟକ୍ତି ସମୂହ, ଯେଉଁମାନଙ୍କର ବ୍ୟକ୍ତିଗତ ମାଲିକାନା ଅନ୍ତର୍ଗତ ଜମି ପ୍ରଭାବିତ ହେବ, ସେମାନଙ୍କଠାରୁ ପ୍ରସଙ୍ଗଭିତ୍ତିକ ସୂଚନା ସବୁର ସଂଗ୍ରହ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।
ଉକ୍ତ ଅଧ୍ୟୟନ ଉଦ୍ଦେଶ୍ୟରେ କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ୟୁନିଟ-୨୩, ସାମନ୍ତସାହି ଓ ୟୁନିଟ-୩୩, ବିଶିନବର ଅଞ୍ଚଳରେ କ୍ଷେତ୍ର କାର୍ଯ୍ୟ କରାଯାଇଛି ଏବଂ ଏହି ପ୍ରକଳ୍ପ ପ୍ରଭାବିତ ପରିବାର ଉପରେ ସାମାଜିକ ପ୍ରଭାବ ଆକଳନ କରିବାକୁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ, ସର୍ତ୍ତ ଅନୁଯାୟୀ ଅଧିକାର ଛାଞ୍ଚ ପ୍ରସ୍ତୁତ କରାଯାଇଛି । କ୍ଷେତ୍ର କାର୍ଯ୍ୟ ସମୟରେ, ସର୍ଭେ କରାଯାଇଥିବା ଅଞ୍ଚଳରେ ଯୁକ୍ତିଯୁକ୍ତ ସୂଚନା ଗୁଡିକ ସଂଗ୍ରହ ମଧ୍ୟ କରାଯାଇଥିଲା ।

ଏଠାରେ ଆମ ସଂଗଠନକୁ ଏହି ପ୍ରକଳ୍ପ ନ୍ୟସ୍ତ କରିଥିବାରୁ ଆମେ ଏନସିଡିଏସ୍, ଭୁବନେଶ୍ୱରଙ୍କୁ କୃତଜ୍ଞତା ଜଣାଇଛୁ ଏବଂ ଠିକ୍ ସମୟରେ ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ଡ଼. ରଶ୍ମୀ ମିଶ୍ର (ରାଜ୍ୟ ସଂଯୋଜକ ଏସ ଆଇ ଏ ୟୁନିଟ୍) ଏବଂ ତାଙ୍କ ଦଳକୁ ଆମର ଆନ୍ତରିକ ଧନ୍ୟବାଦ ଜଣାଉଛୁ । ଅଧ୍ୟୟନର ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୂଲ୍ୟବାନ ପରାମର୍ଶ ପାଇଁ ଆମେ ଆମର ପରାମର୍ଶଦାତାମାନଙ୍କ ନିକଟରେ ମଧ୍ୟ ଋଣୀ ଅଟୁ।

କ୍ଷେତ୍ର କାର୍ଯ୍ୟ ସମୟରେ ସେମାନଙ୍କର ସମୟାନୁବର୍ତ୍ତୀ ଅବଦାନ ଏବଂ ସହଯୋଗ ପାଇଁ ଆମେ ବିଭିନ୍ନ ସ୍ତରରେ ଥିବା ସମସ୍ତ ହିତାଧିକାରୀଙ୍କୁ ଆମର ଧନ୍ୟବାଦ ଅର୍ପଣ କରୁ ଏବଂ କାର୍ଯ୍ୟଭାରକୁ ଠିକ୍ ସମୟରେ ସମାପ୍ତ କରିବା ପାଇଁ କ୍ଷେତ୍ର କର୍ମଚାରୀ ଏବଂ ଆମର ଅଫିସ୍ କର୍ମଚାରୀଙ୍କ ସଚ୍ଚୋଟ ଉଦ୍ୟମକୁ ମଧ୍ୟ ସ୍ୱୀକାର କରୁ ।

ଶେଷରେ, ଆମେ ଆଶା କରୁଛୁ ଯେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲ କରିବା ପାଇଁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନଟି ଉପଯୋଗୀ ହେବ ।

ଡ ସରୋଜ ରଞ୍ଜନ ମାଣିଆ
ଆର ଏ ସି, ଭୁବନେଶ୍ୱର

# ସୂଚୀପତ୍ର


| ଅଧ୍ୟାୟ | ଶିରୋନାମା | ପୃଷ୍ଠା |
|---|---|---|
| | ମୁଖବନ୍ଧ | ୨ |
| | ସୂଚୀପତ୍ର | ୩ |
| | ସାରଣୀ ସମୂହର ତାଲିକା | ୪ |
| | ଛବି ସମୂହର ତାଲିକା | ୫ |
| | କାର୍ଯ୍ୟନିର୍ବାହୀ ସାରାଂଶ | ୬-୧୨ |
| ଅଧ୍ୟାୟ-୧ | ଉପକ୍ରମ, ସାମାଜିକ ପ୍ରଭାବ ଆକଳନ, ନ୍ୟାୟଗତ ଆଧାର ଏବଂ ପ୍ରଯୁଜ୍ୟ ନୀତିନିୟମ ସମୁହ | ୧୩-୨୨ |
| ଅଧ୍ୟାୟ-୨ | ଅଧ୍ୟୟନକାରୀ ଗୋଷ୍ଠୀ, କାର୍ଯ୍ୟଧାରା, ଯୋଗାଯୋଗ ସ୍ଥାପନ, ଅଧ୍ୟୟନର କାର୍ଯ୍ୟ ପ୍ରଣାଳୀ ସମୂହ, ଗ୍ରହଣ କରାଯାଇଥିବା କାର୍ଯ୍ୟକଳାପ ସମୁହ, ଜନ ଶୁଣାଣୀ, ବ୍ୟବହୃତ ଉପକରଣ ସମୁହ ଓ ଅଧ୍ୟାୟ ପ୍ରସ୍ତୁତିର ଢାଞ୍ଚା | ୨୩-୩୦ |
| ଅଧ୍ୟାୟ-୩ | ଅଧ୍ୟୟନ ଜିଲ୍ଲା କଟକ, କଟକ ସଦର ତହସିଲ, ପ୍ରଭାବିତ ପରିବାର ସମୂହର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର ଓ ପରୋକ୍ଷ ପ୍ରଭାବିତ ପରିବାର ମାନଙ୍କର ପାର୍ଶ୍ୱଚିତ୍ର | ୩୧-୪୯ |
| ଅଧ୍ୟାୟ-୪ | ପ୍ରଭାବିତ ପରିବାରମାନଙ୍କର ମାଲିକାନାଧୀନ ଜମି ସମୁହ, ପ୍ରକଳ୍ପ ଜମିରେ ଥିବା ଗଠନ/ ନିର୍ମାଣ ସମୂହ ଓ ପ୍ରକଳ୍ପ ଅନ୍ତର୍ଗତ ପ୍ରଭାବିତ ଏବଂ ଅଧିଗ୍ରହଣ ଯୋଗ୍ୟ ଜମି | ୫୦-୫୨ |
| ଅଧ୍ୟାୟ-୫ | ପ୍ରକଳ୍ପ ପ୍ରଭାବର ଆକଳନ, ପ୍ରକଳ୍ପ ପ୍ରତି ଗୃହ ମାନଙ୍କର ମନୋଭାବ, ପ୍ରକଳ୍ପ ହେତୁକ ସାମାଜିକ ପ୍ରଭାବ ସବୁର ଉପଲବ୍ଧତା, କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରମାନଙ୍କର ପ୍ରତ୍ୟାଶା ଏବଂ ପସନ୍ଦ ସମୁହ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା | ୫୩-୬୩ |
| ଅଧ୍ୟାୟ-୬ | ଜନଶୁଣାଣୀର ବିବରଣୀ | ୬୪-୬୭ |
| ଅଧ୍ୟାୟ-୭ | ସାମାଜିକ ମୂଲ୍ୟ ଜନିତ ସୁବିଧା ସବୁର ବିଶ୍ଲେଷଣ, ନିଷ୍କର୍ଷ ସମୁହ ଓ ସୁପାରିଶ ସମୁହ | ୬୮-୭୦ |
| | ଅନୁସୁଚୀ -୧ | |
| | ଅନୁସୁଚୀ -୨ | |
| | ଅନୁସୁଚୀ -୩ | |
| | ଅନୁସୁଚୀ -୪ | |
| | ଅନୁସୁଚୀ -୫ | |
| | ଅନୁସୁଚୀ -୬ | |

# ସାରଣୀ ସମୂହର ତାଲିକା


| ସାରଣୀ | ଶିରୋନାମା |
|---|---|
| ସାରଣୀ-୨.୧ | ଅଧ୍ୟୟନକରି ଗୋଷ୍ଠି |
| ସାରଣୀ-୩.୧ | କଟକ ଜିଲ୍ଲାର ପ୍ରମୁଖ ସଂକେତର ସମୂହ |
| ସାରଣୀ-୩.୨ | କଟକ ସଦର ତହସିଲର ପ୍ରମୁଖ ସୂଚନା ସମୂହ |
| ସାରଣୀ-୩.୩ | ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ ସାଧାରଣ ଭିତ୍ତିଭୂମୀ |
| ସାରଣୀ-୩.୫ | ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମୀ |
| ସାରଣୀ-୩.୬ | ପ୍ରଭାବିତ ଗୃହ ତଥା ଜନସାଧାରଣଙ୍କର ଲିଙ୍ଗ ଭିତ୍ତିକ ବଣ୍ଟନ |
| ସାରଣୀ-୩.୭ | ପ୍ରଭାବିତ ବ୍ୟକ୍ତିମାନଙ୍କର ବୟସ ଭିତ୍ତିକ ବଣ୍ଟନ |
| ସାରଣୀ-୩.୮ | ପ୍ରଭାବିତ ଗୃହ ମାନଙ୍କର ଜାତି ଭିର୍ତ୍ତିକ ବଣ୍ଟନ |
| ସାରଣୀ-୩.୯ | ପ୍ରଭାବିତ ପରିବାର ଭିତରେ ଶିକ୍ଷା ହାସଲରେ ସ୍ତର |
| ସାରଣୀ-୩.୧୦ | ପ୍ରଭାବିତ ବ୍ୟକ୍ତି ମାନଙ୍କର ପେଶା ଭିର୍ତ୍ତିକ ବଣ୍ଟନ |
| ସାରଣୀ-୩.୧୧ | ପ୍ରଭାବିତ ବ୍ୟକ୍ତି ମାନଙ୍କର ଆୟାର ସୀମା |
| ସାରଣୀ-୩.୧୨ | ଖାଦ୍ୟ ଓ ଅଣଖାଦ୍ୟ  ସମ୍ବନ୍ଧୀୟ ମାସିକ ଖର୍ଚ୍ଚର ସୀମା |
| ସାରଣୀ-୩.୧୩ | ପ୍ରଭାବିତ ଗୃହ ମାନଙ୍କର ଋଣ ଗ୍ରସ୍ତତାର ସ୍ଥିତି |
| ସାରଣୀ-୩.୧୪ | ଗୃହ ମାନଙ୍କରେ ଚାଲନ୍ତି ସମ୍ପଦ ସମୂହ |
| ସାରଣୀ-୩.୧୫ | ଗୃହ ସ୍ତରୀୟ ନିଷ୍ପତି ଗ୍ରହଣ ପ୍ରକ୍ରିୟା |
| ସାରଣୀ-୩.୧୬ | ଅଣପ୍ରଭାବିତ ଗୃହ ମାନଙ୍କର ଜାତି ଭିର୍ତ୍ତିକ ବଣ୍ଟନ |
| ସାରଣୀ-୩.୧୭ | ଅଣପ୍ରଭାବିତ ବ୍ୟକ୍ତିମାନଙ୍କର ବୟସ ଭିତ୍ତିକ ବଣ୍ଟନ |
| ସାରଣୀ-୩.୧୮ | ଅଣପ୍ରଭାବିତ ପରିବାର ଭିତରେ ଶିକ୍ଷା ହାସଲରେ ସ୍ତର |
| ସାରଣୀ-୩.୧୯ | ଅଣପ୍ରଭାବିତ ବ୍ୟକ୍ତିମାନଙ୍କର ଶିକ୍ଷା ଭିର୍ତ୍ତିକ ବଣ୍ଟନ |
| ସାରଣୀ-୩.୨୦ | ଅଣପ୍ରଭାବିତ ବ୍ୟକ୍ତି ମାନଙ୍କର ପେଶା ଭିର୍ତ୍ତିକ ବଣ୍ଟନ |
| ସାରଣୀ-୩.୨୧ | ଅଣପ୍ରଭାବିତ ବ୍ୟକ୍ତି ମାନଙ୍କର ବାର୍ଷିକ ଆୟାର ସୀମା |
| ସାରଣୀ-୪.୧ | ପ୍ରଭାବିତ ପରିବାରର ମାଲିକାନାରେ ଥିବା ଜମି |
| ସାରଣୀ-୪.୨ | ସମୁଦାୟ ଓ ପ୍ରଭାବିତ ଜମି ମାନଙ୍କର କ୍ଷତିର ଶତକଡା |
| ସାରଣୀ-୫.୧ | ପ୍ରକଳ୍ପପ୍ରତି ପ୍ରଭାବିତ ଗୃହ ମାନଙ୍କର ସକାରାତ୍ମକ ମନୋଭାବ |
| ସାରଣୀ-୫.୨ | ପ୍ରକଳ୍ପପ୍ରତି ପ୍ରଭାବିତ ଗୃହ ମାନଙ୍କର ନକରାତ୍ମକ  ମନୋଭାବ |

## ଛବି ମାନଙ୍କର ତାଲିକା


| ସାରଣୀ | ଶିରୋନାମା |
|---|---|
| ଛବି-୧ | ବିଭିର୍ଣ୍ଣ ସ୍ତରରେ ଅଧ୍ୟୟନର  କାର୍ଯ୍ୟଧାରା ଏବଂ ଯୋଗାଯୋଗ ସ୍ଥାପନ |
| ଛବି-୨ | କଟକ ଜିଲ୍ଲାର ମାନଚିତ୍ର |
| ଛବି-୩ | ପ୍ରଭାବିତ ପରିବାରର ବୟସ ଭିର୍ତ୍ତିକ ବଣ୍ଟନ |
| ଛବି-୪ | ପ୍ରଭାବିତ ପରିବାରର ପେସା ଭିର୍ତ୍ତିକ ବଣ୍ଟନ |
| ଛବି-୫ | ଜମି ବ୍ୟବହାରର ଶୈଳୀ |

# କାର୍ଯ୍ୟନିର୍ବାହୀ ସାରାଂଶ

ସହରାଞ୍ଚଳ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ସହିତ ସମତାଳରେ ମୋଟରଯାନ ମାଲିକାନା ସଂଖ୍ୟାରେ ବୃଦ୍ଧି, ସହରାଞ୍ଚଳ ମାନଙ୍କରେ ଜୀବନ ଧାରଣ ପାଇଁ ଚଳ ପ୍ରଚଳ କରିବା ଉଦ୍ଦେଶ୍ୟରେ ଏକ ସରଳ ପ୍ରବେଶ ପଥ ପ୍ରତି ଯଥେଷ୍ଟ ଚାହିଦା ସୃଷ୍ଟି କରିଥାଏ। ସମ୍ପ୍ରତି ଆକସ୍ମିକ ଭାବରେ କଟକ ସହର ଦ୍ରୁତ ଜନସଂଖ୍ୟା ବୃଦ୍ଧି, ପ୍ରଚଳିତ ସହରୀ ସେବା ସୁବିଧା ଏବଂ ଭିତ୍ତିଭୂମି ସବୁର ସୁପରିଚାଳନା ତଥା ସମ୍ପ୍ରସାରଣ କ୍ଷେତ୍ରରେ ଏକ ଚାପସୃଷ୍ଟି ପ୍ରମୁଖ ସମସ୍ୟା ଅଟେ। ଯେହେତୁ କଟକ ଏକ ପୁରାତନ ସହର, ତେହେତୁ ଏଠାରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସହିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଅବସ୍ଥିତ ଯାହାକି, ପୂର୍ବ ଭାରତରେ ଭେଷଜ ଶିକ୍ଷା, ତାଲିମ, ଗବେଷଣା ଏବଂ ରୋଗୀ ମାନଙ୍କର ସେବା ଯତ୍ନ କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ହିସାବରେ ବିଦ୍ୟମାନ ଅଟେ । ଉକ୍ତ ଅନୁଷ୍ଠାନଟି କଟକ ସହରର ମଧ୍ୟ ଭାଗରେ ୮୭.୩୨ ଏକରର ବିସ୍ତୃତ ପରିସରରେ ଅବସ୍ଥିତ। ଏହା ମଧ୍ୟ ଜାତୀୟ ଭେଷଜ ବିଜ୍ଞାନ ପରିସର ଦ୍ୱାରା ଭେଷଜ ତଥା ଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ ସ୍ୱତନ୍ତ୍ର ବିଷୟ ସମୂହ ଉପରେ ଶିକ୍ଷା ତଥା ତାଲିମ ପ୍ରଦାନକାରୀ ଏକ ଆଦର୍ଶ ଅଣସ୍ନାତକ ପ୍ରତିଷ୍ଠାନ ଭାବରେ ବିବେଚିତ ହୋଇପାରିଅଛି। ଉପରୋକ୍ତ କାରଣ ହେତୁ, ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଜନିତ ସମସ୍ୟା ସବୁର ସମାଧାନ ପାଇଁ ଉକ୍ତ ସହରକୁ ପ୍ରତ୍ୟହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତଥା ରାଜ୍ୟ ବାହାରୁ ଅନେକ ଜନସାଧାରଣ ଯାତାୟାତ କରିଥାନ୍ତି । ଅଧୁନା, ଓଡିଶା ସରକାର ଉକ୍ତ ଅନୁଷ୍ଠାନଟିକୁ ଏକ ବିଶ୍ୱସ୍ତରୀୟ ସ୍ୱତନ୍ତ୍ର ଚିକିତ୍ସାଳୟ ଭାବରେ ଗଢିତୋଳିବାର ପ୍ରୟାସ ଜାରି ରଖିଛନ୍ତି ଏବଂ ତଦନୁଯାୟୀ ଉକ୍ତ ଚିକିତ୍ସାଳୟ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମିର ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ମଧ୍ୟ ତାଙ୍କର ଯୋଜନା ପ୍ରଣୟନ କରି ଅଛନ୍ତି । ଯଦିଓ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ମାତ୍ର ସମଭାବରେ ବହୁଳ ଜନସାଧାରଣଙ୍କର ଉକ୍ତ ସହର ମଧ୍ୟକୁ ଯାତାୟାତ ହେତୁ ସହର ମଧ୍ୟରେ ଉଭୟ ଯାନବାହାନ ଏବଂ ଜନଗହଳି ଭଳି ପରିସ୍ଥିତିର ସୃଷ୍ଟି ହେବାର ସୁଯୋଗ ମଧ୍ୟ ରହିଅଛି । ଏହି ପ୍ରକାରର ଜନସାଧାରଣ ତଥା ଯାନବାହାନ ସବୁର ଅଧିକତର ଯାତାୟାତ ଜନିତ ଗହଳି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନୀତିନିୟମ ପ୍ରତି ଏକ ପ୍ରକାରର ସମସ୍ୟା ସୃଷ୍ଟି କରାଇବ। ଏହା ଉଭୟ ସହରୀକରଣ ତଥା ଚଳପ୍ରଚଳ କ୍ଷେତ୍ରରେ ସମନ୍ୱୟ ରକ୍ଷା ଦିଗରେ ବାରମ୍ବାର ସରକାରୀ ନୀତିନିୟମ ସବୁର ପ୍ରୟୋଗ ପାଇଁ ବାଧା ସୃଷ୍ଟି କରିବ । ଉକ୍ତ ଅପ୍ରତ୍ୟାଶିତ ଯାତାୟାତ ଜନିତ ଜନଗହଳିର ହ୍ରାସ ପ୍ରତି ଧ୍ୟାନଦେଇ ରାଜ୍ୟ ସରକାର ଉକ୍ତ ସହର ମଧ୍ୟ ଦେଇ ଚଳପ୍ରଚଳ କରୁଥିବା ଜନସାଧାରଣଙ୍କର ସୁବିଧା ଉଦ୍ଦେଶ୍ୟରେ ବର୍ତ୍ତମାନ ବିଦ୍ୟମାନଥିବା ରାସ୍ତାସବୁର ଦୃଢ଼ୀକରଣ ତଥା ପ୍ରଶସ୍ତିକରଣ କରିବା ସହିତ ରାସ୍ତା ମାନଙ୍କର ସଂଯୋଗ ସ୍ଥଳୀ କିମ୍ବା ଛକ ମାନଙ୍କର ବିକାଶ ଉଦ୍ଦ୍ୟେଶରେ ଯୋଜନା ପ୍ରଣୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ସରକାର କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲ ଇଲାକାରେ ଅବସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ପାଇଁ ରାସ୍ତା ନିର୍ମାଣର ପ୍ରୟାସକୁ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଅଛନ୍ତି । ଉକ୍ତ ଯୋଜନାରେ ତାଳଦଣ୍ଡା କେନାଲର ଦକ୍ଷିଣପଟ ବନ୍ଧରେ ଚେନଜ ୧/୫୫୦ କି.ମି.ଠାରୁ ଚେନଜ ୩/୦୭୦ କି.ମି. ମଧ୍ୟସ୍ଥ ବର୍ତ୍ତମାନର ରାସ୍ତାକୁ ଦୃଢ ଏବଂ ପ୍ରଶସ୍ତିକରଣ କରିବା ପ୍ରତି

ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଅଛି । ଉକ୍ତ ରାସ୍ତାର ବିକାଶ ପାଇଁ କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲର ଛତ୍ରବଜାର ଅଞ୍ଚଳରୁ ସମୁଦାୟ ଏ. ୦.୦୯୯୦ କର ଘରୋଇ ଜମିର ଅଧିଗ୍ରହଣ କରାଯିବାର ବ୍ୟବସ୍ଥା ରହିଅଛି ।

## ଅଧ୍ୟୟନର ବିଷୟବସ୍ତୁ

ଜମି ଅଧିଗ୍ରହଣ ପାଇଁ ଉଦ୍ଧିଷ୍ଟ ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ, ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର, କଟକ ଜିଲ୍ଲା ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳର ୟୁନିଟ-୨୩, ସାମନ୍ତସାହି ଓ ୟୁନିଟ-୩୩, ବିଶିନବର ଅଞ୍ଚଳରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ପାଦନା କରିବା ଉଦ୍ଦେଶ୍ୟରେ ଏହାର ଏକ ସୂଚୀଭୁକ୍ତ ସଂସ୍ଥା ଆର.ଏ.ସି, ଭୁବନେଶ୍ୱରଙ୍କୁ ଦାୟିତ୍ୱ ଅର୍ପଣ କରିଅଛନ୍ତି । ଉକ୍ତ ଅଧ୍ୟୟନର ସମ୍ପାଦନ ପାଇଁ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ, ତାଙ୍କର ପତ୍ର ସଂଖ୍ୟା: ଆର.ଡି.ଏମ.-ଏଲ.ଏ.ଏ.-ସି.ଟି.ସି.-୦୦୦୧-୨୦୨୩-୧୯୯୧୬/ଆର.ଓ ଡି.ଏମ ତା. ୦୧.୦୬.୨୦୨୩ ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରି ଅଛନ୍ତି । ଅଧ୍ୟୟନଟିର ଲକ୍ଷ୍ୟ ତଥା କାର୍ଯ୍ୟ ପରିସର ଅନୁଯାୟୀ ଉକ୍ତ ଅଧ୍ୟୟନଟିର ସମ୍ପାଦନ କାଳରେ ଉଭୟ ଜନସଂଖ୍ୟା ସର୍ବେକ୍ଷଣ ଏବଂ ନମୁନା ସର୍ବେକ୍ଷଣ ପ୍ରଣାଳୀ ସବୁର ପ୍ରୟୋଗ କରାଯାଇଅଛି ।

ଉକ୍ତ ମୂଲ୍ୟାୟନ ସମ୍ପାଦନ ଉଦ୍ଦେଶ୍ୟରେ ରାଜ୍ୟ ଏସ.ଆଇ.ଏ. ୟୁନିଟ୍ ଦ୍ୱାରା ପ୍ରଦତ୍ତ କାର୍ଯ୍ୟାଦେଶାନୁଯାୟୀ ଉକ୍ତ ପ୍ରକଳ୍ପ ଅଞ୍ଚଳରେ ୨ଜଣ ପଟ୍ଟାଧାରୀଙ୍କର ଏ. ୦.୦୯୯୦ କର ପରିମାଣର ଭୂଖଣ୍ଡ ଅଧିଗ୍ରହଣ କରାଯିବାର ବ୍ୟବସ୍ଥା ରହିଅଛି । ଯେହେତୁ ଦୁଇଜଣ ପଟାଧାରକ ମଧ୍ୟରୁ ଜଣେ ପାଟାଧାରକ ଜୀବିତ ନାହାନ୍ତି ତେଣୁ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କୀୟମାନେ, ଯେଉଁମାନେ କି ପଟ୍ଟାଧାରକଙ୍କର ପରିବର୍ଦ୍ଧିତ ପରିବାର ହିସାବରେ ଗଣ୍ୟ, ସେମାନେ ଉକ୍ତ ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଯାଉଅଛନ୍ତି । ଏହି ପରିପ୍ରେକ୍ଷୀରେ ମୃତ ପଟ୍ଟାଧାରକଙ୍କର ସମ୍ପ୍ରସାରିତ ପରିବାର ସହିତ ଯୋଗାଯୋଗ କରିବାବେଳେ ସେମାନେ ପ୍ରତ୍ୟକ୍ଷ କ୍ରୟ ପଦ୍ଧତି ମାଧ୍ୟମରେ ସେମାନଙ୍କର ଜମି ଦେବା ପାଇଁ ସେମାନଙ୍କର ସମ୍ମତି ବିଷୟରେ ସ୍ପଷ୍ଟ କରିଥିଲେ, ତେଣୁ ସେମାନେ କହିଥିଲେ ଯେ ଅଧ୍ୟୟନର ଉଦ୍ଦେଶ୍ୟ ପାଇଁ ସେମାନଙ୍କର ସର୍ବେକ୍ଷଣର କୌଣସି  ଆବଶ୍ୟକତା ନାହିଁ କାରଣ ସେମାନେ ପ୍ରତ୍ୟକ୍ଷ କ୍ରୟ ପଦ୍ଧତିରେ ଦେବେ  ଜମି | ତେବେ, ଦ୍ୱିତୀୟ ପଟ୍ଟାଧାରକ ଶ୍ରୀ ଗଣେଶ ଜୀଉ ବିଜେ ଛତ୍ରବଜାର ପଞ୍ଚସହି ମଧୁ ବୈଶ୍ୟ ସମାଜ ନାମରେ ୧୧ ଟି ମାର୍ଫତଦାରଙ୍କୁ ନେଇ ଗଠିତ | ସେହି ମାର୍ଫତଦାର ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରୁଥିବାବେଳେ, ସର୍ଭେ ପ୍ରକ୍ରିୟା ସମୟରେ କ୍ଷେତ୍ର ଅନୁସନ୍ଧାନକାରୀ ଦଳ କଟକ ସହରରେ ରହୁଥିବା ଦୁଇଟି ମାର୍ଫତଦାର ପରିବାର ପାଇଛନ୍ତି | ଅଧିକନ୍ତୁ, ଯୋଗାଯୋଗ ହୋଇଥିବା ଦୁଇ ମାର୍ଫତଦାରଙ୍କର ସମୁଦାୟ ପାଞ୍ଚଟି ସମ୍ପ୍ରସାରିତ ପରିବାର ଉପରେ ସର୍ଭେ କରାଯାଇଥିଲା । କିନ୍ତୁ ଅବଶିଷ୍ଟ ପରିବାରଗୁଡିକ ସହର ବାହାରେ କୌଣସି ସ୍ଥାନରେ ରହୁଥିବାରୁ ସେମାନଙ୍କୁ ସର୍ଭେ କରାଯାଇ ନାହିଁ ଏବଂ ସେମାନଙ୍କର ପ୍ରକୃତ ସ୍ଥାନ ଚିହ୍ନଟ ହୋଇପାରି ନାହିଁ । ଉକ୍ତ ପ୍ରଭାବିତ ପରିବାର ମାନଙ୍କ ବ୍ୟତୀତ ପ୍ରକଳ୍ପ ଅଞ୍ଚଳରେ ବସବାସ କରୁଥିବା ୨୦ ଗୋଟି ଅଣପ୍ରଭାବିତ/ ଅଣ ଜମିହରା ଗୃହ

ମାନଙ୍କୁ ନିୟନ୍ତ୍ରକ ନମୁନା ପରିବାର ହିସାବରେ ପ୍ରସ୍ତାବିତ ପ୍ରକଳ୍ପ ଜନିତ ପ୍ରଭାବ ସମ୍ପର୍କରେ ସୂଚନା ଓ ବ୍ୟକ୍ତିଗତ ମତାମତ ସଂଗ୍ରହ ଉଦ୍ଦେଶ୍ୟରେ ମଧ୍ୟ ସର୍ବେକ୍ଷଣ କରାଯାଇଥିଲା ।

## ଅଧ୍ୟୟନ ଜନିତ ଅନୁସନ୍ଧାନର ସିଦ୍ଧାନ୍ତ ସମୂହ

### *ପ୍ରଭାବିତ ପରିବାର ମାନଙ୍କର ସାମାଜିକ ଅର୍ଥନୈତିକ ପାର୍ଶ୍ଵ ଚିତ୍ର*

ସର୍ବେକ୍ଷଣ କାର୍ଯ୍ୟକଳାପ ମଧ୍ୟରେ ଏହା ଲକ୍ଷ୍ୟ କରାଗଲା ଯେ, ଗୃହଭିତ୍ତିକ ସର୍ବେକ୍ଷଣ ପାଇଁ ସାକ୍ଷାତକାର କ୍ଷେତ୍ରରେ ସମସ୍ତ ୫ ଗୋଟି ଗୃହ ମାନଙ୍କର ମଧ୍ୟରୁ ୪ ଗୋଟି (୮୦.୦୦%) ଗୃହର ଉତ୍ତରଦାତା ସମ୍ପୃକ୍ତ ଗୃହ ମାନଙ୍କର ପୁରୁଷ ସଦସ୍ୟ ଥିଲେ । ଏହା ଏକ ସୂଚନା ପ୍ରଦାନ କରେ ଯେ, ସର୍ବେକ୍ଷଣ ହୋଇଥିବା ଗୃହ ମାନଙ୍କରେ ପୁରୁଷ ସଦସ୍ୟମାନେ ଗୃହର ମୁଖ୍ୟ ନିଷ୍ପତି ଗ୍ରହଣକାରୀ ସଦସ୍ୟ ଅଟନ୍ତି । ପୁନଶ୍ଚ, ପ୍ରଭାବିତ ପରିବାରର ସଦସ୍ୟ ମାନଙ୍କର ଲିଙ୍ଗଗତ ବଣ୍ଟନ ଦର୍ଶାଏ ଯେ, ୫ ଗୋଟି ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ସମୁଦାୟ ଜନସଂଖ୍ୟା ୩୨ ଜଣ ସଦସ୍ୟ ମାନଙ୍କ ମଧ୍ୟରୁ **୧୮** ଜଣ (**୫୬.୨୫**%) ସଦସ୍ୟ ପୁରୁଷ ହୋଇଥିବା ସ୍ଥଳେ ୧୪ ଜଣ (**୪୭.୭୫**%) ମହିଳା ସଦସ୍ୟ ଅଟନ୍ତି ।

୬୦% ରୁ ଅଧିକ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିବିଶେଷଙ୍କର ସେମାନଙ୍କ ପରିବାର ପାଇଁ, ନିଜସ୍ୱ ରୋଜଗାରରୁ କିଛି ଅଂଶ ପ୍ରଦାନ କରିବାର ସାମର୍ଥ୍ୟ ରହିଛି । ପୁନଶ୍ଚ, **୧୨.୫**% ବ୍ୟକ୍ତି ବିଶେଷ ୧୮ ବର୍ଷ ବୟସରୁ କମ ବର୍ଗରେ ଆସନ୍ତି, ଯେଉଁମାନେ କି, ସେମାନଙ୍କ ପରିବାରର ରୋଜଗାର କ୍ଷମ ସଦସ୍ୟ ମାନଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ଅନ୍ୟ ପକ୍ଷରେ, ଅବଶିଷ୍ଟ **୨୧.୮୭**% ଅନୁପାତର ଜନସଂଖ୍ୟା ୬୦ ବର୍ଷ ଓ ତଦୁର୍ଦ୍ଧ ବର୍ଗରେ ଆସୁଥିବାର ଉପଲବ୍ଧ ହେଉଅଛି । ଅଧିକନ୍ତୁ, ଏହା ଉପଲବ୍ଧ ହୁଏ ଯେ, ପ୍ରକଳ୍ପ ପ୍ରଭାବିତ ମାନଙ୍କ ମଧ୍ୟରେ ବହୁଳ ଅନୁପାତର ପ୍ରଭାବିତ ବ୍ୟକ୍ତିବିଶେଷ ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବର୍ଗରେ ଅଛନ୍ତି । ଅର୍ଥାତ, ଏହା ରାଜ୍ୟ ଅନୁପାତ ୯.୩% (ଜନଗଣନା,୨୦୧୧) ଠାରୁ ଯଥେଷ୍ଟ ଅଧିକ ଅଟେ ।

ଜାତିଭିତ୍ତିକ ବର୍ଗୀକରଣ ପ୍ରତି ଦୃଷ୍ଟିପାତ କଲେ ଏହା ସୂଚିତ ହୁଏ ଯେ, ପ୍ରକଳ୍ପ ପ୍ରଭାବିତ ପରିବାର ସମୂହ ଦୁଇଟି ସାମାଜିକ ବର୍ଗ ବିଶିଷ୍ଟ ଅଟନ୍ତି ଯଥା: ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ ବର୍ଗ, ଯେଉଁ କ୍ଷେତ୍ରରେ କି, ଦ୍ୱିତୀୟରେ ଦର୍ଶାଯାଇଥିବା ବର୍ଗଟି ପୂର୍ବ ବର୍ଗ ଅପେକ୍ଷା ସାମାନ୍ୟ ପୃଥକ ଅଟେ । ଜାତିଗତ ବଣ୍ଟନ ବିଷୟରେ ଆଲୋଚନାରୁ ଜଣାପଡେ ଯେ, ସମସ୍ତ ପ୍ରଭାବିତ ବ୍ୟକ୍ତିବିଶେଷ ମୂଳତଃ ଗୋଟିଏ ବର୍ଗ, ଅର୍ଥାତ ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି । କିନ୍ତୁ, ପରିବାରର ଦୁଇ ଜଣ ମହିଳା ସଦସ୍ୟ ସାଧାରଣ ବର୍ଗରେ ବିବାହ କରିଥିବାରୁ, ସେମାନଙ୍କ କ୍ଷେତ୍ରରେ ଏହିପରି ବ୍ୟତିକ୍ରମ ଅଧୁନା ପରିଲକ୍ଷିତ ହେଉଅଛି । ତେଣୁ, ପ୍ରଭାବିତ ପରିବାର ମାନଙ୍କ ମଧ୍ୟରୁ ସମସ୍ତ ୫ ଗୋଟି ପରିବାର (**୧୦୦**%) ଅନ୍ୟାନ୍ୟ ପଛୁଆ ବର୍ଗରେ ଆସୁଅଛନ୍ତି । ପ୍ରଭାବିତ ପରିବାର ମାନଙ୍କର ଧର୍ମ ଦୃଷ୍ଟିକୋଣରୁ ବିଚାର କଲେ, ଏହା ଦର୍ଶାଯାଇଅଛି ଯେ, ସମସ୍ତ ପ୍ରଭାବିତ ପରିବାର ହିନ୍ଦୁ ଧର୍ମର ଅଟନ୍ତି ।

ସମସ୍ତ ପ୍ରଭାବିତ ମାନଙ୍କ ମଧ୍ୟରୁ ୧୮.୭୬% ସ୍ନାତକ, ୩୪.୩୮% ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଅର୍ଥାତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ, ୬.୨୫% ସ୍ନାତକୋତ୍ତର ଏବଂ ୩.୧୨% ପେଶାଗତ ସ୍ନାତକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଅଛନ୍ତି । ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ଦେଖିଲେ ମାତ୍ର ୩ ଜଣ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିବିଶେଷ ବିଭିନ୍ନ ପ୍ରକାରର ବୈଷୟିକ ସ୍ନାତକସ୍ତର ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଅଛିନ୍ତି ।

ସର୍ବେକ୍ଷଣ ହୋଇଥିବା ପରିବାରର ବୃତ୍ତି/ପେଶା ଆଦିକୁ ଲକ୍ଷ୍ୟ କଲେ ଏଥିରୁ ପ୍ରକଟ ହୁଏ ଯେ, ସମୁଦାୟ ଜନସଂଖ୍ୟା ମଧ୍ୟରୁ ୧୬ (୫୦.୦୦%)ଜଣ ସଦସ୍ୟ ସେମାନଙ୍କ ପରିବାରର ଜୀବିକା ନିର୍ବାହ ପାଇଁ କିଛି ନା କିଛି ଅର୍ଥନୈତିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ସ୍ଥଳେ, ପରିବାରର ଅବଶିଷ୍ଟ ସଦସ୍ୟମାନେ ସେମାନଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ୪ ଗୋଟି ପ୍ରଭାବିତ ପରିବାରର ବାର୍ଷିକ ଆୟ ଟ.୩,୦୦,୦୦୦/- ରୁ ଉର୍ଦ୍ଧ୍ୱଅଟେ ଏବଂ ୧ ଗୋଟି ପ୍ରଭାବିତ ପରିବାରର ବାର୍ଷିକ ଆୟ ଟ. ୧,୦୦,୦୦୦/- ରୁ ଟ. ୨,୦୦,୦୦୦/- ମଧ୍ୟରେ ଅଟେ । ୩ଟି ଗୃହ କିମ୍ବା **୬୦.୦୦%** ସର୍ବେକ୍ଷଣ କରାଯାଇଥିବା ପରିବାର ସମୁହ ମାସିକ ଟ.୧୦,୦୦୦/- ରୁ ଉର୍ଦ୍ଧ୍ୱ ସେମାନଙ୍କର ଖାଦ୍ୟ ସାମଗ୍ରୀ ବାବଦରେ ବ୍ୟୟ କରୁଥିବା ସ୍ଥଳେ କେବଳ ଦୁଇଟି ପରିବାର ଖାଦ୍ୟ ସାମଗ୍ରୀ ବାବଦରେ ମାସିକ ଟ. ୧୦,୦୦୦/- ରୁ କମ ଖର୍ଚ୍ଚ କରିଥାଏ ।

ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ଗୃହର ଗଠନ ସମ୍ବନ୍ଧରେ ତର୍ଜମା କଲେ ଏହା ଦର୍ଶାଏ ଯେ, ସମସ୍ତ ପ୍ରଭାବିତ ପରିବାର ସମୁହ, ସେମାନଙ୍କର ନିଜସ୍ୱ ବାସଗୃହ, ଯେଉଁଗୁଡିକ ଇଟା ସିମେଣ୍ଟରେ ତିଆରି ହେବା ସହିତ କଂକ୍ରିଟ ଛାତ ବିଶିଷ୍ଟ ଅଟେ, ସେହିଭଳି ଗୃହ ମାନଙ୍କରେ ବସବାସ କରିଆସୁଛନ୍ତି । ଏହା ମଧ୍ୟ ଅନୁଧ୍ୟାନ କରାଗଲା ଯେ, ସେହି ସବୁ ଗୃହମାନଙ୍କର ଚଟାଣ ସବୁର ଗଠନ ଦୃଷ୍ଟିରୁଦେଖିଲେ, ୩ ଗୋଟି ଗୃହ ମାନଙ୍କ କ୍ଷେତ୍ରରେ ଚଟାଣସବୁଟାଇଲରେ ତିଆରି ହୋଇଥିବା ସ୍ଥଳେ ଅନ୍ୟ ୨ ଗୋଟି ଗୃହ ମାନଙ୍କ କ୍ଷେତ୍ରରେ କେବଳ ସିମେଣ୍ଟରେ ତିଆରି ହୋଇଥିଲା । ସମସ୍ତ ପ୍ରଭାବିତ ଗୃହ ମାନଙ୍କରେ ନଗରୀୟ ସୁବିଧା ସମୁହ ଯଥା: ଗାଧୁଆ ଘର, ଶୌଚାଳୟ ଏବଂ ଅନ୍ୟାନ୍ୟ ଧୁଆଧୋଇ କରିବାପାଇଁ ଉଦ୍ଦିଷ୍ଟ ସ୍ଥାନ ଗୃହ ମଧ୍ୟରେ ଉପଲବ୍ଧ ଥିବା ସହିତ ବିଜୁଳି ସଂଯୋଗର ସୁବିଧାମାନ ମଧ୍ୟ ରହିଅଛି । ତେଣୁ, ଏଥିରୁ ସ୍ପଷ୍ଟ ଅନୁମିତ ହେଲା ଯେ, ପ୍ରଭାବିତ ପରିବାର ସମୁହ ଉତ୍ତମ ଭାବରେ ଗଠିତ ଗୃହ ମାନଙ୍କରେ ସମସ୍ତ ପ୍ରକାରର ମୌଳିକ ସୁବିଧାସୁଯୋଗ ସହିତ ବସବାସ କରୁଅଛନ୍ତି ।

ସମୁଦାୟ ୫ ଗୋଟି ପ୍ରଭାବିତ ପରିବାରମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କର ମାଲିକାନାରେ ଟେଲିଭିଜନ ସେଟ, ରେଫ୍ରୀଜରେଟର, ଟେଲିଫୋନ, ରାନ୍ଧଣା ଗ୍ୟାସ, ଦୁଇ ଚକିଆ ଯାନ, ଗହଣା ଗାଣ୍ଠି ଏବଂ ଆବଶ୍ୟକୀୟ ବାସନକୁସନ ସେମାନଙ୍କର ଗୃହରେ ଅଛି । ଏହାଛଡା ଉକ୍ତ ୫ ଗୋଟି ଗୃହ ମଧ୍ୟରୁ ୧ଟି ଗୃହରେ ଚାରିଚକିଆ ଯାନ ଓ ୨ଟି ଗୃହରେ ଏଆର କଣ୍ଡିସନର ମଧ୍ୟ ରହିଅଛି ।

ସମୁଦାୟ ସର୍ବେକ୍ଷଣ ହୋଇଥିବା ପରିବାର ମାନଙ୍କ ମଧ୍ୟରୁ ୪ଟି (୮୦.୦୦%) ପରିବାର ଘରୋଇ ଚିକିତ୍ସାଳୟକୁ କିମ୍ବା କ୍ଲିନିକକୁ ଯାଉଥିବା ସ୍ଥଳେ ମାତ୍ର ୧ଟି (୨୦.୦୦%) ପରିବାର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂଚିକିତ୍ସାଳୟକୁ ଯାଇଥିଲେ । ଉକ୍ତ ତଥ୍ୟରୁ ଏହା ସୁସ୍ପଷ୍ଟ ହୁଏ ଯେ, ଅଧିକାଂଶ ପରିବାର ଘରୋଇ ସ୍ୱାସ୍ଥ୍ୟ ସେବା

ସୁବିଧା ମାନଙ୍କୁ ଯାଇଥାନ୍ତି କାରଣ, କଟକ ସହରରେ ଏହି ସଂସ୍ଥାର ବହୁଳତା ତଥା ସେମାନେ ଏଥିପାଇଁ ଅର୍ଥ ବ୍ୟୟ କରିବାକୁ ସମର୍ଥ ଅଟନ୍ତି ।

ମହିଳାମାନେ ନିଷ୍ପତିଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ପରିବାରର ପୁରୁଷ ସଦସ୍ୟଙ୍କ ସହିତ ସମକକ୍ଷ ହୋଇ ଗୃହସ୍ତରୀୟ ବିଷୟବସ୍ତୁରେ ଭାଗ ନେଇଥାନ୍ତି । ସେ ଯାହା ହେଉନା କାହିଁକି, ପିଲାମାନଙ୍କର ସ୍ୱାସ୍ଥ୍ୟସେବା ଯତ୍ନ, ଦୈନନ୍ଦିନ ଗୃହଚର୍ଯ୍ୟା ଏବଂ ପରିବାର ପାଇଁ  ମହିଳା ମାନଙ୍କର ରୋଜଗାର ବିଷୟକ କ୍ଷେତ୍ରରେ ମହିଳାମାନେ ଆଗରେ ରହୁଥିବା ବେଳେ ପୁରୁଷମାନେ ଆର୍ଥିକ ବିଷୟବସ୍ତୁ ଏବଂ ଜମି ତଥା ସମ୍ପଦ ସମ୍ବନ୍ଧୀୟ ବିଷୟ ମାନଙ୍କରେ ନିଷ୍ପତି ଗ୍ରହଣ କରିବାରେ ମହିଳା ମାନଙ୍କଠାରୁ ଆଗରେ ରହୁଅଛନ୍ତି । ଏହା ବ୍ୟତୀତ ଅନ୍ୟ ସବୁ ବିଷୟରେ ଉଭୟେ ମିଳିମିଶି ନିଷ୍ପତି ନେଇଥାନ୍ତି ।

## ଭୂମିର ମୂଲ୍ୟାୟନ

ଜମି ମାଲିକାନା କ୍ଷେତ୍ରରେ ପ୍ରାଥମିକ ସ୍ତରରେ ସଂଗୃହିତ ତଥ୍ୟର ପର୍ଯ୍ୟାଲୋଚନା ଦର୍ଶାଏ ଯେ, ପ୍ରଭାବିତ ଗୃହ ମାନଙ୍କର ମାଲିକାନାରେ ସମୁଦାୟ ଏ. ୧.୦୧୨କର ଜମି ରହିଅଛି । ନିଜସ୍ୱ ମାଲିକାନାନ୍ତର୍ଗତ ଜମି ସବୁକୁ କିସମ ଭିତ୍ତିରେ ଦେଖିଲେ ଜଣାପଡେ ଯେ, ସମୁଦାୟ ଜମି ମଧ୍ୟରୁ ପ୍ରାୟ ଏ.0.୬୦୦କର (୫୯.୨୯%) ଜମି ଅଣଜଳସେଚିତ ଧାର୍ମିକ ସ୍ଥଳ ଅଟେ । ଏହା ଛଡ଼ା ଏ.0.୪୧୨କର (୪୦.୭୧%)ଜମି ଘରବାଡ଼ି କିସମର ଯାହାକି ପ୍ରଭାବିତ ପରିବାର ମାନଙ୍କର ମାଲିକାନାରେ ରହିଛି । ପୁନଶ୍ଚ ଏହା ଦେଖାଗଲା ଯେ, ପ୍ରସ୍ତାବିତ ପ୍ରକଳ୍ପଟିରେ ପ୍ରଭାବିତ ହେବାକୁ ଥିବା ପରିବାର ମାନଙ୍କର କୌଣସି ବାସୋପଯୋଗୀ ଗୃହ ପ୍ରଭାବିତ ହେଉନାହିଁ । ସେଠାରେ ଏକ ବାଣିଜ୍ୟିକ ଗଠନ ଅଛି ଯାହା ଏକ ପନିପରିବା ଗୋଦାମ ଭାବରେ ବ୍ୟବହୃତ ହେଉଛି | ଏହା ସୁରେଶ ଚନ୍ଦ୍ର କାଳିଆ ନାମକ ପଟାଧାରକଙ୍କର ଅଟେ | ଅନ୍ୟ ପଟାଧାରକ ଅର୍ଥାତ୍ ମଧୁ ବୈଶ୍ୟ ସମାଜ ପ୍ରଭାବିତ ଜମିକୁ ଗଣେଶ ମନ୍ଦିର ପାଇଁ ବ୍ୟବହାର କରିଛନ୍ତି ଏବଂ ପ୍ରସ୍ତାବିତ ପ୍ରକଳ୍ପ ଯୋଗୁଁ ଏହାର ପାଚେରୀ କାନ୍ଥର କୋଣ ଅଂଶ ପ୍ରଭାବିତ ହେବାକୁ ଯାଉଛି | ଉକ୍ତ ଜମିର ଅଧିଗ୍ରହଣ ପାଇଁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାର ମାନେ, ସେମାନଙ୍କର ଉକ୍ତ କ୍ଷତି ହେତୁ ପାଇଁ ପ୍ରଚଳିତ ନିୟମ ଅନୁଯାୟୀ ଅଧିଗ୍ରହଣ ଉଦ୍ଦେଶ୍ୟରେ ନିଯୁକ୍ତ ନିର୍ଦ୍ଦିଷ୍ଟ ଅଧିକାରୀ ମାନଙ୍କର ତନଖି ପରେ ସଠିକ ଭାବରେ କ୍ଷତିପୂରଣ ପାଇବେ । ସର୍ବୋପରି, ପ୍ରକଳ୍ପ ଉଦ୍ଦେଶ୍ୟରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଖଣ୍ଡିକ ପ୍ରଭାବିତ ପରିବାର ମାନଙ୍କର ସର୍ବମୋଟ ମାଲିକାନାଧୀନ ଜମିର ମାତ୍ର ୯.୭୮% ଅଟେ ।

## ପ୍ରକଳ୍ପ ହେତୁ ପ୍ରଭାବ

ସର୍ବେକ୍ଷଣ ସମୟରେ ସଂଗୃହିତ ତଥ୍ୟ ଅନୁଯାୟୀ, ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କରୁ ସମୁଦାୟ ୬୦% ପରିବାର ମାନଙ୍କର ବିଭିନ୍ନ ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପ ରହିଅଛି ଏବଂ ଗୋଟିଏ ପରିବାରର ପ୍ରକଳ୍ପ ପ୍ରଭାବିତ ଜମିରୁ କିଛି ରୋଜଗାର ରହିଛି । ସୂଚନା ଅନୁଯାୟୀ ଏହା ସିମେଣ୍ଟରେ ତିଆରି ଏକ କୋଠାଘର, ଯାହାକି ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା। ଉକ୍ତ କୋଠାଘରଟିର କ୍ଷତି ହେତୁ, ଏହାର ମାଲିକ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହୋଇଥିବା ସ୍ଥଳେ, ଯେଉଁ ଜନସାଧାରଣ ଉକ୍ତ ନିର୍ମାଣ ଉପରେ ନିର୍ଭର କରି ସେମାନଙ୍କର ଜୀବିକା ନିର୍ବାହ

କରୁଥିଲେ, ସେମାନେ ପରୋକ୍ଷରେ ପ୍ରଭାବିତ ହେବେ । ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ହେତୁ ଏକ ଧାର୍ମିକ ସ୍ଥଳୀ (ଗଣେଶ ମନ୍ଦିର) ପ୍ରଭାବିତ ହେବ ।

ଅଧିକନ୍ତୁ ଏହା ଚିନ୍ତା କରାଯାଇପାରେ ଯେ, ଜମି ଅଧିଗ୍ରହଣ ପରେ ଯେତେବେଳେ ପ୍ରସ୍ତାବିତ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ, ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଯାତାୟତକାରୀ ମାନେ ଭିଡ଼ର ସମ୍ମୁଖୀନ ହେବେ, କାରଣ ଉକ୍ତ ରାସ୍ତାଦେଇ ସାଧାରଣତଃ ଅନେକ ଯାତାୟତକାରୀ ମାନଙ୍କର ଚଳ ପ୍ରଚଳ ଯଥେଷ୍ଟ ଅଧିକ ଅଟେ । ପୁନଶ୍ଚ, ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକୀୟ ସାମଗ୍ରୀ ଏବଂ ଯନ୍ତ୍ରପାତି ହେତୁ ଉକ୍ତ ବ୍ୟସ୍ତ ବହୁଳ ରାସ୍ତାର କିୟଦଂଶ ବନ୍ଦ ହେବାର ଅବସ୍ଥାକୁ ମଧ୍ୟ ଏଡାଯାଇନପାରେ । ସେ ଯାହା ହେଉନା କାହିଁକି, ଏହା ଆଶା କରାଯାଇ ପାରେ ଯେ, ଯାତାୟାତକାରୀ ମାନଙ୍କ କ୍ଷେତ୍ରରେ ଏହା ସାମୟିକ ସମୟ ପାଇଁ ସମସ୍ୟା ସୃଷ୍ଟି କରିପାରେ, କିନ୍ତୁ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବାପରେ ଏହି ରାସ୍ତା ସେମାନଙ୍କୁ ଅଧିକ ସ୍ଥାନ ପ୍ରଦାନକରିବାସହିତ ଅନ୍ୟ ପ୍ରକାରର ସୁବିଧା ଯୋଗାଇ ଦେବ । ଏହା ଛଡ଼ା, ଉକ୍ତରାସ୍ତା ଏହା ସହିତ ସଂଯୁକ୍ତ ଥିବା ଅନ୍ୟ ରାସ୍ତା ସବୁର ବିକାଶ ମଧ୍ୟ ହୋଇପାରିବ । ତେଣୁ, ଉକ୍ତ ପ୍ରକଳ୍ପଟିରେ ଏକ ଦୀର୍ଘକାଳୀନ ସୁବିଧା ପ୍ରାପ୍ତିର ସୁଯୋଗ ରହିବ । ତେଣୁ, ଏହା ଆଶା କରାଯାଏ ଯେ, ସର୍ବସାଧାରଣ ସମ୍ପଦ ଉପରେ ପଡ଼ିବାକୁ ଥିବା ଏହି ପ୍ରଭାବଟିର ଲକ୍ଷଣ ନ୍ୟୁନ ଏବଂ କ୍ଷଣସ୍ଥାୟୀ ଅଟେ ।

## ସଚେତନତା ଓ ଉପଲବଧି ସମ୍ବନ୍ଧୀୟ ଧାରଣା

ପ୍ରଭାବିତ ଅଞ୍ଚଳର ଜନ ସାଧାରଣ ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ବିଷୟରେ ବେଶ ସଚେତନ ଅଟନ୍ତି ଏବଂ ମତ ଦିଅନ୍ତି ଯେ, ଉକ୍ତ ଉଦ୍ୟମ ଫଳରେ ଉକ୍ତ ଅଞ୍ଚଳର ଜନ ସାଧାରଣ କ୍ଷତିପୂରଣ, ନିଯୁକ୍ତି ସୁଯୋଗ, ରାସ୍ତା ପାର୍ଶ୍ୱର ଛୋଟ ଛୋଟ ବ୍ୟବସାୟିକ କାର୍ଯ୍ୟକଳାପ କ୍ଷେତ୍ରରେ ଲାଭବାନ ହୋଇ ପାରିବେ । ଏସବୁ ବ୍ୟତିରକେ ଉତ୍ତମ ପରିବହନ ତଥା ଗମନା ଗମନର ସୁବିଧା ସହିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରୁ ସେବାଯତ୍ନ ପାଇବାରେ ଉକ୍ତ ଅଞ୍ଚଳର ଜନସାଧାରଣ ତଥା ବହିରାଗତ ଜନସାଧାରଣ ବେଶ ସୁବିଧା ହାସଲ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପକୁ ନେଇ ପ୍ରଭାବିତ ପରିବାର ମାନଙ୍କର ଉପଲବଧି କ୍ଷେତ୍ରରେ ପ୍ରାୟ ସମସ୍ତ ଉତ୍ତରଦାତା ସ୍ପଷ୍ଟ ଭାବରେ ବ୍ୟକ୍ତ କରନ୍ତି ଯେ, ଉକ୍ତ ପ୍ରଚେଷ୍ଟା ଫଳରେ ଗମନା ଗମନ ତଥା ପରିବହନ କ୍ଷେତ୍ରରେ ସୁବିଧା ପ୍ରଦାନ, ନିଯୁକ୍ତି ସୁଯୋଗ ପ୍ରଦାନର ଆଶା, ସ୍ଥାନୀୟ ଅର୍ଥନୀତିରେ ବୃଦ୍ଧି ଏବଂ ପ୍ରକାରାନ୍ତରେ ସ୍ଥାନୀୟ ଜନ ସାଧାରଣଙ୍କୁ ସୁବିଧା ପ୍ରଦାନ ଦିଗରେ ଯଥେଷ୍ଟ ଅବଦାନ ରହିବ । ଗମନା ଗମନ ଜନିତ ସୁବିଧା କ୍ଷେତ୍ରରେ ସେମାନେ ମତ ପ୍ରଦାନ କରନ୍ତି ଯେ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ ଉକ୍ତ ରାସ୍ତାଟିର ନିର୍ମାଣ ସ୍ଥାନୀୟ ଜନ ସାଧାରଣ ତଥା ବହିରାଗତ ରୋଗୀ ମାନଙ୍କର ସରଳ ଏବଂ ସମୟୋଚିତ ଗମନା ଗମନ ଜନିତ ସୁବିଧା ସୁଯୋଗ ପ୍ରଦାନ କରିବ । ଅଧିକନ୍ତୁ, ଉକ୍ତ ପ୍ରଶସ୍ତ ରାସ୍ତା ନିର୍ମାଣ ପ୍ରକଳ୍ପଟି ସ୍ଥାନୀୟ ଅଞ୍ଚଳରେ ସମ୍ପତ୍ତିର ମୂଲ୍ୟ ବୃଦ୍ଧି କ୍ଷେତ୍ରରେ ସହାୟକ ହେବ । କେତେକ ମତ ଦିଅନ୍ତି ଯେ, ଉକ୍ତ ନୂତନ ରାସ୍ତା ନିର୍ମାଣ ହେବା ଫଳରେ ସ୍ଥାନୀୟ ବ୍ୟବସାୟିକ ସଂସ୍ଥା ସମୂହର ବିକାଶ ମଧ୍ୟ ହୋଇପାରିବ ।

ପ୍ରକଳ୍ପ ହେତୁକ ସହାୟତା ବିଷୟରେ, ସମସ୍ତ ପ୍ରଭାବିତ ଗୃହ ସମୂହ ପ୍ରଚଳିତ ବଜାର ଦର ଆଧାରରେ ସେମାନଙ୍କର କ୍ଷତି ହେବାକୁ ଯାଉଥିବା ସମ୍ପଦ ପରିବର୍ତ୍ତେ ଆର୍ଥିକ କ୍ଷତିପୂରଣ ସପକ୍ଷରେ ମତ ପ୍ରଦାନ କରିଅଛନ୍ତି । ଉକ୍ତ ପସନ୍ଦ ବ୍ୟତୀତ, ପ୍ରଭାବିତ ପରିବାର ମାନଙ୍କଠାରୁ ଅନ୍ୟ କୌଣସି ପସନ୍ଦ ବିଷୟରେ କିଛିହେଲେ ସୂଚନା ପ୍ରାପ୍ତ ହୋଇନାହିଁ । ଅଧିକନ୍ତୁ, ପ୍ରାୟ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ପ୍ରସ୍ତାବିତ ପ୍ରକଳ୍ପ ସପକ୍ଷରେ ସହମତି ପ୍ରକାଶ କରିଅଛନ୍ତି ।

## ସୁପାରିଶ ସମୂହ

ପ୍ରକଳ୍ପଟିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପ୍ରାପ୍ତ ଅଧ୍ୟୟନ ଜନିତ ଅନୁସନ୍ଧାନର ସିଦ୍ଧାନ୍ତ ସମୂହର ଦୃଷ୍ଟି କୋଣରୁ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯାଇପାରେ ।

- ପ୍ରସ୍ତାବିତ ରାସ୍ତାର ସଜ୍ଜୀକରଣ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ସଠିକ ସୀମା ନିର୍ଧାରଣ କରାଯିବା ସହିତ ସମ୍ଭାବ୍ୟ ଗଠନ ଜନିତ କ୍ଷତିର ଆକଳନ କରାଯିବା ଉଚିତ ଏବଂ ନିୟମାନୁଯାୟୀ ସଠିକ କ୍ଷତି ପୁରଣ ମଧ୍ଯ ପ୍ରଦାନ କରାଯିବା ଉଚିତ ।
- ପ୍ରକଳ୍ପ କର୍ମକର୍ତ୍ତା ଉପରୋକ୍ତ ସମ୍ପତ୍ତିରୁ ସାମ୍ଭାବ୍ୟ ଆୟ ଜନିତ କ୍ଷତିର ମୂଲ୍ୟାୟନ କରିବା ଉଚିତ ଏବଂ ଉକ୍ତ ସମ୍ପତ୍ତି ସମ୍ପର୍କିତ ଆୟ ସମ୍ବନ୍ଧୀୟ କ୍ଷତି ଅନୁଯାୟୀ ପ୍ରଭାବିତଙ୍କୁ କ୍ଷତି ପୁରଣ ପ୍ରଦାନ କରାଯିବା ଉଚିତ ।
- ଜନ ସାଧାରଣ ଜମିକୁ କେବଳ ସେମାନଙ୍କର ଜୀବନ ଜୀବିକା ପାଇଁ ଅତ୍ୟାବଶ୍ୟକ ବୋଲି ବିଚାର କରିନଥାନ୍ତି କିନ୍ତୁ ଏକ ସମ୍ପଦ ହିସାବରେ ଏହାର ସ୍ଥାୟୀ ମୂଲ୍ୟ ପ୍ରତି ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ତେଣୁ, ସେମାନେ ଜମି ତଥା ଅନ୍ୟାନ୍ୟ ସମ୍ପତି ପାଇଁ ଅଧିକ କ୍ଷତି ପୂରଣର ଦାବି ଉପସ୍ଥାପନ କରି ଅଛନ୍ତି, ଯାହା ଫଳରେ ସେମାନେ ଏକ ବିକଳ୍ପ ପୋଷଣ ଯୋଗ୍ୟ ଆୟର ପନ୍ଥା ସୃଷ୍ଟି କରିପାରିବେ ।
- ଏହା ପରାମର୍ଶ ଦିଆଯାଇପାରେ ଯେ, ଗୋଟିଏ ବାଧାବିଘ୍ନ ମୁକ୍ତ ପ୍ରାପ୍ୟ ପ୍ରଦାନର ପ୍ରଣାଳୀ ଅନୁସରଣ କରାଯିବା ଉଚିତ କାରଣ, ସେମାନଙ୍କ ମଧ୍ୟରୁ ଅନେକ ଆଶଙ୍କା କରନ୍ତି ଯେ, ସରକାରୀ ପ୍ରଥା ଯଥେଷ୍ଟ ଅସୁବିଧା ଜଣକ ଅଟେ । ହୁଏତ ପ୍ରଭାବିତ ଜନ ସାଧାରଣଙ୍କ ପକ୍ଷରେ ସେମାନଙ୍କର କ୍ଷତି ପୁରଣ ରାଶି ପ୍ରାପ୍ତ ହେବାଟା ଏତେଟା ସହଜଲଭ୍ୟ ହେବନାହିଁ ।

ଯଦିଓ ଉକ୍ତ ପ୍ରକଳ୍ପଟିରେ ପ୍ରଭାବିତ ପରିବାର ମାନଙ୍କ ଉପରେ କେତେକ ଜଟିଳ ପ୍ରଭାବମାନ ରହିଛି, ତଥାପି ଆଶା କରାଯାଏ ଯେ, ଜମି ଅଧିଗ୍ରହଣକାରୀ ସଂସ୍ଥା ପ୍ରଭାବିତ ପରିବାର ମାନଙ୍କ ଉପରେ ଥିବା କ୍ଷତି ଜନିତ ପ୍ରଭାବ ହ୍ରାସ କରିବା ଦିଗରେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରିବେ ।

*********

# ଅଧ୍ୟାୟ-୧

# ଉପକ୍ରମ ଏବଂ ପ୍ରକଳ୍ପର ବର୍ଣ୍ଣନା

## ୧.୧. ଉପକ୍ରମଣିକା

ଭାରତବର୍ଷରେ ସଡ଼କପଥ କିମ୍ବା ରାସ୍ତା ସବୁକୁ ଗମନା ଗମନ ତଥା ପରିବହନର ଏକ ପ୍ରମୁଖ ମାଧ୍ୟମ ଭାବରେ ବିବେଚନା କରାଯାଇଥାଏ । ଫଳତଃ ସାରା ବିଶ୍ୱରେ ଉକ୍ତ ରାଷ୍ଟ୍ରର ଦ୍ୱିତୀୟ ବୃହତମ ସଡ଼କପଥ ବା ରାସ୍ତା ନେଟୱର୍କ ରହିଅଛି । ସଡ଼କପଥ ଦେଇ ଗମନା ଗମନ ତଥା ପରିବହନର ଏକ ପ୍ରମୁଖ ନିର୍ଭରଯୋଗ୍ୟ ମାଧ୍ୟମ ହୋଇଥିବାରୁ ଏହା ଗୋଟିଏ ଅଞ୍ଚଳର ବିଭିନ୍ନ ଭାଗକୁ ସଂଯୋଗ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୁର୍ଣ ଭୂମିକା ନିଭାଇବା ସହିତ ଗୋଟିଏ ରାଷ୍ଟ୍ର କିମ୍ବା ଅଞ୍ଚଳର ଅର୍ଥନୈତିକ ବିକାଶ ଦିଗରେ ଯଥେଷ୍ଟ ସୁବିଧା ସୁଯୋଗ ପ୍ରଦାନ କରିଥାଏ । ଗମନା ଗମନ ତଥା ପରିବହନ ସମ୍ବନ୍ଧୀୟ ବିଶ୍ଳେଷଣାତ୍ମକ ସିଦ୍ଧାନ୍ତ ସବୁରୁ ପ୍ରତୀୟମାନ ହୁଏ ଯେ, ସଡକପଥରେ ଗମନା ଗମନ ତଥା ପରିବହନ ଜନିତ ବିଶ୍ୱସନୀୟତା ଏବଂ ସରଳ ପ୍ରବେଶାଧିକାର ହେତୁ ସୁବିଧା ସୁଯୋଗ କାରଣରୁ ଏହି ମାଧ୍ୟମ ଜରିଆରେ ଉଭୟ ଯାତ୍ରୀ ଏବଂ ମାଲ ପରିବହନ ତଥା ଅନ୍ୟାନ୍ୟ ପରିବହନ ସମ୍ପର୍କୀୟ ମାଧ୍ୟମ ତୁଳନାରେ ଏକ ଆଖିଦୃଶିଆ ଉଚ୍ଚଧରଣର ମାନ୍ୟତା ହାସଲ କରେ । ଭାରତ ଭଳି ଏକ ଅର୍ଥନୈତିକ ବିକାଶଶୀଳ ରାଷ୍ଟ୍ରରେ ଜନସାଧାରଣଙ୍କର ଉଚ୍ଚାକାଂକ୍ଷା ଜନିତ ଚାହିଦା ମେଣ୍ଟାଇବା ଲକ୍ଷ୍ୟରେ ସଡକ ପଥର ନେଟୱାର୍କକୁ ସମ୍ପ୍ରସାରଣଶୀଳ, ଉନ୍ନତ ଏବଂ ବିକଶିତକରି ଗଢି ତୋଳିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଭାରତ ସରକାରଙ୍କ ଦ୍ୱାରା ଉକ୍ତ ସଡକପଥରେ ବିକାଶ ସମ୍ପର୍କୀୟ କାର୍ଯ୍ୟକୁ ଏକ ଯୋଜନାବଦ୍ଧ ପ୍ରଣାଳୀରେ ଆଗେଇ ନେବାପାଇଁ ସିଦ୍ଧାନ୍ତ ସ୍ଥିରୀକୃତ କରାଯାଇଅଛି । ଭାରତର ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଡ଼କପଥ ଜରିଆରେ ସଂଯୋଗୀକରଣର ବିକାଶ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଯୋଜନା ସବୁର ପ୍ରଣୟନ କରାଯାଇଅଛି । ଯଥା: ଜାତୀୟ ରାଜପଥ ଉନ୍ନୟନ ଯୋଜନା (ଏନ.ଏଚ.ଡି.ପି.), ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପି.ଏମ.ଜି.ଏସ.ୱାଇ.) । ଅଧିକନ୍ତୁ, ଦ୍ରୁତ ସହରୀକରଣ ବ୍ୟବସ୍ଥାର ବୃଦ୍ଧି କ୍ଷେତ୍ରରେ, ସହରାଞ୍ଚଳ ଭିତ୍ତିଭୂମିର ମେରୁଦଣ୍ଡ ଭାବରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବୋଲି ବିବେଚନା କରାଯାଏ ।

ଭାରତ ସରକାର ରାଜ୍ୟମାନଙ୍କର ପେଟ୍ରୋଲ ଏବଂ ଡିଜେଲ ବ୍ୟବହାରକୁ ଦୃଷ୍ଟିରେ ରଖି ପ୍ରଭାବଶାଳୀ ଢଙ୍ଗରେ ଉକ୍ତଦୁଇଟି ଉତ୍ପାଦ ଉପରେ ସେସ ସଂଗ୍ରହ ଜରିଆରେ କେନ୍ଦ୍ରୀୟ ସଡ଼କପଥ ପାଣ୍ଠିର ଗଠନ କରି ଅଛନ୍ତି । ଏଥିରେ ସ୍ଥିରୀକୃତ ହୋଇଛି ଯେ, ରାଜ୍ୟ ରାଜପଥ ଏବଂ ଜିଲ୍ଲା ମାନଙ୍କର ପ୍ରମୁଖ ରାସ୍ତା ସବୁର ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଡିଜେଲରୁ ସଂଗୃହିତ ସେସ୍ ର ୧୫% ଏବଂ ପେଟ୍ରୋଲରୁ ସଂଗୃହିତ ସେସ୍ ର ୩୦% ବ୍ୟବହୃତ ହେବ । ଉକ୍ତ ଅର୍ଥରାଶିର ୧୦% ସଡକପଥର ବିକାଶ/ ଆନ୍ତଃ ରାଜ୍ୟ ସଡକ ଓ ଆର୍ଥିକ ଗୁରୁତ୍ୱ ବହନକାରୀ ସଡକ ସବୁର ଉନ୍ନତିକଳ୍ପେ ବିନିଯୋଗ କରାଯିବ । କେନ୍ଦ୍ରୀୟ ସଡ଼କପଥ ପାଣ୍ଠି ଅନ୍ତର୍ଗତ ରାଜ୍ୟ ସଡ଼କପଥ ସବୁ ପାଇଁ ଅର୍ଥ ଯୋଗାଣ ଉଦ୍ଦେଶ୍ୟରେ ଭାରତ ସରକାର ସ୍ୱତନ୍ତ୍ର ପଥପ୍ରଦର୍ଶିକା ସବୁର ପ୍ରଣୟନ କରିଅଛନ୍ତି, ଯେଉଁଗୁଡିକ ସ୍ୱତନ୍ତ୍ର

ଏବଂ ଦୃଢ ଭାବରେ ଅନୁପାଳନ କରାଯିବ । ଏହି କ୍ରମରେ ଭାରତ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ପାଣ୍ଠିରେ ସଡ଼କପଥ ଏବଂ ତତ୍ ସଂଲଗ୍ନ ସେତୁ ସବୁକୁ ବିକଶିତ କରାଯାଉଅଛି ।

ସାମଗ୍ରିକ ଭାବରେ ଗୋଟିଏ ରାଷ୍ଟ୍ର କିମ୍ବା ଗୋଟିଏ ରାଜ୍ୟ କିମ୍ବା ଗୋଟିଏ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବ୍ୟାପକ ସଡକପଥର ବିକାଶ ତଥା ରକ୍ଷଣାବେକ୍ଷଣ ଏକ ପ୍ରମୁଖ ପ୍ରାକ-ଆବଶ୍ୟକତା ଅଟେ । ଗୋଟିଏ ନୂତନ ଭାବରେ ନିର୍ମିତ ବିକଶିତ ସଡ଼କପଥରୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଚୁର ଅର୍ଥନୈତିକ ସୁବିଧା ସୁଯୋଗ ଲାଭ କରାଯାଇଥାଏ । ତେଣୁ, ଜନସାଧାରଣଙ୍କର ଜୀବନଧାରଣର ମାନକୁ ବିକଶିତ କରିବାପାଇଁ ଅପହଞ୍ଚ ଇଲାକା ସବୁକୁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ ଉପସ୍ଥିତ ରାସ୍ତାର ଉନ୍ନତି କରଣ ଉପରେ ଯଥେଷ୍ଟ ଧ୍ୟାନ କେନ୍ଦ୍ରୀଭୂତ ହୋଇଥାଏ । କୃଷି, କ୍ଷୁଦ୍ର ଏବଂ କୁଟୀର ଶିଳ୍ପ ସବୁର ବିକାଶ, ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାର ସମ୍ପ୍ରସାରଣ, ଶିକ୍ଷା ତଥା ସ୍ୱାସ୍ଥ୍ୟ ସେବା ମାନଙ୍କୁ ଉନ୍ନତମାନର ପ୍ରବେଶାଧୀକାର, ଗୋଟିଏ ନିର୍ଭରଯୋଗ୍ୟ ସଡକ ଯୋଗାଯୋଗ ବ୍ୟବସ୍ଥା ଉପରେ ବହୁଳ ଭାବରେ ନିର୍ଭରଶୀଳ ଅଟେ । ତେଣୁ, ଓଡିଶା ସରକାର ଏହି କ୍ଷେତ୍ରରେ ସମସ୍ତ ସହରାଞ୍ଚଳ ଗୁଡିକୁ ନିର୍ଭରଯୋଗ୍ୟ ରାସ୍ତା ସଂଯୋଗୀକରଣ ଏବଂ ଗ୍ରାମାଞ୍ଚଳ ମାନଙ୍କରେ ଥିବା ଅପହଞ୍ଚ ଜନବସତି ମାନଙ୍କୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରି ଆସୁଅଛନ୍ତି । ରାଜ୍ୟ ସରକାର, ଓଡିଶା ମଧଦେଇ ରୋଡ଼ ନେଟୱାର୍କର ତ୍ୱରିତ ଉନ୍ନୟନ ଦିଗରେ ସେତୁ, ଫ୍ଲାଏ ଓଭର, ମାଟିତଳ ରାସ୍ତା, ରାସ୍ତା ଦୋହରୀକରଣ, ରିଙ୍ଗ ରୋଡ଼ ତଥା ସବ-ଡିଭିଜନ ସ୍ତରୀୟ ସଦର ମହାକୁମା ମାନଙ୍କରେ ଚାରିଥାକିଆ ରାସ୍ତା ନିର୍ମାଣ, ରାସ୍ତା ସବୁରବିକାଶ, ସଡକ ନିରାପତ୍ତା ପଦକ୍ଷେପ ସମୂହଯୋଜନା ପ୍ରଣୟନ ଏବଂ ଗବେଷଣା, ମାନ ନିୟନ୍ତ୍ରଣ, ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି, କ୍ଷମତା ବୃଦ୍ଧି, ସମ୍ପଦ ତଥା ମାନବ ସମ୍ବଳର ସୁପରିଚାଳନା, ଜମି ଅଧିଗ୍ରହଣ ଜନିତ କ୍ଷତିପୂରଣ ରାଶି ପ୍ରଦାନ, ଠିକାଦାର ମାନଙ୍କୁ ପ୍ରୋତ୍ସାହନ ପ୍ରଦାନ, ସୂଚନା, ଶିକ୍ଷା ଏବଂ ସୂଚନା ଆଦାନପ୍ରଦାନ ଆଦି କାର୍ଯ୍ୟକଳାପ ସବୁର ସମ୍ପାଦନ ନିମନ୍ତେ ତଥା ଉପରୋକ୍ତ କାର୍ଯ୍ୟକଳାପ ହେତୁ ସୃଷ୍ଟ ନ୍ୟାୟିକ (ଯଦି କିଛି ସୃଷ୍ଟି ହୁଏ ) କାର୍ଯ୍ୟଧାରା ସମ୍ପର୍କିତ ଦେୟ ଉଦ୍ଦେଶ୍ୟରେ ରାଜ୍ୟ ଯୋଜନା ପାଣ୍ଠିରୁ ଅର୍ଥରାଶି ଯୋଗାଇଦେଇ ଆସୁଅଛନ୍ତି । ଏହି ପରିପ୍ରେକ୍ଷୀରେ, ସହରାଞ୍ଚଳ ରାସ୍ତାର ଦକ୍ଷ କାର୍ଯ୍ୟକାରୀତା ପାଇଁ କଟକ ସହରର ଗମନାଗମନ ତଥା ପରିବହନ ଆବଶ୍ୟକତାର ପରିପୂରଣ ପାଇଁ ଗୋଟିଏ ସମନ୍ୱିତ ଦୀର୍ଘକାଳୀନ ପାର୍ଶ୍ୱଚିତ୍ର ପ୍ରତିଗୁରୁତ୍ୱ ପ୍ରଦାନ କରିବା ସହିତ ରାସ୍ତା ସବୁର ବିକାଶ ଏବଂ ସର୍ବସାଧାରଣ ପରିବହନ ସେବାସବୁ, ଯେଉଁଗୁଡିକ କି ସହରାଞ୍ଚଳ ଯୋଜନା ପ୍ରଣୟନ ପ୍ରକ୍ରିୟାର ଅଂଶବିଶେଷ ଅଟନ୍ତିଏବଂ ଏହି ସବୁ ଦିଗ ପ୍ରତି ମଧ ଯଥେଷ୍ଟ ଧ୍ୟାନ ପ୍ରଦାନ କରିବାର ଆବଶ୍ୟକତା ରହିଛି ।

## ବିକଳ୍ପ ସମୂହର ପରୀକ୍ଷଣ :

ଏହା ଧ୍ରୁବ ସତ୍ୟ ଯେ, ରାସ୍ତା ସବୁର ନିର୍ମାଣ ତଥା ଉନ୍ନୟନକଳ୍ପେ ଜମି ଅଧିଗ୍ରହଣର ଯଥେଷ୍ଟ ଆବଶ୍ୟକତା ରହିଛି, କିନ୍ତୁ ଏଥିପାଇଁ ଯେପରି ସର୍ବନିମ୍ନ ସଂଖ୍ୟକ ଜନବସତିରସ୍ଥାନାନ୍ତରଣ ହୁଏ, ସେଥିପ୍ରତି ଯଥେଷ୍ଟ ଧ୍ୟାନପ୍ରଦାନ ପୂର୍ବକ ଯଥା ସମ୍ଭବ ନ୍ୟୁନତମ ପରିମାଣର ଜମି ଅଧିଗ୍ରହଣ କରାଯିବା ଉଚିତ । ଉପସ୍ଥିତ ରାସ୍ତା ପ୍ରକଳ୍ପଟିରେ ତଦନୁଯାୟୀ

ସର୍ବନିମ୍ନ ପରିମାଣ ଜମିର ଅଧିଗ୍ରହଣ କରାଯିବାପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଇ ପ୍ରକଳ୍ପଟିର ଢାଞ୍ଚା ପ୍ରସ୍ତୁତ କରାଯାଇଅଛି । ଉପସ୍ଥିତ କ୍ଷେତ୍ରରେ ଗୋଟିଏ ରାସ୍ତା ବିଦ୍ୟମାନ ରହିଅଛି, କିନ୍ତୁ ଜନଗହଳିର ସାନ୍ଦ୍ରତାକୁ ଲକ୍ଷ୍ୟ କରାଗଲେ ପୁନର୍ବାର ଏହାର ତୁରିତ ଉନ୍ନତିକରଣର ଆବଶ୍ୟକତା ରହିଛି । ଉପରୋକ୍ତ ରାସ୍ତାଟିକୁ ଉନ୍ନୀତ କରିବା ଉଦ୍ଦେଶ୍ୟରେ ଖୁବ କମ୍ ପରିମାଣର ଜମି ଅଧିଗ୍ରହଣ କରାଯିବ ଏବଂ ପ୍ରକଳ୍ପ ଜନିତ ପ୍ରଭାବ କ୍ଷେତ୍ରରେ ଶବ୍ଦ, କମ୍ପନ ଏବଂ ପରିବେଶ ଜନିତ ପ୍ରଦୂଷଣ ଆଦିକୁ ଯଥା ସମ୍ଭବ ନ୍ୟୁନତମ ସ୍ତରରେ ରଖାଯିବା ଉଚିତ । କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପୁନଃର୍ବିନ୍ୟାସ କକ୍ଷେ ତାଳଦଣ୍ଡା କେନାଲ ରାସ୍ତାର ନିର୍ମାଣ ଉଦ୍ଦେଶ୍ୟରେ ଛତ୍ରବଜାର ଅଞ୍ଚଳରେ ସର୍ବମୋଟ ଏ. ୦.୦୯୯୦ କର ଘରୋଇଜମିର ଆବଶ୍ୟକ ହେବ ।

ଯେହେତୁ ପ୍ରକଳ୍ପଟି ସର୍ବସାଧାରଣଙ୍କ ବ୍ୟବହାର ଉଦ୍ଦେଶ୍ୟରେ କେବଳ ସମ୍ପ୍ରସାରଣ ଏବଂ ଉନ୍ନତିକରଣ କରାଯିବାପାଇଁ ଉଦ୍ଦିଷ୍ଟ ତେଣୁଏହାର ନିର୍ମାଣ କାଳରେ ସେପରି କିଛି ଗୁରୁତ୍ୱପୂର୍ଣ୍ଣ ସହାୟକ ଭିତ୍ତିଭୂମି ସମ୍ବନ୍ଧୀୟ ସୁବିଧା ସୁଯୋଗର ଆବଶ୍ୟକତା ଉପୁଯିବ ନାହିଁ କିନ୍ତୁ ଜନସାଧାରଣଙ୍କର ଗମନାଗମନ ଉଦ୍ଦେଶ୍ୟରେ ସାମୟିକ ସମୟ ପାଇଁ ଗୋଟିଏ ଗତି ପରିବର୍ତ୍ତନକାରୀ ସହାୟକ ରାସ୍ତାର ଆବଶ୍ୟକ ହେବ ।

## ଶ୍ରମଶକ୍ତିର ଆବଶ୍ୟକତା :

ପ୍ରସ୍ତାବିତ ରାସ୍ତାଟିର ସମ୍ପ୍ରସାରଣ ଏବଂ ଉନ୍ନତିକରଣ ଉଦ୍ଦେଶ୍ୟରେ ଯଥେଷ୍ଟ ସଂଖ୍ୟକ ଶ୍ରମଶକ୍ତିର ଆବଶ୍ୟକତା ସୃଷ୍ଟି ହେବ । କିନ୍ତୁ, ଏହା ଅନୁଭୁତ ହୁଅ ଯେ, ପ୍ରକଳ୍ପଟିରେ କାର୍ଯ୍ୟ କରିବାପାଇଁ ସମସ୍ତ ଶ୍ରମଶକ୍ତି ଅସ୍ଥାୟୀ ଭିତ୍ତିକ ସ୍ତରରେ ନିୟୋଜିତ ହେବ । ଉକ୍ତ ଅଂଚଳର ପ୍ରତିବେଶୀ ଅଧିବାସିମାନଙ୍କୁ ଅଣକୁଶଳୀ ଶ୍ରମିକ ହିସାବରେ ଆଂଶିକ ଭାବରେ ପ୍ରକଳ୍ପର ଚାହିଦା ମେଣ୍ଟାଇବା ଉଦ୍ଦେଶ୍ୟରେ ନିୟୋଜନ କରାଯାଇପାରେ କିନ୍ତୁ ଅଧିକାଂଶ କୁଶଳୀ ଏବଂ ଅବଶିଷ୍ଟ ଅର୍ଦ୍ଧକୁଶଳୀ ଏବଂ ଅଣକୁଶଳୀ ଶ୍ରମିକମାନଙ୍କୁ ପ୍ରକଳ୍ପ ସ୍ଥଳୀକୁ ଅଞ୍ଚଳ ବାହାରୁ ଆଣି ନିୟୋଜିତ କରାଯାଇପାରେ ।

## ୧.୩ ସାମାଜିକ ପ୍ରଭାବ ଆକଳନ

ନିୟୋଜିତ କ୍ଷତିପୂରଣ ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୦୩ ଅନ୍ତର୍ଗତ ବ୍ୟବସ୍ଥାନୁଯାୟୀ ଯେତେବେଳେ ଗୋଟିଏ ଉପଯୁକ୍ତ ସରକାର ଏବଂ ସର୍ବସାଧାରଣ ସ୍ତରୀୟ କାର୍ଯ୍ୟାନ୍ୱୟନ କାରୀ ସଂସ୍ଥା ସେମାନଙ୍କର ନିଜସ୍ୱ ବ୍ୟବହାର, ଧାରଣ ଏବଂ ନିୟନ୍ତ୍ରଣ ତଥା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଚାହିଁବେ, ସେହି ସମୟରେ ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ପୁନର୍ବାସ ଓ ଥଇଥାନ ଉଦ୍ଦେଶ୍ୟରେ ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମ୍ପାଦନ କରାଇବେ । ଉକ୍ତ ଆଇନୀର ଧାରା ୪(୧) ଦର୍ଶାଏ ଯେ, ସରକାର ଯେଉଁ ସମୟରେ ଜମି ଅଧିଗ୍ରହଣ କରିବାକୁ ଚାହିଁବେ, ସେତେବେଳେ ଗ୍ରାମ ସ୍ତରରେ ହେଉ କିମ୍ବା ୱାର୍ଡ ସ୍ତରରେ ପ୍ରଭାବିତ ଅଞ୍ଚଳଟି ଯେଉଁ ଗ୍ରାମ ପଞ୍ଚାୟତ, ପୌର ସଂସ୍ଥା କିମ୍ବା ପୌରପାଳିକାର ଅନ୍ତର୍ଭୁକ୍ତ ହୋଇଥିବ,

ସେହି ସଂସ୍ଥା ସହିତ ବିଚାରବିମର୍ଶ କରି ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମ୍ପାଦନା କରାଇବେ । ଉକ୍ତ ଅଧ୍ୟୟନଟିରେ ନିମ୍ନଲିଖିତ ବିଷୟସବୁରେ ଅନ୍ତର୍ଭୁକ୍ତ କରାଯିବ :

କ) ପ୍ରସ୍ତାବିତ ଅଧିଗ୍ରହଣଟି ସର୍ବସାଧାରଣ ଉଦ୍ଦେଶ୍ୟ ପ୍ରଣୋଦିତ କି ନାହିଁ ତାହାର ତର୍ଜମା

ଖ) ପ୍ରଭାବିତ ପରିବାର ସବୁର ଆକଳନ ସହିତ ସେମାନଙ୍କ ମଧ୍ୟରୁସ୍ଥାନଚ୍ୟୁତ ହେବାକୁଥିବା ପରିବାର ସଂଖ୍ୟାର ମଧ୍ୟ ଆକଳନ।

ଗ) ପ୍ରସ୍ତାବିତ ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବାକୁ ଯାଉଥିବା ସର୍ବସାଧାରଣ ତଥା ଘରୋଇ ଜମିର ପରିମାଣ, ଗୃହ ସଂଖ୍ୟା, ଜନବସତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପଦ ସବୁର ଆକଳନ

ଘ) ପ୍ରକଳ୍ପ ଉଦ୍ଦେଶ୍ୟରେ ପ୍ରସ୍ତାବିତ ଅଧିଗ୍ରହଣ ଯୋଗ୍ୟ ଅଧିଗ୍ରହଣ ଜମିର ପରିମାଣ ପ୍ରକଳ୍ପ ପାଇଁ ନିହାତି ଆବଶ୍ୟକ କି ନାହିଁ, ତାହାର ତର୍ଜମା

ଯେଉଁ ସମୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟିକୁ କାର୍ଯ୍ୟକାରୀ କରାଯିବ ସେହି ସମୟରେ ସରକାର ପ୍ରକଳ୍ପ ହେତୁ ବିଭିନ୍ନ ବିଷୟବସ୍ତୁ ଯଥା: ପ୍ରଭାବିତ ପରିବାର ମାନଙ୍କର ଜୀବନ ଧାରଣର ଶୈଳୀ, ସର୍ବସାଧାରଣ ସମ୍ପଦ ତଥା ଭିତ୍ତିଭୂମି ବିଶେଷକରି ରାସ୍ତାଘାଟ, ସର୍ବସାଧାରଣ ପରିବହନ ବ୍ୟବସ୍ଥା, ଜଳ ନିଷ୍କାସନ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଉତ୍ସ, ଗୋମହିଷାଦି ପଶୁଙ୍କ ପାଇଁ ଜଳ, ଗୋଷ୍ଠୀଭିତ୍ତିକ ପୁଷ୍କରିଣୀ, ଚାରଣ ଭୂମି, ବୃକ୍ଷ ରୋପଣ ଏବଂ ସର୍ବସାଧାରଣ ଆବଶ୍ୟକତା ଯଥା: ଡାକଘର, ସୁଲଭ ମୂଲ୍ୟ ଦୋକାନ, ଖାଦ୍ୟ ସାମଗ୍ରୀ ଗଚ୍ଛିତ ରହୁଥିବା ଗୋଦାମ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ସୁବିଧା, ବିଦ୍ୟାଳୟ, ଶିକ୍ଷା ଅନୁଷ୍ଠାନ କିମ୍ବା ତାଲିମ ପ୍ରଦାନକାରୀ ସଂସ୍ଥା, ଅଙ୍ଗନବାଡ଼ି, ପୂଜାର୍ଚ୍ଚନା କରିବା ସ୍ଥାନ, ପାରମ୍ପରିକ ଆଦିବାସୀ ସଂସ୍ଥା ଏବଂ ଶ୍ମଶାନ ଇତ୍ୟାଦି ଉପରେ ପଡ଼ିବାକୁ ଥିବା ପ୍ରଭାବ ସବୁ ଉପରେ ଗୁରୁତ୍ୱ ପ୍ରଦାନ କରିବେ ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକାରୀ ଗୋଷ୍ଠୀ ବିସ୍ତୃତ ଭାବରେ ପ୍ରଭାବିତ ଅଞ୍ଚଳର ପ୍ରଦର୍ଶନ ପୂର୍ବକ ବ୍ୟାପକ ଗୁଣାତ୍ମକ ତଥା ପରିମାଣାତ୍ମକ ତଥ୍ୟ ସବୁର ସଂଗ୍ରହ ଏବଂ ବିଶ୍ଳେଷଣ କରିବେ । ସମସ୍ତ ପ୍ରକାରର ପ୍ରାସଙ୍ଗିକ ଜମିଜମା ସମ୍ପର୍କୀୟ ନଥିପତ୍ର ଏବଂ ତଥ୍ୟ ସବୁର ତର୍ଜମା, କ୍ଷେତ୍ର ସ୍ତରୀୟ ତନଖୀ, ସମଭାବାପନ୍ନ ପ୍ରକଳ୍ପ ବିବରଣୀ ସବୁର ତୁଳନା ଏବଂ ସମୀକ୍ଷା ସବୁକୁ ଅଧ୍ୟୟନକାରୀ ଗୋଷ୍ଠୀ ବିଷଦ୍ ଭାବରେ ବିଶ୍ଳେଷଣ ମଧ୍ୟ କରିବେ । ପ୍ରଭାବିତ ଜମିର ଆକଳନ ତଥା କ୍ଷେତ୍ର ସ୍ତରୀୟ ତନଖି ଆଧାରରେ ଅଧ୍ୟୟନକାରୀ ଗୋଷ୍ଠୀ ପ୍ରଭାବିତ ପରିବାର ମାନଙ୍କର ସଠିକ ସଂଖ୍ୟା ଆକଳନ କରିବା ସହିତ ତନ୍ମଧ୍ୟରୁ ସ୍ଥାନଚ୍ୟୁତ ହେବାକୁ ଯାଉଥିବା ପରିବାର ମାନଙ୍କର ସଂଖ୍ୟା ମଧ୍ୟ ନିରୁପଣ କରିବେ ଏବଂ ସେମାନଙ୍କର ସଠିକ ସଂଖ୍ୟା ନିରୁପଣ କରାଯାଇଥିବାର ସୁନିଶ୍ଚିତ କରାଇବେ ।ଏହାଛଡା ପ୍ରଭାବିତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ତଥା ସାଂସ୍କୃତିକ ପାର୍ଶ୍ୱଚିତ୍ର, ସଂଗୃହିତ ତଥା ପରିସଂଖ୍ୟାନଗତ ତଥ୍ୟ ଆଧାରରେ ନିଶ୍ଚିତ ଭାବରେ ପ୍ରସ୍ତୁତ କରାଯିବ । ଏହା ବ୍ୟତୀତ, ସଂଗୃହିତ ତଥ୍ୟ ଆଧାରରେ ଅଧ୍ୟୟନକାରୀ

ଗୋଷ୍ଠୀ, ଉଭୟ ପ୍ରସ୍ତାବିତ ପ୍ରକଳ୍ପ ଏବଂ ଜମି ଅଧିଗ୍ରହଣ ହେତୁକ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ସବୁର ଲକ୍ଷଣ, ପରିମାଣ ଏବଂତୀବ୍ରତା ଆଦିର ଚିହ୍ନଟ ଓ ମୂଲ୍ୟାୟନ ମଧ୍ୟ କରିବେ ।

## ୧.୪. ପ୍ରଯୁଜ୍ୟ ନିୟମାବଳୀ ସମୂହ ଏବଂ ନ୍ୟାୟ ସଂଗତ ଢାଞ୍ଚା :

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମ୍ପାଦନ ପାଇଁ ନ୍ୟାୟିକ ଧାରାରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ତଥା ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କର ପୁନର୍ବାସ ଓ ଥଇଥାନ ନୀତି ସବୁର ଅନୁପାଳନ ପାଇଁ ସୃଷ୍ଟି ହେଉଥିବା ଶୂନ୍ୟତା ସବୁକୁ ଚିହ୍ନଟ କରି, ଆବଶ୍ୟକତା ଅନୁଯାୟୀ ସେଗୁଡିକର ଦୃଢ଼ୀକରଣ କରିବା ତଥା ଜନସାଧାରଣଙ୍କ ପାଇଁ ବିକାଶର ଯୋଜନା ପ୍ରଣୟନ ଉଦ୍ଦେଶ୍ୟରେ ଏବଂ ନ୍ୟାୟିକ ଧାରାସବୁକୁ ଭଲଭାବରେ ବୁଝିବାପାଇଁ ପ୍ରଚଳିତ ନିୟମ ସବୁର ବିଶ୍ଳେଷଣ ଅପରିହାର୍ଯ୍ୟ ଅଟେ । ନିମ୍ନଦର୍ଶିତ ଉପଧାରା ସମୂହ, ସାମାଜିକ ସମସ୍ୟା ସମୂହ ପ୍ରତି ପର୍ଯ୍ୟାପ୍ତ ଧ୍ୟାନ ପ୍ରଦାନ ପୂର୍ବକ ପ୍ରକଳ୍ପ ସବୁର କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ନ୍ୟାୟିକ ଢାଞ୍ଚାର ସାରାଂଶ ସବୁର ପ୍ରତିଫଳନ କରୁଅଛି । ପ୍ରକଳ୍ପ କର୍ମକର୍ତ୍ତା ନିଶ୍ଚିତ ହେବେ ଯେ,ପ୍ରକଳ୍ପ ହେତୁକ କାର୍ଯ୍ୟକଳାପ ସବୁର କାର୍ଯ୍ୟାନ୍ୱୟନ ଜାତୀୟ, ରାଜ୍ୟ ତଥା ସ୍ଥାନୀୟ ସ୍ତରର ନ୍ୟାୟିକ ଢାଞ୍ଚାର ଅନୁରୂପ ଅଟେ ।

### ୧.୪.୧ ସାମ୍ବିଧାନିକ ବ୍ୟବସ୍ଥା ସମୂହ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୧୯ ଏବଂ ୩୧ ରେ ମୁଳତଃ ସମ୍ପତ୍ତିଗତ ଅଧୀକାରର ବ୍ୟବସ୍ଥା ଯୋଗାଇ ଦିଆଯାଇଅଛି । ଅନୁଚ୍ଛେଦ-୧୯ ପ୍ରତିଶୃତ ପ୍ରଦାନ କରେ ଯେ, "ସମସ୍ତ ନାଗରିକ ମାନଙ୍କର ସମ୍ପତ୍ତି ଅଧିଗ୍ରହଣ, ମାଲିକାନା ଏବଂ ହସ୍ତାନ୍ତରଣର ଅଧିକାର ରହିଅଛି ।" ଅନୁଚ୍ଛେଦ-୩୧ ଜଣାଏ ଯେ, "ନ୍ୟାୟଗତ ପ୍ରକ୍ରିୟା ସଞ୍ଚିତ ସମ୍ପତ୍ତିଗତ ଅଧୀକାରର କୌଣସି ବ୍ୟକ୍ତିବିଶେଷ ବଂଚିତ ହୋଇପାରିବେ ନାହିଁ । " ଏଥିରେ ମଧ୍ୟ ବ୍ୟବସ୍ଥା ରହିଛି ଯେ, ଯେଉଁ ବ୍ୟକ୍ତିଙ୍କର ସମ୍ପତି ସର୍ବସାଧାରଣ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯିବ, ସେମାନଙ୍କୁ କ୍ଷତିପୁରଣ ପ୍ରଦାନ କରାଯିବ । ୧୯୭୮ ମସିହାରେ ଭାରତୀୟ ସମ୍ବିଧାନର ୪୪ ତମ ସଂଶୋଧନରେ ମୌଳିକ ଅଧୀକାର ସମୁହର ତାଲିକାରୁ ସମ୍ପତ୍ତିଗତ ଅଧୀକାରକୁ ଉଛେଦ କରାଯାଇଅଛି । ଏହା ପରିବର୍ତ୍ତେ ଅନୁଚ୍ଛେଦ-୩୦୦(କ) ରେ ଏକ ନୂତନ ଆଇନିଗତ ବ୍ୟବସ୍ଥାର ସଂଯୁକ୍ତ କରାଯାଇଛି ଯେ, "ନ୍ୟାୟ ସଙ୍ଗତ ପ୍ରକ୍ରିୟାରେ ସଞ୍ଚିତ ନିଜସ୍ୱ ସମ୍ପଦରୁ କୌଣସି ବ୍ୟକ୍ତିବିଶେଷ ବଞ୍ଚିତ ହୋଇପାରିବେ ନାହିଁ ।" ସେ ସବୁ ଯାହା ହେଉ ନା କାହିଁକି, ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ହରାଉଥିବା ପରିବାର ମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ ଉଦ୍ଦେଶ୍ୟରେ, ସେମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥାର ମୂଲ୍ୟାୟନ କରାଯିବ ଆବଶ୍ୟକ ଏବଂ ଉପସ୍ଥିତ ଅଧ୍ୟୟନଟି ଉପରୋକ୍ତ ଉଦ୍ଦେଶ୍ୟରେ ସମ୍ପାଦିତ ହୋଇଅଛି ।

## ୧.୪.୨ ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩

ଉକ୍ତ ଆଇନଟି ଭୂମି ଅଧିଗ୍ରହଣ ଆଇନ, ୧୮୯୪ ପରିବର୍ତ୍ତେ ୧ ଜାନୁଆରୀ, ୨୦୧୪ ରୁ ବଳବତ୍ତର ହେଲା । ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଟି ପୁରାତନ ଭୂମି ଅଧିଗ୍ରହଣ ଆଇନ୍ ରେ ଥିବା ପ୍ରମୁଖ ପାର୍ଥକ୍ୟ ସବୁରେ ସଂଶୋଧନ ପୂର୍ବକ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ଏକ ପ୍ରଚେଷ୍ଟା ମାତ୍ର । ଉକ୍ତ ଆଇନଟିରେ ସରକାରଙ୍କ ଦ୍ୱାରା କିମ୍ବା ସର୍ବସାଧାରଣ ତଥା ଘରୋଇ ସହଭାଗୀତାରେ କିମ୍ବା ଅନ୍ୟାନ୍ୟ ଘରୋଇ ପ୍ରକଳ୍ପ ପାଇଁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଜମି ଅଧିଗ୍ରହଣ କ୍ଷେତ୍ରରେ ଜମି ମାଲିକ ମାନଙ୍କୁ ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା କରାଯାଇଅଛି । ଏହି ଆଇନରେ ଜମି ମାଲିକ ତଥା ଅନ୍ୟାନ୍ୟ ପ୍ରଭାବିତ ବ୍ୟକ୍ତି ମାନଙ୍କର ସ୍ୱାର୍ଥ ସଂରକ୍ଷଣ ସହିତ ଅନେକ ଲାଭପ୍ରଦ ବ୍ୟବସ୍ଥାମାନ ରହିଥିବା ହେତୁ ଏହା ବେଶ ଜନାଦୃତ ହୋଇପାରି ଅଛି ।

ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ପ୍ରମୁଖ ବୈଶିଷ୍ଟ ସମୁହ:

କ) ସର୍ବସାଧାରଣଉଦ୍ଦେଶ୍ୟ : ଜମି କେବଳ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇପାରେ ଯଥା: ସରକାରୀ ସର୍ବସାଧାରଣ ସଂସ୍ଥା ଓ ସରକାରଙ୍କ ଦ୍ୱାରା ନିର୍ମାଣ କରାଯିବାକୁ ଥିବା ସୈନ୍ୟବାହିନୀ ଏବଂ ଜାତୀୟ ସୁରକ୍ଷା, ରାସ୍ତା, ରେଳପଥ, ରାଜପଥ ଏବଂ ବନ୍ଦର ସମୁହ, ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳ ଗୁଡିକର ଯୋଜନାବଦ୍ଧ ବିକାଶ ଏବଂ ଉନ୍ନତିକରଣ ତଥା ଗରିବ ଏବଂ ଭୂମିହୀନ ମାନଙ୍କ ପାଇଁ ବାସଗୃହ ନିର୍ମାଣ, ସରକାରୀ ପ୍ରାୟୋଜିତ ଯୋଜନା କିମ୍ବା ଅନୁଷ୍ଠାନ ଆଦି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯଥା: ଘରୋଇ କ୍ଷେତ୍ରରେ ୮୦% ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କର ସହମତି ହାସଲ କରିବାକୁ ହେବ ।

ଖ) ଜମି ଅଧିଗ୍ରହଣ ପ୍ରକ୍ରିୟା : ଆଇନ ଅନୁଯାୟୀ ସରକାର ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ, ଗ୍ରାମାଞ୍ଚଳ କ୍ଷେତ୍ରରେ ଗ୍ରାମସଭା ଏବଂ ସହରାଞ୍ଚଳ କ୍ଷେତ୍ରରେ ସମଭାବାପନ୍ନ ସଂସ୍ଥା ସହିତ ବିଚାରବିମର୍ଶ କରି ସମ୍ପାଦିତ କରିବେ । ଜମି ଅଧିଗ୍ରହଣ ପୂର୍ବରୁ ଅର୍ଥାତ ସାମାଜିକ ପ୍ରଭାବ ଆକଳନ ତାରିଖର ୧୨ ମାସ ମଧ୍ୟରେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟ ଦର୍ଶାଇ ଗୋଟିଏ ପ୍ରାଥମିକ ବିଜ୍ଞପ୍ତି ନିଶ୍ଚିତ ଭାବରେ ଜାରି କରିବାକୁ ହେବ । ପରବର୍ତ୍ତୀ ସମୟରେ, ସରକାର କେତେ ପରିମାଣର ଜମି ଅଧିଗ୍ରହଣ କରାଯିବ, ତାହାର ନିର୍ଧାରଣ ପାଇଁ ଏକ ସର୍ବେକ୍ଷଣ କରାଇବେ ।ଯଦି ସରକାର ସନ୍ତୁଷ୍ଟ ହୁଅନ୍ତି ଯେ, ଗୋଟିଏ ନିର୍ଦ୍ଦିଷ୍ଟ ଆକାରର ଭୂଖଣ୍ଡ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିହାତି ଅଧିଗ୍ରହଣ କରିବାକୁ ପଡିବ, ତେବେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଗୋଟିଏ ଘୋଷଣାନାମା ଜାରି କରିବାକୁ ପଡିବ । ଥରେ ଉକ୍ତ ଘୋଷଣାନାମା ଜାରି କରାଯିବା ପରେ, ସରକାରଙ୍କୁ ଜମି ଅଧିଗ୍ରହଣ କରିବାକୁ ପଡିବ * ପ୍ରାଥମିକ ବିଜ୍ଞପ୍ତି ଜାରୀ କରିବା ପରଠାରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ହେବ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଜମିଟିର ଦେଣନେଣ ପାଇଁ କୌଣସି ଅନୁମତି ପ୍ରଦାନ କରାଯାଇପାରିବ ନାହିଁ । କଟକ

ଜିଲ୍ଲା ଅନ୍ତର୍ଗତ ସଦର ତହସିଲ ଅଞ୍ଚଳରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ପାଇଁ ରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ ସଞ୍ଚାଳନ ପାଇଁ ଜମି ଅଧିଗ୍ରହଣ କରାଯିବା ପୂର୍ବରୁ ଓଡିଶା ସରକାରଙ୍କର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗର ପତ୍ର ସଂଖ୍ୟା-ଆର.ଡି.ଏମ.-ଏଲ.ଏ.ଏ.-ସି.ଟି.ସି.-୦୦୦୧-୨୦୨୩-୧୯୯୧୬/ଆର.ଓ ଡି.ଏମ ତା. ୦୧.୦୬.୨୦୨୩ ଜରିଆରେ ସର୍ବସାଧାରଣଙ୍କ ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଅଛି ।

ଗ) ଜମି ମାଲିକ ମାନଙ୍କର କ୍ଷତିପୁରଣ : ଜମି ଅଧିଗ୍ରହଣ ପାଇଁ କ୍ଷତିପୁରଣ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ହେବା ସହିତ ଜମି ମାଲିକ ମାନଙ୍କୁ ଆୱାର୍ଡ ମଧ୍ୟ ତାଙ୍କ ଦ୍ୱାରା କରାଯାଇଥାଏ । ସାଧାରଣତଃ ଏହି କାର୍ଯ୍ୟ ଜମି ଅଧିଗ୍ରହଣ ପାଇଁ ଘୋଷଣାନାମା ଜାରି କରାଯାଇଥିବା ତାରିଖର ଦୁଇ ବର୍ଷ ମଧ୍ୟରେ ସମାପିତ ହୋଇଥାଏ ।

କ୍ଷତିପୁରଣ ନିର୍ଧାରଣ ପ୍ରକ୍ରିୟା, ଅଧିଗ୍ରହଣ ହେବାକୁ ଥିବା ଜମିର ବଜାରଦର ଆଧାରରେ କରାଯାଇଥାଏ । ଯଥା: ୧) ଯେଉଁ ସ୍ଥାନରେ ଜମି ଅବସ୍ଥିତ ଥିବ, ସେହି ଅଞ୍ଚଳରେ ଭାରତୀୟ ଷ୍ଟାମ୍ପ ଆଇନ, ୧୮୯୯ (୧୮୯୯ ର ଧାରା ୨) ଅନୁଯାୟୀ ବିକ୍ରୟ ଦଲିଲର ପଞ୍ଜିକରଣ କିମ୍ବା ବିକ୍ରୟଜନିତ ରାଜିନାମା ଆଧାରରେ ବଜାରଦର ନିର୍ଧାରଣ କରାଯାଇଥାଏ । କିମ୍ବା ୨) ସମାନ କିସମର ଜମିର ହାରାହାରି ବିକ୍ରୟ ମୂଲ୍ୟ ହୁଏତ ସ୍ଥାନୀୟ ଅଞ୍ଚଳର କିମ୍ବା ନିକଟତମ ଗ୍ରାମ କିମ୍ବା ନିକଟତମ ଅଞ୍ଚଳରବିକ୍ରୟ ମୂଲ୍ୟ ଆଧାରରେ ମଧ୍ୟ ନିର୍ଧାରଣ କରାଯାଇଥାଏ । ୩) ଘରୋଇ କମ୍ପାନୀ କିମ୍ବା ସର୍ବସାଧାରଣ-ଘରୋଇ ସହଭାଗୀତା କ୍ଷେତ୍ରରେ ଜମି ଅଧିଗ୍ରହଣ ପାଇଁ ଧାରା-୨, ଉପଧାରା-୨ ଅନୁଯାୟୀ ଉଭୟ ପକ୍ଷଙ୍କ ଦ୍ୱାରା ସହମତିଭିତ୍ତିକ ଧାର୍ଯ୍ୟ କ୍ଷତିପୁରଣ ଆଧାରରେ ଯେଉଁଟି ସର୍ବାଧିକ ହୋଇଥିବା, ତଦନୁଯାୟୀ କ୍ଷତିପୁରଣ ଧାର୍ଯ୍ୟ କରାଯାଇଥାଏ । ଧାରା-୧୧ ଅନୁଯାୟୀ, ବିଜ୍ଞାପନ ଜାରି କରାଯାଇଥିବା ତାରିଖକୁ ବଜରଦର ନିର୍ଧାରଣର ତାରିଖ ହିସାବରେ ଗ୍ରହଣ କରାଯାଇଥାଏ ।

ଯେଉଁ ଅଞ୍ଚଳରେ ଜମି ଅଧିଗ୍ରହଣର ପ୍ରସ୍ତାବ ଥାଏ କିମ୍ବା ଏହାର ନିକଟତମ ଅଞ୍ଚଳରେ ସମାନ କିସମର ଜମିର ବିକ୍ରୟ ଦଲିଲ କିମ୍ବା ବିକ୍ରୟ ପାଇଁ କରାଯାଇଥିବା ରାଜିନାମାକୁ ବିଚାରକୁ ନିଆଯାଇ ହାରାହାରି ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରାଯାଏ ।

ଉକ୍ତ ହାରାହାରି ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରିବା ଉଦ୍ଦେଶ୍ୟରେ ବିକ୍ରୟ ଦଲିଲ କିମ୍ବା ବିକ୍ରୟ ପାଇଁ କରାଯାଇଥିବା ରାଜିନାମାର ଅର୍ଦ୍ଧାଂଶ ଯେଉଁଥିରେ କି ସର୍ବାଧିକ ମୂଲ୍ୟ ଦର୍ଶାଯାଇଥାଏ, ସେହିଗୁଡିକୁ ବିଚାରକୁ ନିଆଯାଇଥାଏ ।

## ପୁନର୍ବାସ ଏବଂ ଥଇଥାନ :

ପ୍ରତ୍ୟେକ ପ୍ରଭାବିତ ପରିବାର ପାଇଁ ପୁନର୍ବାସ ଓ ଥଇଥାନ ନିୟମ ଅନ୍ତର୍ଗତ ବ୍ୟବସ୍ଥା ସମୂହ ପ୍ରଯୁଜ୍ୟ ଅଟେ । ଥରେ ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯିବା ପରେ ଜଣେ ପ୍ରଶାସକଙ୍କୁ ନିଯୁକ୍ତ କରାଯିବ ଏବଂ ସେ ଗୋଟିଏ ସର୍ବେକ୍ଷଣ ସମ୍ପାଦନ କରିବା ପରେ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରଣୟନ କରିବେ । ଉକ୍ତ ଯୋଜନା ବିଷୟରେ ସ୍ଥାନୀୟ ଗ୍ରାମପଞ୍ଚାୟତ କିମ୍ବା ପୌର ସଂସ୍ଥା ସହିତ ଆଲୋଚନା କରାଯିବ ଏବଂ ପ୍ରଶାସକଙ୍କ ଦ୍ୱାରା ଉକ୍ତ ଯୋଜନା କ୍ଷେତ୍ରରେ ଯଦି କିଛି ଅଭିଯୋଗ ଥାଏ, ତାହାର ଶୁଣାଣି କରାଯିବ । ପରବର୍ତୀ କାଳରେ ପ୍ରଶାସକ ଏକ ବିବରଣୀ

ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ । ଥରେ ଜିଲ୍ଲାପାଳ ଉକ୍ତ ଯୋଜନଟିର ଅନୁମୋଦନ କରିସାରିବା ପରେ, ସରକାର ପୁନର୍ବାସ ଏବଂ ଥଇଥାନ ପାଇଁ ଅଞ୍ଚଳ ନିରୂପଣ ଉଦ୍ଦେଶ୍ୟରେ ଘୋଷଣାନାମା ଜାରି କରିବେ । ଏହା ପରେ ପ୍ରଶାସକ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଦାୟୀ ରହିବେ । କମିଶନର, ଯୋଜନା କାର୍ଯ୍ୟକାରୀତା ହେବାର ପର୍ଯ୍ୟବେକ୍ଷଣ କରିବେ * ନିୟମ ୮ ଅନୁଯାୟୀ, ଓଡିଶା ସରକାର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ୩୦ ଦିନ ମଧ୍ୟରେ ବିଜ୍ଞପ୍ତି ଜାରି କରିବେ । ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯୟ ପ୍ରଶମନ ବିଭାଗ ତାଙ୍କର ପତ୍ର ସଂଖ୍ୟା- ଆର.ଡି.ଏମ.-ଏଲ.ଏ.ଏ.-ସି.ଟି.ସି.-୦୦୦୧-୨୦୨୩-୧୯୯୧୬/ଆର.ଓ ଡି.ଏମ ତା. ୦୧.୦୬.୨୦୨୩ ଜରିଆରେ କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲର ଛତ୍ରବଜ଼ାର ଅଞ୍ଚଳରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ପାଦନ ପାଇଁ ବିଜ୍ଞପ୍ତି ଜାରି କରିଅଛନ୍ତି ।

## ୧.୪.୩. ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୬

ଉକ୍ତ ନିୟମାବଳୀ "ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" (୨୦୧୩ ର ୩୦) ଧାରା-୧୦୯, ଉପଧାରା(୧)ର କ୍ଷମତା ବଳରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଅଛି । ଉକ୍ତ ନିୟମାବଳୀକୁ ଯଥା ପ୍ରଯୁଜ୍ୟ କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପୁନଃର୍ବିନ୍ୟାସ କ୍ରମେ ରାସ୍ତା ନିର୍ମାଣ ପାଇଁ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କ୍ଷେତ୍ରରେ ଅନୁସରଣ କରାଯାଇଅଛି ।

ନିୟମ-୬ ଅନୁଯାୟୀ, ଓଡିଶା ସରକାର "ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣାକାରୀ କେନ୍ଦ୍ର", ଗୋଟିଏ ସ୍ୱାଧୀନ ସଂସ୍ଥାକୁ ରାଜ୍ୟ ମଧ୍ୟରେ "ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ" ସମ୍ପାଦନ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଅଧ୍ୟୟନ ସଂସ୍ଥା ଭାବରେ ଚୟନ କରିଅଛନ୍ତି ଏବଂ ସହାୟତା ପ୍ରଦାନ କରିବାପାଇଁ ପୁନର୍ବାସ ଓ ଥଇଥାନ ଦାୟିତ୍ୱରେ ଥିବା ସଚିବ ରାଜ୍ୟ ନୋଡାଲ ଅଫିସର ହିସାବରେ କାର୍ଯ୍ୟ କରି ଆସୁଅଛନ୍ତି।

ନିୟମ-୯ କହେ ଯେ, ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ ସମ୍ପୃକ୍ତ ପଞ୍ଚାୟତ/ ପୌର ସଂସ୍ଥା ସହିତ ବିଚାର ବିମର୍ଷ କରି ସମ୍ପାଦନା କରାଯିବ ଏବଂ ଅଧ୍ୟୟନର ବିବରଣୀ ଏକ ସ୍ୱତନ୍ତ୍ର ଢାଞ୍ଚାରେ ପ୍ରସ୍ତୁତ କରାଯାଇ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସହିତ ପ୍ରଦାନ କରାଯିବ । ଏହି କ୍ରମରେ, ଅଧ୍ୟୟନ ପୂର୍ବରୁ ଆର.ଏ.ସି. ର ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନକାରୀ ଗୋଷ୍ଠୀ ପ୍ରଭାବିତ ଅଞ୍ଚଳର ପରିଦର୍ଶନ ପୂର୍ବକ ସେହି ଅଞ୍ଚଳର ଅଧିବାସୀ ମାନଙ୍କ ସହିତ ଆଲୋଚନା କରି ଆସିଅଛନ୍ତି । ଅଧିକନ୍ତୁ, ଫର୍ମ-ଡି ଅନୁଯାୟୀ ବିବରଣୀ ସହିତ ଫର୍ମ-ଇ ଅନୁଯାୟୀ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ସଂଯୁକ୍ତ କରାଯାଇ ପ୍ରସ୍ତୁତ କରାଯାଇଅଛି ।

ନିୟମ-୧୧ ର ଅଧ୍ୟୟନ କାଳରେ ଆର.ଏ.ସି. ର ଅଧ୍ୟୟନକାରୀ ଗୋଷ୍ଠୀ ଦ୍ୱାରା ଅନୁସରଣ କରାଯାଇଥିବା କାର୍ଯ୍ୟକଳାପ ସବୁ ପ୍ରତିଫଳିତ ହୋଇଅଛି । ଅଧ୍ୟୟନକାରୀ ଗୋଷ୍ଠୀ ପ୍ରଭାବିତ ପରିବାର ସବୁକୁ ଭେଟି, ସେହି ପରିବାର ସବୁର ସାମାଜିକ ଅର୍ଥନୈତିକ ସ୍ଥିତିର ନିରୀକ୍ଷଣ କରିଅଛନ୍ତି ।

ନିୟମ-୧୨ ଅନୁଯାୟୀ, ଅଧ୍ୟୟନକାରୀ ଗୋଷ୍ଠୀ ଦ୍ୱାରା ପ୍ରତ୍ୟେକଟି ଗଣନା କରାଯାଇଥିବା ପ୍ରଭାବିତ ପରିବାର ମାନଙ୍କର ବିସ୍ତୃତ ପୁନର୍ବାସ ଏବଂ ଥଇଥାନ ହେତୁକ ନ୍ୟାୟ ସଙ୍ଗତ ଛାଞ୍ଚ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଅନ୍ତର୍ଭୁକ୍ତ କରାଯାଇ ପ୍ରକଳ୍ପ ବିବରଣୀରେ ସଂଯୋଗ କରାଯାଇଛି ।

ନିୟମ-୧୪ ଦର୍ଶାଏ ଯେ, ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନର ସିଦ୍ଧାନ୍ତ ସବୁ ଉପରେ ମତ ମନ୍ତବ୍ୟ ମିଳିବା ପାଇଁ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣୀ ଅନୁଷ୍ଠିତ ହେବ ଏବଂ ଅତିରିକ୍ତ ସୂଚନା/ ପୂର୍ବରୁ ଛାଡିଯାଇଥିବା ସୂଚନା ସବୁକୁ ଚୂଡାନ୍ତ ବିବରଣୀରେ ସଂଯୁକ୍ତ କରାଯିବ । ନିୟମାନୁଯାୟୀ ଚିଠା ବିବରଣୀ ପ୍ରଦାନ ସରିବା ପରେ ଜନଶୁଣାଣୀ ଅନୁଷ୍ଠିତ ହୋଇଥାଏ ।

## ୧.୪.୪. ଓଡିଶା ପୁନର୍ବାସ ଓ ଥଇଥାନ ନୀତି, ୨୦୦୬

ପୁନର୍ବାସ ଓ ଥଇଥାନ ନୀତି, ୨୦୦୬ ର ପାରା-୧୩ ରେ ଥିବା ବ୍ୟବସ୍ଥା ମୁତାବକ, ଚତୁର୍ଥ ମୂଲ୍ୟ ସବୁର ପ୍ରଦାନ ଓଡିଶା ସରକାର ତା.୨୮.୦୭.୨୦୧୪ ର ସଂକଳ୍ପ ଅନୁଯାୟୀ ପ୍ରଦାନ କରିସାରିଛନ୍ତି ଏବଂ ଆମ୍ ସ୍ଥାନାନ୍ତରଣ, ଗୃହ ନିର୍ମାଣ ସହାୟତା ଏବଂ ନିଯୁକ୍ତି, କୃଷି କ୍ଷେତ୍ର, ଅସ୍ଥାୟୀ ଗୃହ ନିର୍ମାଣ, ପରିବହନ ଭତ୍ତା ପ୍ରସ୍ତୁତି ପାଇଁ ସଦ୍ୟତମ ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କରି ଅଛନ୍ତି । ଉକ୍ତ ନୀତିର ଉଦ୍ଦେଶ୍ୟ ହେଉଛି, ପ୍ରକଳ୍ପ ପ୍ରଭାବିତ ପରିବାରକୁ ସହାୟତାର ବ୍ୟବସ୍ଥା ଏବଂ ଅଂଶୀଦାରର ଧାରଣା ବ୍ୟବହାର କରି କ୍ଷତି ପୁରାଣ ସବୁର ଆୱାର୍ଡ ଜାରି କରିବା ।

ଓଡିଶା ସରକାର ତାଙ୍କର ମାର୍ଗ ଦର୍ଶିକାରେ ଭୂମି ଅଧିଗ୍ରହଣ ସହିତ ସମସ୍ତ ପ୍ରକଳ୍ପ ସାମାଜିକ-ଅର୍ଥନୈତିକ, ପାଇଁ ସାମାଜିକ-ସାଂସ୍କୃତିକ ଏବଂ ଭିତ୍ତିଭୂମି ସର୍ବେକ୍ଷଣ ସବୁର ସମ୍ପାଦନା ପାଇଁ ଆଦେଶ ପ୍ରଦାନ କରି ଅଛନ୍ତି। ଉପସ୍ଥିତ ଅଧ୍ୟୟନଟିରେ ସର୍ବେକ୍ଷଣ ସମ୍ପାଦନା ଉଦ୍ଦେଶ୍ୟରେ ଏହି ମାର୍ଗଦର୍ଶନ ସବୁର ଅନୁସରଣ କରାଯାଇଅଛି ।

## ୧.୪.୫. ଜମି ଅଧିଗ୍ରହଣ ଆଇନ, ୧୮୯୪

ଭାରତ ବର୍ଷରେ ପୁନର୍ବାସ ଓ ଥଇଥାନ ପ୍ରକ୍ରିୟାକୁ ସହାୟତା ପ୍ରଦାନ ପାଇଁ ଜମି ଅଧିଗ୍ରହଣ ଆଇନ, ୧୮୯୪ ଏକ ପ୍ରମୁଖ ଯୁକ୍ତିଯୁକ୍ତ ଏବଂ କାର୍ଯ୍ୟକାରୀ ଆଇନ ଅଟେ, ଯାହାକି, ୧୯୮୪ ମସିହାରେ ସଂଶୋଧିତ ହୋଇଥିଲା । ଉକ୍ତ ଆଇନ ଟି ସରକାରଙ୍କ ଦ୍ୱାରା ସର୍ବସାଧରଣଙ୍କ ଉଦ୍ଦେଶ୍ୟରେ ଘରୋଇ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ପ୍ରଯୁଜ୍ୟ ଅଟେ । ଏହି ନିୟମ ସୁନିଶ୍ଚିତ କରାଏ ଯେ, କୌଣସି ବ୍ୟକ୍ତି ଜମିରୁ ବଞ୍ଚିତ ହୋଇପାରିବେ ନାହିଁ । ଏହା ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କୁ ପ୍ରକୃତ ଅଧିଗ୍ରହଣ ପୂର୍ବରୁ ଗୋଟିଏ ଶୁଣାଣି କରିବାର ସୁଯୋଗ ଦିଏ ।

ଜମି ଅଧିଗ୍ରହଣ ଆଇନ ର ପ୍ରମୁଖ ଉପାଦାନ ଗୁଡିକ ହେଉଛି: ପ୍ରକଳ୍ପ ଉଦ୍ଦେଶ୍ୟରେ ଚିହ୍ନିତ ଜମି ପାଇଁ ବିଜ୍ଞପ୍ତି ଜାରି ଧାରା-୪ ଅନୁସାରେ ସ୍ଥାନିତ ହୋଇଅଛି ।

ଥରେ ଧାରା-୪ ଅନୁଯାୟୀ ବିଜ୍ଞପ୍ତି ଜାରି କରାଯିବା ପରେ ଅଧିକନ୍ତୁ ଚିହ୍ନଟ ହୋଇଥିବା ଜମି ସବୁର ବିକ୍ରୟ କିମ୍ବା ହସ୍ତାନ୍ତରଣ ପାଇଁ ଅନୁମତି ମିଳିବନାହିଁ । ଏହାପରେ ସେହି ଜମି ଗୁଡିକ ଉକ୍ତ ଆଇନ ର ଧାରା-୬ ର ପରିସରକୁ ଚାଲିଯାଏ । ଏହା ହେଉଛି, ସରକାର ଉକ୍ତ ଜମିକୁ ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ବୋଲି ଏକ ଘୋଷଣାନାମାର

ଜାରି କରାଯିବା । ଜିଲ୍ଲାପାଳ ଉକ୍ତ ଜମିର ଅଧିଗ୍ରହଣ ଉଦ୍ଦେଶ୍ୟରେ ପଦକ୍ଷେପ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ ପାଇଥାନ୍ତି ଏବଂ ଉକ୍ତ ଜମି ଉକ୍ତ ନିୟମର ଧାରା-୯ ର ପରିସରଭୁକ୍ତ ହୋଇଥାଏ ଏବଂ ଆଗ୍ରହୀ ପକ୍ଷ ସେମାନଙ୍କୁ ସେମାନଙ୍କର ଜମି ପ୍ରତି ଥିବା ଆଗ୍ରହ ତଥା ମୂଲ୍ୟ ପ୍ରକାଶ ଉଦ୍ଦେଶ୍ୟରେ ନିମନ୍ତ୍ରିତ କରାଯାଏ । ଧାରା-୧୧ ଅନୁଯାୟୀ, ଜିଲ୍ଲାପାଳ ଘୋଷଣାନାମା ଜାରୀ କରିବା ତାରିଖର ୨ ବର୍ଷ ମଧ୍ୟରେ ଆୱାର୍ଡ ଜାରୀ କରିଥାନ୍ତି । ନଚେତ ଅଧିଗ୍ରହଣ ସମ୍ପର୍କୀୟ ସିଦ୍ଧାନ୍ତ ସବୁ ରଦ୍ଦ ହୋଇଯିବ । ଆୱାର୍ଡ କରାଯାଇଥିବା ମୂଲ୍ୟକୁ ନେଇ ଅସନ୍ତୋଷ କ୍ଷେତ୍ରରେ, ଆୱାର୍ଡ ଘୋଷଣାର ୬ ସପ୍ତାହ ମଧ୍ୟରେ ଧାରା-୧୮ ଅନୁଯାୟୀ ପକ୍ଷମାନେ ଜିଲ୍ଲାପାଳଙ୍କୁ କ୍ଷତିପୁରଣ ରାଶି ଉପରେ ଚୂଡାନ୍ତ ନିଷ୍ପତି ଉଦ୍ଦେଶ୍ୟରେ ନ୍ୟାୟାଳୟକୁ ଉକ୍ତ ବିଷୟରେ ଶୁଣାଣିପାଇଁ ପ୍ରେରଣ କରିବାକୁ ଅନୁରୋଧ କରିପାରିବେ । ଜମି ଏବଂ ଗଠନ ସବୁ (ଯଥା: ଘର, କୂଅ, ବୃକ୍ଷ ଆଦି) ପାଇଁ କ୍ଷତିପୁରଣ ରାଜ୍ୟ ସରକାରଙ୍କର ପ୍ରକଳ୍ପ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ, ଯାହାକି ଅନ୍ୟ ପକ୍ଷରେ ଜମି ମାଲିକ ମାନଙ୍କୁ କ୍ଷତିପୁରଣ ପ୍ରଦାନ କରିଥାଏ । ଏହି ନିୟମଟି ଆମ ଦେଶରେ ଦୀର୍ଘ ସମୟ ପାଇଁ କାର୍ଯ୍ୟକାରୀ ହୋଇଥିଲା । ଉକ୍ତ ଆଇନ ଅନ୍ତର୍ଗତ ରଦ୍ଦ ପ୍ରକ୍ରିୟାକୁ ଅନୁଭବ କରି, ଭାରତ ସରକାର ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ନାମରେ ଏକ ପ୍ରଗତିଶୀଳ ଆଇନ ର ପ୍ରଣୟନ କଲେ, ଯାହାକି, ଜମି ଅଧିଗ୍ରହଣ ଆଇନ, ୧୮୯୪ କୁ ସ୍ଥାନାନ୍ତରଣ କଲା । କିନ୍ତୁ ମୋଟାମୋଟି ଭାବରେ ଜମି ଅଧିଗ୍ରହଣ ଏବଂ କ୍ଷତିପୁରଣ ପ୍ରଦାନର ଧାରା ମୂଳ ଆଧାର ଜମି ଅଧିଗ୍ରହଣ ଆଇନ, ୧୮୯୪ ରୁ ଆନୀତ ହୋଇଅଛି ।

## ୧.୪.୬. ଅସାମର୍ଥ୍ୟତା ସମୂହ (ସମାନ ସୁଯୋଗ ସମୂହ, ଅଧିକାରର ସୁରକ୍ଷା ଏବଂ ସମ୍ପୂର୍ଣ ଅଂଶଗ୍ରହଣ) ଆଇନ, ୧୯୯୫

ଉକ୍ତ ଆଇନଟି ଶାରୀରିକ ତଥା ମାନସିକ ସ୍ତରରେ ଅସମର୍ଥ ବ୍ୟକ୍ତି ମାନଙ୍କର ସଶକ୍ତିକରଣ ଉଦ୍ଦେଶ୍ୟରେ ମାର୍ଗଦର୍ଶନ କରିଥାଏ । ଉକ୍ତ ଆଇନଟି ଏକ ପକ୍ଷରେ ଶାରୀରିକ ତଥା ମାନସିକ ସ୍ତରରେ ଅସମର୍ଥ ବ୍ୟକ୍ତି ମାନଙ୍କ ପାଇଁ ସମାନତା ଏବଂ ଯୋଗଦାନ ଉଦ୍ଦେଶ୍ୟରେ ଏକ ବ୍ୟବସ୍ଥାର ପ୍ରଚଳନ କରାଇବା, ଅନ୍ୟପକ୍ଷରେ ସେମାନଙ୍କ କ୍ଷେତ୍ରରେ ହେଉଥିବା ପକ୍ଷପାତିତା ବିରୁଦ୍ଧରେ ଏକ ଅସ୍ତ୍ର ଭାବରେ କାର୍ଯ୍ୟ କରିଥାଏ । ଏହି ଆଇନଟିକୁ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନରେ, ସର୍ବସାଧାରଣ କାର୍ମିକ ବିଭାଗ ଦ୍ୱାରା ପ୍ରଭାବିତ ପରିବାର ମାନଙ୍କ ଉଦ୍ଦେଶ୍ୟରେ ଅନୁସରଣ କରାଯାଇଅଛି ।

*********

# ଅଧ୍ୟାୟ-୨

## ଅଧ୍ୟୟନକାରୀ ଗୋଷ୍ଠୀ, ଯୋଗାଯୋଗ ସ୍ଥାପନ ଏବଂ କାର୍ଯ୍ୟ ପ୍ରଣାଳୀ

### ୨.୧ ଅଧ୍ୟୟନ :

ଓଡିଶା ସରକାରଙ୍କର ଚିରନ୍ତନ ଯୋଜନା ପ୍ରସ୍ତୁତି ପରିପ୍ରେକ୍ଷୀରେ ରାଜ୍ୟରେ ରାସ୍ତା ସମ୍ବନ୍ଧୀୟ ଭିତିଭୂମି ସବୁର ରକ୍ଷଣା ବେକ୍ଷଣ ତଥା ସମ୍ପ୍ରସାରଣ ଉଦ୍ଦେଶ୍ୟରେ ରାଜ୍ୟ କାର୍ମିକ ବିଭାଗ, ରାଜ୍ୟର ପ୍ରମୁଖ ବାଣିଜ୍ୟିକ ରାଜଧାନୀ କଟକ ସହରର ବିଭିନ୍ନ ରାସ୍ତା ନେଟୱାର୍କ କ୍ଷେତ୍ରରେ ଆବଶ୍ୟକୀୟ ନିର୍ମାଣ ଏବଂ ଉନ୍ନତିକରଣ ଚୟନ କରିଅଛନ୍ତି । ତଦନୁସାରେ ରାଜ୍ୟ ସରକାର ତାଙ୍କର ରାଜ୍ୟ ଯୋଜନାରେ କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲ ଅଞ୍ଚଳରେ ଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପୁନଃର୍ବିନ୍ୟାସ ଆଭିମୁଖ୍ୟରେ ତାଳଦଣ୍ଡା କେନାଲ ରାସ୍ତା ନିର୍ମାଣର ପ୍ରସ୍ତାବ ରଖିଅଛନ୍ତି । ଏହି ଉଦ୍ଦେଶ୍ୟରେ କଟକ ଜିଲ୍ଲା ଅନ୍ତର୍ଗତ ସଦର ତହସିଲ ଅଞ୍ଚଳସ୍ଥ ଛତ୍ରବଜ଼ାର, ଅନ୍ତର୍ଗତ ୟୁନିଟ-୨୩, ସାମନ୍ତସାହି ଓ ୟୁନିଟ-୩୩, ବିଶିନବର ଅଞ୍ଚଳରେ ଆସୁଥିବା ସମୁଦାୟ ଏ.୦.୦୯୯୦କର ଘରୋଇ ଜମିକୁ ଅଧିଗୃହୀତ କରାଯିବ।

ନିୟୋଜିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା-୪(୧) ଅନୁଯାୟୀ, ଜମି ଅଧିଗ୍ରହଣ କରାଯିବା ପୂର୍ବରୁ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ  କରାଯିବ । ଏହାକୁ ଲକ୍ଷ୍ୟରେ ରଖି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣାକାରୀ କେନ୍ଦ୍ର, ଭୁବନେଶ୍ୱର, ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନକାରୀ ସଂସ୍ଥା, ଏହାର ସୂଚୀଭୁକ୍ତ ସଂସ୍ଥା ଆର.ଏ.ସି. ସଂସ୍ଥା ଉପରେ ସମୁଦାୟ ଅଧିଗ୍ରହଣ ହେବାକୁଥିବା ଏ. ୦.୦୯୯୦ କର ଘରୋଇ ଜମିର ଅଧିଗ୍ରହଣ ଉଦ୍ଦେଶ୍ୟରେ ଉକ୍ତ ଅଧ୍ୟୟନ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଅଛନ୍ତି । ଏହି ଜମି କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ଛତ୍ରବଜ଼ାର ଅଞ୍ଚଳରେ ଅଧିଗ୍ରହଣ କରାଯିବ । ଉକ୍ତ ଅଧ୍ୟୟନଟିର ସମ୍ପାଦନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ତାଙ୍କର ପତ୍ର ସଂଖ୍ୟା ଆର.ଡି.ଏମ.-ଏଲ.ଏ.ଏ.-ସି.ଟି.ସି.-୦୦୦୧-୨୦୨୩-୧୯୯୧୬/ଆର.ଓ ଡି.ଏମ ତା. ୦୧.୦୬.୨୦୨୩ ଜରିଆରେ ପ୍ରାଥମିକ ବିଜ୍ଞପ୍ତି ଜାରି କରିଅଛନ୍ତି । ରାଜ୍ୟ ଅଧ୍ୟୟନକାରୀ ସଂସ୍ଥା ଦ୍ୱାରା ପ୍ରଦତ୍ତ କାର୍ଯ୍ୟାଦେଶାନୁଯାୟୀ ଉକ୍ତ ପ୍ରକଳ୍ପ ଅଞ୍ଚଳରେ ୨ଜଣ ପଟ୍ଟାଧାରୀଙ୍କର ଏ. ୦.୦୯୯୦ କର ପରିମାଣର ଭୂଖଣ୍ଡ ଅଧିଗ୍ରହଣ କରାଯିବାର ବ୍ୟବସ୍ଥା ରହିଅଛି । ଯେହେତୁ ଦୁଇଜଣ ପଟାଧାରକ ମଧ୍ୟରୁ ଜଣେ ପାଟାଧାରକ ଜୀବିତ ନାହାନ୍ତି ତେଣୁ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କୀୟମାନେ, ଯେଉଁମାନେ କି ପଟ୍ଟାଧାରକଙ୍କର ପରିବର୍ଦ୍ଧିତ ପରିବାର ହିସାବରେ ଗଣ୍ୟ, ସେମାନେ ଉକ୍ତ ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଯାଉଅଛନ୍ତି । ଏହି ପରିପ୍ରେକ୍ଷୀରେ ମୃତ ପଟ୍ଟାଧାରକଙ୍କର ସମ୍ପ୍ରସାରିତ ପରିବାର ସହିତ ଯୋଗାଯୋଗ କରିବାବେଳେ ସେମାନେ ପ୍ରତ୍ୟକ୍ଷ କ୍ରୟ ପଦ୍ଧତି ମାଧ୍ୟମରେ ସେମାନଙ୍କର ଜମି ଦେବା ପାଇଁ ସେମାନଙ୍କର ସମ୍ମତି ବିଷୟରେ ସ୍ପଷ୍ଟ କରିଥିଲେ, ତେଣୁ ସେମାନେ କହିଥିଲେ ଯେ ଅଧ୍ୟୟନର ଉଦ୍ଦେଶ୍ୟ ପାଇଁ ସେମାନଙ୍କର ସର୍ବେକ୍ଷଣର କୌଣସି  ଆବଶ୍ୟକତା ନାହିଁ କାରଣ ସେମାନେ ପ୍ରତ୍ୟକ୍ଷ କ୍ରୟ ପଦ୍ଧତିରେ ଦେବେ  ଜମି | ତେବେ, ଦ୍ୱିତୀୟ ପଟ୍ଟାଧାରକ ଶ୍ରୀ ଗଣେଶ ଜୀଉ ବିଜେ ଛତ୍ରବଜାର ପଞ୍ଚସହି ମଧୁ ବୈଶ୍ୟ ସମାଜ ନାମରେ ୧୧

ଟି ମାର୍ଫତଦାରଙ୍କୁ ନେଇ ଗଠିତ | ସେହି ମାର୍ଫତଦାର ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରୁଥିବାବେଳେ, ସର୍ଭେ ପ୍ରକ୍ରିୟା ସମୟରେ କ୍ଷେତ୍ର ଅନୁସନ୍ଧାନକାରୀ ଦଳ କଟକ ସହରରେ ରହୁଥିବା ଦୁଇଟି ମାର୍ଫତଦାର ପରିବାର ପାଇଛନ୍ତି | ଅଧିକନ୍ତୁ, ଯୋଗାଯୋଗ ହୋଇଥିବା ଦୁଇ ମାର୍ଫତଦାରଙ୍କର ସମୁଦାୟ ପାଞ୍ଚଟି ସମ୍ପ୍ରସାରିତ ପରିବାର ଉପରେ ସର୍ଭେ କରାଯାଇଥିଲା । କିନ୍ତୁ ଅବଶିଷ୍ଟ ପରିବାରଗୁଡିକ ସହର ବାହାରେ କୌଣସି ସ୍ଥାନରେ ରହୁଥିବାରୁ ସେମାନଙ୍କୁ ସର୍ଭେ କରାଯାଇ ନାହିଁ ଏବଂ ସେମାନଙ୍କର ପ୍ରକୃତ ସ୍ଥାନ ଚିହ୍ନଟ ହୋଇପାରି ନାହିଁ ।

## ଅଧ୍ୟୟନର ଲକ୍ଷ୍ୟ

ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନର ପ୍ରମୁଖ ଲକ୍ଷ୍ୟସବୁ ବିଷୟରେ ନିମ୍ନରେ ପ୍ରଦତ୍ତ କରାଗଲା ।

କ) ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟ ବିଶିଷ୍ଟ ଅଟେ କି ?

ଖ) ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ପରିବାର ସଂଖ୍ୟାର ଆକଳନ, ଉକ୍ତ ପରିବାର ମାନଙ୍କର ପ୍ରକୃତ ମାଲିକାନାଭୁକ୍ତ ଜମିରୁ କ୍ଷତି ହେବାକୁ ଯାଉଥିବା ଜମିର ପରିମାଣ ଏବଂ ପ୍ରଭାବିତ ପରିବାରମାନଙ୍କ ମଧ୍ୟରୁ ପେଶାଗତ ତଥା ଭୌତିକ ସ୍ତରରେ ସ୍ଥାନଚ୍ୟୁତ ହେବାକୁଥିବା ପରିବାରମାନଙ୍କର ସଂଖ୍ୟାର ଆକଳନ ।

ଗ) ପ୍ରସ୍ତାବିତ ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଯାଉଥିବା ସର୍ବସାଧାରଣ ଏବଂ ଘରୋଇ ଜମି, ଗୃହସମୁହ, ଜନବସତି ସମୁହ ଏବଂ ଅନ୍ୟାନ୍ୟ ସାଧାରଣ ସମ୍ପଦର ପରିମାଣ ।

ଘ) ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଅଧିଗ୍ରହଣ ହେବାକୁ ଯାଉଥିବା ଜମି ବାସ୍ତବରେ ପ୍ରକଳ୍ପ ପାଇଁ ନିହାତି ଆବଶ୍ୟକ କି ? ଏହାର ପରୀକ୍ଷଣ ।

ଚ) ପ୍ରକଳ୍ପ ଉଦ୍ଦେଶ୍ୟରେ କୌଣସି ବିକଳ୍ପ ସ୍ଥାନର ଚୟନ କରାଯାଇଥିଲା କି, ଯେଉଁଠାରେ ସର୍ବନିମ୍ନ ବିସ୍ଥାପନର ସମସ୍ୟା ଥିଲା କିନ୍ତୁ ସେହି ସ୍ଥାନ ପ୍ରକଳ୍ପ ପାଇଁ ଉପଯୋଗୀ ନଥିଲା । ଏହାର ପରୀକ୍ଷଣ ।

## ୨.୨ ଅଧ୍ୟୟନ ସମ୍ବନ୍ଧୀୟ ଯୋଗାଯୋଗ

ଯେ କୌଣସି ପ୍ରକଳ୍ପ ନିର୍ମାଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୪(୧) ଅନୁଯାୟୀ, ଗୋଟିଏ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କରାଯିବା ବାଧ୍ୟତାମୂଳକ ଅଟେ । ଏହାକୁ ଦୃଷ୍ଟିରେ ରଖି ଉପସ୍ଥିତ ଅଧ୍ୟୟନଟି କଟକ ଜିଲ୍ଲାର ସଦର ତହସିଲ ଅଞ୍ଚଳରେ ଥିବା ଛତ୍ରବଜାର ଅଞ୍ଚଳରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ କମ୍ପ୍ଲେ ନିର୍ମାଣ ହେବାକୁ ଥିବା ତାଳଦଣ୍ଡା କେନାଲ ରାସ୍ତାର ନିର୍ମାଣ ଉଦ୍ଦେଶ୍ୟରେ ସମ୍ପାଦିତ ହୋଇଅଛି ।

ଉକ୍ତ ଅଧ୍ୟୟନଟିରେ ବର୍ତ୍ତମାନର ସ୍ଥିତି ଏବଂ ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେତୁ ସୃଷ୍ଟି ହେବାକୁ ଥିବା ପରିବର୍ତ୍ତନ ସବୁକୁ ସନ୍ନିବେଶିତ କରାଯାଇଅଛି । ଭୂମି ସମ୍ବନ୍ଧୀୟ ନିୟମ ଅନୁଯାୟୀ, ଯେତେବେଳେ ପ୍ରଭାବିତ ବ୍ୟକ୍ତି ମାନଙ୍କର ଜୀବନ ଧାରଣର ମାନରେ ବିକାଶ ହେବ, ସେତେବେଳେ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ସମ୍ମତି ପ୍ରଦାନ

କରାଯାଇଅଛି । ଯେହେତୁ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସହିତ ଜନ ସାଧାରଣଙ୍କର ଜମି ଅଧିଗ୍ରହଣ ଏବଂ ସ୍ଥାନଚ୍ୟୁତ ସମ୍ପୃକ୍ତ, ସେହି କ୍ରମରେ ପୁନର୍ବାସ ଏବଂ ଥଇଥାନ ସମ୍ବନ୍ଧୀୟ କାର୍ଯ୍ୟକାରୀ ଯୋଜନାର ଆବଶ୍ୟକତା ରହିଛି । ଉକ୍ତ ଅଧ୍ୟୟନଟି ଜନଗଣନା ଭିତ୍ତିକ ଗୃହ ସର୍ବେକ୍ଷଣ, ଗୋଷ୍ଠୀ ଭିତ୍ତିକ ସର୍ବସାଧାରଣ ସର୍ବେକ୍ଷଣ ଏବଂ ସର୍ବସାଧାରଣ ସହଭାଗୀ କୌଶଳ ଓ କାର୍ଯ୍ୟାଳୟ ସ୍ତରୀୟ ବିଶ୍ଲେଷଣ ଆଧାରରେ ସଂଗୃହିତ ଉଭୟ ପ୍ରାଥମିକ ଏବଂ ମାଧ୍ୟମିକ ତଥ୍ୟ ମାନଙ୍କ ଭିତ୍ତିରେ ସମ୍ପାଦିତ ହୋଇଅଛି । ମାଧ୍ୟମିକ ସୂତ୍ରରୁ ସଂଗୃହିତ ତଥ୍ୟ, କ୍ଷେତ୍ର ସ୍ତରରୁ ସଂଗୃହିତ ତଥ୍ୟ ସବୁକୁ ବିଧିମାନ୍ୟ କରିବାରେ ସହାୟକ ହେବ । ଅଧ୍ୟୟନଟି ନିମ୍ନଲିଖିତ ସୂଚନା ସବୁକୁ ପ୍ରଦାନ କରେ ।

- ପ୍ରକଳ୍ପ ଅଞ୍ଚଳର ସାମାଜିକ-ଅର୍ଥନୈତିକ ସ୍ଥିତି
- ପ୍ରକଳ୍ପ ହେତୁ ସମ୍ଭାବ୍ୟ ପ୍ରଭାବ ଏବଂ ସେଗୁଡିକର ଲକ୍ଷଣ ତଥା ତୀବ୍ରତା
- ସକାରାତ୍ମକ ଏବଂ ନକାରାତ୍ମକ ଭାବରେ ପ୍ରଭାବିତ ଗୋଷ୍ଠୀ ସମୂହ
- ପ୍ରକଳ୍ପ ଏବଂ ଏହାର ପ୍ରଭାବ ସମ୍ପର୍କରେ ପ୍ରଭାବିତ ମାନଙ୍କର ଉପଲବ୍ଧତା
- ପ୍ରଭାବ ସବୁକୁ ଗୌଣ କରିବାପାଇଁ ସମ୍ଭାବ୍ୟ ଲଘୁକରଣ ପଦକ୍ଷେପ ସମୂହ
- ଲଘୁକରଣ ପଦକ୍ଷେପ ସବୁର କାର୍ଯ୍ୟାନ୍ୱୟନ ପାଇଁ ସଂସ୍ଥାଗତ କ୍ଷମତା

## ୨.୩ ଅଧ୍ୟୟନକାରୀ ଗୋଷ୍ଠୀର ସଂରଚନା

ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନର ସମ୍ପାଦନା ପାଇଁ ଗୋଟିଏ ଚାରିଜଣ ସଦସ୍ୟ ବିଶିଷ୍ଟ ଗୋଷ୍ଠୀର ଗଠନ କରାଯାଇଥିଲା । ଗୋଷ୍ଠୀର ସଦସ୍ୟ ମାନଙ୍କୁ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପ୍ରକାରର କାର୍ଯ୍ୟମାନ ପ୍ରଦାନ କରାଯାଇଥିଲା । ଏହି ଗୋଷ୍ଠୀ ଜନଗଣନା ପ୍ରଣାଳୀ ଆଧାରରେ ଅଧ୍ୟୟନ ଉଦ୍ଦେଶ୍ୟରେ ପ୍ରାକ ପ୍ରସ୍ତୁତ ପ୍ରଶ୍ନାବଳୀ ସହାୟତାରେ ସୂଚନା ସବୁକୁ ସଂଗ୍ରହ କରିଥିଲେ । ଏହା ବ୍ୟତୀତ, ମାର୍ଗଦର୍ଶିକା ଅନୁଯାୟୀ, କେନ୍ଦ୍ରିତ ଦଳଗତ ଆଲୋଚନା, ସାମାଜିକ ସମ୍ପଦଭିତ୍ତିକ ମାନଚିତ୍ର ଅଙ୍କନ ପ୍ରଣାଳୀ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଅଧ୍ୟୟନଟିର ସମ୍ପାଦନ ପାଇଁ ନିମ୍ନଲିଖିତ ସଦସ୍ୟମାନଙ୍କୁ ଉକ୍ତ ଗୋଷ୍ଠିରେ ନିୟୋଜିତ କରାଯାଇଥିଲା ।

ସାରଣୀ : ୨.୧

**ଅଧ୍ୟୟନକାରୀ ଗୋଷ୍ଠି**

| କ୍ର.ସଂ. | ନାମ | ପଦବୀ | ଶିକ୍ଷାଗତ ଯୋଗ୍ୟତା | ଅନୁଭୂତ |
|---|---|---|---|---|
| ୧ | ଡ. ସରୋଜ ରଞ୍ଜନ ମାଣିଆ | ଗୋଷ୍ଠୀ ମୁଖ୍ୟ | ପି.ଏଚ.ଡି | ୨୯ ବର୍ଷ |
| ୨ | ଦୀପକ କୁମାର ଦଶ | ସଂଯୋଜକ | ଏମ. ଏ. | ୨୫ ବର୍ଷ |
| ୩ | ସତ୍ୟ ନାରାୟଣ ପଣ୍ଡା | ପର୍ଯ୍ୟବେକ୍ଷକ | ଏମ. ଏ. | ୨୦ ବର୍ଷ |
| ୪ | ନଳିନୀକାନ୍ତ ମହାପାତ୍ର | ଅନୁସନ୍ଧାନକାରୀ | ବି. ଏ. | ୧୮ ବର୍ଷ |
| ୫ | ରଶ୍ମିତା ବାଗ | ଡାଟା ଏଣ୍ଟ୍ରି ଅପରେଟର | ବି. ଏ. | ୫ ବର୍ଷ |

## ୨.୪ ଅଧ୍ୟୟନର କାର୍ଯ୍ୟ ପ୍ରଣାଳୀ

କାର୍ଯ୍ୟ ପରିସର ଏବଂ ଲକ୍ଷ୍ୟ ତଥା ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଉଭୟ "ଜନଗଣନା ଭିତ୍ତିକ ସର୍ବେକ୍ଷଣ" ଏବଂ "ନମୁନା ଭିତ୍ତିକ ସର୍ବେକ୍ଷଣ" ସବୁର ଅନୁସରଣ କରାଯାଇଅଛି । ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ମାନଙ୍କ ଠାରୁ "ଜନଗଣନା ଭିତ୍ତିକ" ସର୍ବେକ୍ଷଣ ପ୍ରଣାଳୀରେ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ମାନଙ୍କ ଠାରୁ ସରଳ ସ୍ୱେଚ୍ଛା ପ୍ରଣୋଦିତ ନମୁନା ଚୟନ ପ୍ରକ୍ରିୟାରେ "ନମୁନା ଭିତ୍ତିକ ପ୍ରଣାଳୀରେ" ସୂଚନା ସବୁର ସଂଗ୍ରହ କରାଯାଇଅଛି । ଜନଗଣନା ଭିତ୍ତିକ ସର୍ବେକ୍ଷଣ ପ୍ରଣାଳୀ ବ୍ୟବହାରର ଉଦ୍ଦେଶ୍ୟ ହେଉଛି,ପ୍ରଭାବିତ ବ୍ୟକ୍ତି ମାନଙ୍କର ଏକ ସବିଶେଷ ତାଲିକା ପ୍ରସ୍ତୁତ କରିବାସହିତ ସେମାନଙ୍କର ଆୟର ସ୍ରୋତ ଏବଂ ସମ୍ପଦ ସବୁ ଉପରେ ପଡ଼ିବାକୁ ଥିବା ପ୍ରଭାବ ସବୁର ସୂଚନା ସଂଗ୍ରହ କରିବା । ଅଧ୍ୟୟନଟିରେ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟ ପ୍ରଣାଳୀ ବିଷୟରେ ନିମ୍ନରେ ପ୍ରଦାନ କରାଗଲା ।

କ) ମାଧ୍ୟମିକ ସୂତ୍ରର ନଥିପତ୍ର ସବୁର ସମୀକ୍ଷା, କ୍ଷେତ୍ର ପରିଦର୍ଶନ ଏବଂ ଅଞ୍ଚଳ ତଥା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାର ସବୁର ଚିହ୍ନଟିକରଣ ।

ଖ) ଜନଗଣନା ଭିତ୍ତିକ ସର୍ବେକ୍ଷଣ ଏବଂ ପରିବର୍ଦ୍ଧିତ ପରିବାର ସବୁର ଅନ୍ୱେଷଣ ।

ଗ) ପ୍ରଭାବିତ ପରିବାରମାନଙ୍କର ଗୃହଭିତ୍ତିକ ତଥ୍ୟ ସଂଗ୍ରହ ଏବଂ ୫% କିମ୍ବା ସର୍ବନିମ୍ନ ୧୦ଟି ଅଣପ୍ରଭାବିତ ପରିବାର ମାନଙ୍କର ଗୃହଭିତ୍ତିକ ତଥ୍ୟ ସଂଗ୍ରହ ।

ଘ) ସର୍ବସାଧାରଣଙ୍କ ସହିତ ବିଚାରବିମର୍ଷ ଏବଂ କେନ୍ଦ୍ରୀୟ ଦଳଗତ ଆଲୋଚନା ।

ଚ) ସରକାରୀ ବିଭାଗ ମାନଙ୍କଠାରୁ ମାଧ୍ୟମିକ ସ୍ତରର ସୂଚନା ସବୁର ସଂଗ୍ରହ ।

ଛ) ପ୍ରକଳ୍ପ ହେତୁକ ସାମାଜିକ ପ୍ରଭାବ ସବୁର ଆକଳନ ।

ଜ) ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିବରଣୀ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ପ୍ରସ୍ତୁତି ।

ଝ) ପ୍ରଭାବିତ ପରିବାରମାନଙ୍କର ଅତିରିକ୍ତ ମତାମତ ସବୁର ସଂଗ୍ରହ ଉଦ୍ଦେଶ୍ୟରେ ଜନଶୁଣାଣୀ କାର୍ଯ୍ୟକ୍ରମର ଆୟୋଜନ ।

ଟ) ବିବରଣୀଟିର ଚୂଡ଼ାନ୍ତୀକରଣ ଏବଂ ପ୍ରଦାନ ।

ସର୍ବେକ୍ଷଣ କାର୍ଯ୍ୟଟି ୫ଟି ପ୍ରଭାବିତ ପରିବାରଙ୍କୁ ନେଇ କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳ ମଧ୍ୟରେ ଥିବା ପ୍ରଭାବିତ ଅଞ୍ଚଳରେ ଗୁଡିକ ଉପରେ ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ୨୦ଟି ଅଣଭୂମିହରା ଗୃହ ମାନଙ୍କୁ ନିୟନ୍ତ୍ରକ ନମୁନା ପରିବାର ହିସାବରେ ରାସ୍ତା ପ୍ରକଳ୍ପ ହେତୁକ ପ୍ରଭାବ ସମ୍ପର୍କୀୟ ସୂଚନା ସଂଗ୍ରହ ଉଦ୍ଦେଶ୍ୟରେ ସର୍ବେକ୍ଷଣ କରାଯାଇଥିଲା ।

ଛବି- ୨.୧: ଅଧ୍ୟୟନଟିର କାର୍ଯ୍ୟଧାରା ଏବଂ ଯୋଗାଯୋଗ ସ୍ଥାପନ




## ୨.୫ ଗ୍ରହଣ କରାଯାଇଥିବା କାର୍ଯ୍ୟକଳାପ ସମୂହ

**୨.୫.୧ ପ୍ରଯୁଜ୍ୟ ନଥିପତ୍ର ସବୁର ତର୍ଜମା :** ସାମାଜିକ ପ୍ରଭାବ ମୁଲ୍ୟାୟନର ପୃଷ୍ଠଭୂମିରେ ଥିବା ସୂଚନା ସମ୍ପର୍କରେ ଜ୍ଞାତ ହେବା ଉଦ୍ଦେଶ୍ୟରେ ବ୍ୟାପକ କାର୍ଯ୍ୟାଳୟ ସ୍ତରୀୟ ଗବେଷଣା ଅନୁଷ୍ଠିତ ହୋଇଥିଲା ।ତଦନୁଯାୟୀ, ସାମାଜିକ ପ୍ରଭାବ ଆକଳନ, ପରିଚାଳନାଗତ ଯୋଜନା, ଜନଶୁଣାଣୀ ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ ଉଦ୍ଦେଶ୍ୟରେ ବହୁସଂଖ୍ୟକ ମାଧ୍ୟମିକ ପୁସ୍ତକ, ଅଧ୍ୟୟନ ବିବରଣୀ, ପ୍ରଯୁଜ୍ୟ ସରକାରୀ ନୀତିନିୟମ, ଗବେଷଣା ସମ୍ବନ୍ଧୀୟ ପ୍ରକାଶନ ସବୁର ବ୍ୟାପକ ତର୍ଜମା କରାଯାଇଥିଲା ।

**୨.୫.୨ କ୍ଷେତ୍ର ପରିଦର୍ଶନ ଏବଂ ସୂଚନା ଆଦାନପ୍ରଦାନ :** ପ୍ରାରମ୍ଭରେ ଅଧ୍ୟୟନକାରୀ ଗୋଷ୍ଠୀ କ୍ଷେତ୍ର ପରିଦର୍ଶନକାରୀ ମାଧ୍ୟମରେ ପ୍ରକଳ୍ପ ଅଞ୍ଚଳର ଭୌଗୋଳିକ ସ୍ଥିତି, ସ୍ଥଳାକୃତି, ସାମାଜିକ ଭିତ୍ତିଭୂମି, ପ୍ରଭାବିତ ବ୍ୟକ୍ତିବିଶେଷ ଏବଂ ସେମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନଚର୍ଯ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଉକ୍ତ ଗୋଷ୍ଠୀ ମଧ୍ୟ ବିଭିନ୍ନ ପ୍ରକଳ୍ପ ଅଞ୍ଚଳର ଅଂଶୀଦାର ମାନଙ୍କ ସହିତ ସଭାର ଆୟୋଜନ ମାଧ୍ୟମରେ ପ୍ରକଳ୍ପ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ଏବଂ ଅଧ୍ୟୟନ ସମ୍ବନ୍ଧୀୟ ସୂଚନା ଆଦାନପ୍ରଦାନ କାର୍ଯ୍ୟ କରିଥିଲେ ।

**୨.୫.୩ ଗୃହ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ:** ଉପଯୁକ୍ତ ଭାବରେ ପ୍ରାକ ପ୍ରସ୍ତୁତ ପ୍ରଶ୍ନାବଳି ବ୍ୟବହାର କରାଯାଇ ଦ୍ୱାର ଦ୍ୱାର ବୁଲି ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ଜନଗଣନା ଭିତ୍ତିକ ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିଲା । ପ୍ରାକ ପ୍ରସ୍ତୁତ ପ୍ରଶ୍ନାବଳିଟିରେ ପ୍ରକଳ୍ପ ପ୍ରଭାବିତ ପରିବାର/ ବ୍ୟକ୍ତିବିଶେଷ ମାନଙ୍କର ପରିଚୟ ଭିତ୍ତିକ ବିବରଣୀ, ପେଶା, ଆୟର ସୂତ୍ର, ପରିବାରର ବ୍ୟୟ ସମ୍ବନ୍ଧୀୟ ବିବରଣୀ, ଗୃହର ସମ୍ପଦ ସମୁହ, ପ୍ରଭାବିତ ଗଠନ ସବୁ ସମ୍ବନ୍ଧୀୟ ସୂଚନା, ବାଣିଜ୍ୟିକ/ ଆତ୍ମନିଯୁକ୍ତି ସମ୍ବନ୍ଧୀୟ କାର୍ଯ୍ୟକଳାପ, ନିଯୁକ୍ତିଗତ ଢାଞ୍ଚା ଏବଂ ପ୍ରକଳ୍ପ ବିଷୟରେ ପ୍ରଭାବିତ ବ୍ୟକ୍ତିମାନଙ୍କର ମତାମତ ଏବଂ ପୁନର୍ବାସ ତଥା ଥଇଥାନ ସମ୍ବନ୍ଧୀୟ ଆବଶ୍ୟକତା ବିଷୟ ସବୁକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

**୨.୫.୪ କେନ୍ଦ୍ରୀୟ ଦଳଗତ ଆଲୋଚନା ଏବଂ ସାମାଜିକ ମାନଚିତ୍ର ଅଙ୍କନ ଜରିଆରେ ସର୍ବସାଧାରଣଙ୍କ ସହିତ ବିଚାରବିମର୍ଶ :** ପ୍ରାଥମିକ ସୂତ୍ରରୁ ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ ସୂଚନା ସବୁର ସଂଗ୍ରହ ଉଦ୍ଦେଶ୍ୟରେ କେନ୍ଦ୍ରିତ ଦଳଗତ ଆଲୋଚନା ଏବଂ ଗୋଷ୍ଠିଭିତ୍ତିକ ସଦସ୍ୟ ମାନଙ୍କ ସହିତ ବ୍ୟାପକ ଆଲୋଚନା ସବୁ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସହଭାଗୀ ଗ୍ରାମ୍ୟ ଆଧାର ନିରୂପଣ ପ୍ରଣାଳୀ ସମୂହ, ଯଥା ସାମାଜିକ ମାନଚିତ୍ର ଅଙ୍କନ ପ୍ରଣାଳୀ ପ୍ରୟୋଗ କରାଯାଇ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ଠାରୁ ପ୍ରସ୍ତାବିତ ରାସ୍ତା ପ୍ରକଳ୍ପର ଉନ୍ନତିକରଣ ସମ୍ବନ୍ଧୀୟ ଜ୍ଞାନ ଏବଂ ମତାମତ ଆଦି ସଂଗ୍ରହ କରାଯାଇଥିଲା ।

**୨.୫.୫ ତଥ୍ୟ ବିଶ୍ଳେଷଣ ଏବଂ ବିବରଣୀ ପ୍ରସ୍ତୁତ :** ପ୍ରାଥମିକ ସ୍ତରରେ ମାଧମିକ ସୂତ୍ରରୁ ସଂଗୃହିତ ସୂଚନା ସବୁର ବିଶ୍ଳେଷଣ ପୂର୍ବକ ପ୍ରାପ୍ତ  ସିଦ୍ଧାନ୍ତ ସବୁକୁ ସାମାଜିକ ପ୍ରଭାବ ମୂଲ୍ୟାୟନ କାଳରେ ଆବଶ୍ୟକୀୟ ପ୍ରସଙ୍ଗ ଆକାରରେ ବ୍ୟବହାର କରାଯାଇଥିଲା । ପରବର୍ତ୍ତୀ କାଳରେ ପ୍ରାଥମିକ ସୂତ୍ରରୁ ସଂଗୃହିତ ପରିମାଣାତ୍ମକ ତଥ୍ୟ ସବୁର ସମ୍ୟକ ପରୀକ୍ଷା, କୋଡ଼ିଙ୍ଗ, ତଥ୍ୟ ଭର୍ତ୍ତି ଏବଂ ପ୍ରକ୍ରିୟାକରଣ ଭଳି କାର୍ଯ୍ୟ ସବୁର ସମ୍ପାଦନ କରାଯାଇଥିଲା । ବର୍ଣ୍ଣନାତ୍ମକ ପରିସଂଖ୍ୟାନ ସଂକ୍ରାନ୍ତୀୟ ପ୍ରଣାଳୀରେ ପରିମାଣାତ୍ମକ ତଥ୍ୟ ସବୁର ବିଶ୍ଳେଷଣ ପୂର୍ବକ ସାରଣୀ ଏବଂ ରେଖାଚିତ୍ର ଆକାରରେ ଉପସ୍ଥାପନ କରାଯାଇଥିଲା । ସେ ସବୁ ଯାହା ହେଉନା କାଇଁକି, ବିଭିନ୍ନ ସୂତ୍ରରୁ ଠୁଳ କରାଯାଇଥିବା ବିଭିନ୍ନ ସୂଚନା ଆଧାରରେ ସାମାଜିକ ଆକଳନ ଅଧ୍ୟୟନର ବିବରଣୀ ପ୍ରସ୍ତୁତ କରାଯାଇଥିଲା ।

**୨.୫.୬ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ପ୍ରସ୍ତୁତି :** ଅଧ୍ୟୟନକାରୀ ଗୋଷ୍ଠୀ ମୂଲ୍ୟାୟନ କାଳରେ ଚିହ୍ନଟ କରିଥିବା ପ୍ରଭାବ ସବୁର ଆଧାରରେ ଗୋଟିଏ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିଥିଲେ । ଉକ୍ତ ଯୋଜନା ପ୍ରସ୍ତୁତ କରିବାର ଲକ୍ଷ୍ୟ ହେଉଛି ପ୍ରକଳ୍ପ ପ୍ରଭାବିତ ଅଞ୍ଚଳସ୍ଥ ଗୃହ ମାନଙ୍କର ଦୁରବସ୍ଥା ସବୁର ଲାଘବ କରାଇବା ଏବଂ ପ୍ରକଳ୍ପ ହେତୁ ସୃଷ୍ଟ ପ୍ରତିକୁଳ ପ୍ରଭାବ ଜନିତ କ୍ଷତିପୁରଣ ଯୋଗାଇଦେବା । ଏଥିସହିତ ପ୍ରଭାବ ଲଘୁକରଣ ଏବଂ ଯୋଜନା ସହିତ ସମ୍ପୃକ୍ତ ଖର୍ଚ୍ଚ, ସମୟସୀମା ଏବଂ ସାମର୍ଥ୍ୟ ଅନୁଯାୟୀ ପରିଚାଳନା ଗତ କୌଶଳ ଆଦିକୁ ଅନ୍ତର୍ଭୁକ୍ତ କରାଇବା । ପ୍ରକଳ୍ପ ବିବରଣୀ ସହିତ ଉକ୍ତ ଯୋଜନାକୁ ସଂଯୁକ୍ତ କରାଯାଇ ପ୍ରକଳ୍ପ ଅଞ୍ଚଳରେ ପ୍ରସାରଣ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଅଛି ।

## ୨.୬ ଜଣ ଶୁଣାଣି

ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଆଇନ-୨୦୧୩ ର ଧାରା-୫ ଅନୁଯାୟୀ, ଜମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରଭାବିତ ପରିବାରମାନଙ୍କ ଠାରୁ, ସେମାନଙ୍କର ମତାମତ ଜାଣିବା ଉଦ୍ଦେଶ୍ୟରେ ଗୋଟିଏ ଜନଶୁଣାଣୀର ଅୟୋଜନ କରାଗଲା ଏବଂ ଏଥିପାଇଁ ତାରିଖ, ସମୟ ଏବଂ ସ୍ଥାନ ଦର୍ଶାଯାଇ ପର୍ଯ୍ୟାପ୍ତ ପ୍ରଚାର ପ୍ରସାର କରାଯାଇଥିଲା । ନିୟମରେ ଦର୍ଶାଯାଇଥିବା ମୁତାବକ ଉକ୍ତ ଜନଶୁଣାଣୀର ଆମୂଳଚୂଳ ଦୃଶ୍ୟ ଶ୍ରାବ୍ୟ ରେକଡିଂ କରାଯାଇ ଚୂଡାନ୍ତ ବିବରଣୀ ସହିତ ପ୍ରଦାନ କରାଗଲା । ସମ୍ପୃକ୍ତ ଭୂ-ଅର୍ଜନ ଅଧକାରୀ ଏବଂ ଆର.ଏ.ସି. ର ସାମାଜିକ ପ୍ରଭାବ ଆକଳନ ଅଧୟନକାରୀ ଗୋଷ୍ଠୀର ସଦସ୍ୟ ମାନଙ୍କ ଦ୍ୱାରା ମିଳିତ ଭାବରେ ଉକ୍ତ

ଜନଶୁଣାଣୀର ଆୟୋଜନ କରାଯାଇଥିଲା ଏବଂ ଉକ୍ତ ଜନଶୁଣାଣୀରେ ଜିଲ୍ଲାସ୍ତରୀୟ ସମ୍ପୃକ୍ତ କର୍ମକର୍ତ୍ତା ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅଧ୍ୟୟନ ବିବରଣୀଟିର ଉପସ୍ଥାପନା କରାଯାଇଥିଲା । ଉକ୍ତ ଜନଶୁଣାଣୀ ପରେ ଅଧ୍ୟୟନକାରୀ ଗୋଷ୍ଠୀ ଉକ୍ତ ଜନଶୁଣାଣୀରୁ ସଂଗୃହିତ ସମସ୍ତ ମତାମତ ସବୁର ବିଶ୍ଳେଷଣ ପୂର୍ବକ ସବୁର ସାରାଂଶକୁ ଚୁଡାନ୍ତ ବିବରଣୀରେ ଅନ୍ତର୍ଭୁକ୍ତ କରିଛନ୍ତି ।

## ୨.୭ ବ୍ୟବହୃତ ଉପକରଣ ସମୂହ :

ସର୍ବେକ୍ଷଣ ଅଞ୍ଚଳରେ ପ୍ରଭାବିତ ପରିବାର ମାନଙ୍କଠାରୁ ସୂଚନା ସବୁର ସଂଗ୍ରହ ଉଦ୍ଦେଶ୍ୟରେ ଚାରିଗୋଟି ଉପକରଣ ସେଟ୍ ର ବ୍ୟବହୃତ ହୋଇଥିଲା । ଉକ୍ତ ଉପକରଣ ବିଷୟରେ ନିମ୍ନରେ ପ୍ରଦାନ କରାଗଲା ।

- ଗୃହାଭିତ୍ତିକ ସାକ୍ଷାତକାର ପାଇଁ ଉଦ୍ଦିଷ୍ଟ ପ୍ରଶ୍ନାବଳୀ
- ସାଧାରଣ, ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି ସର୍ବେକ୍ଷଣ ପ୍ରଶ୍ନାବଳି
- କେନ୍ଦ୍ରୀୟ ଦଳଗତ ଆଲୋଚନା ପାଇଁ ମାର୍ଗଦର୍ଶିକା
- ସାମାଜିକ ତଥା ସମ୍ବଳ ମାନଚିତ୍ର ଅଙ୍କନ

## ୨.୮ ସୀମାବଦ୍ଧତା ସମୂହ

ଯେତେବେଳେ ସାମାଜିକ ପ୍ରଭାବ ମୂଲ୍ୟାୟନ କାର୍ଯ୍ୟ ସମ୍ପାଦିତ ହେଉଥିଲା, ସେତେବେଳେ ଅଧ୍ୟୟନକାରୀ ଗୋଷ୍ଠୀ କେତେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲା କିନ୍ତୁ ଆବଶ୍ୟକୀୟ ପଦକ୍ଷପମାନ ଗ୍ରହଣ କରାଯାଇ ଏହି ସମସ୍ୟା ସବୁର ସମାଧାନ କରାଯାଇଥିଲା । ସେ ଯାହା ହେଉନା କାହିଁକି, ତଥାପି କେତେକ ବିଷୟବସ୍ତୁ କ୍ଷେତ୍ରରେ ଏବେବି ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ସର୍ବେକ୍ଷଣ ପ୍ରକ୍ରିୟା ସମୟରେ ନିମ୍ନଲିଖିତ ସୀମାବଦ୍ଧତା ସବୁର ସମ୍ମୁଖୀନ ହୋଇଥିଲେ ।

- ପ୍ରଚଳିତ ଦେଶବ୍ୟାପୀ କୋଭିଡି-୧୯ ପରିସ୍ଥିତି ହେତୁ ସୃଷ୍ଟ ବିଭିନ୍ନ ପ୍ରତିବନ୍ଧକମାନଙ୍କ କ୍ଷେତ୍ରରେ ଅଧ୍ୟୟନକାରୀ ଆବଶ୍ୟକୀୟ ସାବଧାନତା ସବୁର ଅବଲମ୍ବନ କରି ବହୁକଷ୍ଟରେ ସମସ୍ତ ପ୍ରକାରର ମାର୍ଗଦର୍ଶିକା ଅନୁସରଣ ପୂର୍ବକ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ସବୁର କାର୍ଯ୍ୟାନ୍ୱୟନ କରାଯାଇଥିଲା ।
- ଅଧ୍ୟୟନଟି କଟକ ସହର ଅଞ୍ଚଳରେ ବସବାସ କରୁଥିବା ପ୍ରଭାବିତ ଗୃହସମୂହ ମଧ୍ୟରେ ସୀମାବଦ୍ଧ ଥିଲା ।
- ଅସମ୍ପୂର୍ଣ୍ଣ ଦସ୍ତାବିଜ ଲେଖନ : କେତେଜଣ ପ୍ରଭାବିତ ଉତ୍ତରଦାତାଙ୍କୁ ବ୍ୟକ୍ତିଗତ ସ୍ତରରେ ସାକ୍ଷାତ କରାଯାଇ ପାରିନଥିଲା କାରଣ, ସେମାନେ ତାଙ୍କର ପରିବାର ସହିତ ରାଜ୍ୟ ଏବଂ ଦେଶ ବାହାରେ ରହୁଥିଲେ ।
- ବାସ୍ତବ ପ୍ରଭାବ ହୁଏତ ସମ୍ଭାବ୍ୟ ପ୍ରଭାବ ତୁଳନାଠାରୁ ପାର୍ଥକ୍ୟ ହୋଇପାରେ କାରଣ ବାସ୍ତବ ବିଶ୍ୱ ବାବଦରେ ସଠିକ ଭାବରେ ଚିନ୍ତା କରାଯାଇପାରି ନଥାଏ ।

- କ୍ଷେତରାଷ୍ଟ୍ରୀୟ ସଂଗୃହିତ ପ୍ରାଥମିକ ତଥ୍ୟକୁ ସଠିକ ଭାବରେ ତୁଳନା କରିବା ପାଇଁ ସମସ୍ତ ପ୍ରକାରର ବ୍ୟାପକ ମାଧ୍ୟମିକ ସୂତ୍ରର ତଥ୍ୟ ପ୍ରାପ୍ତ ହୋଇପାରି ନଥିଲା । ତେଣୁ, ବିଶ୍ଲେଷଣ ଏବଂ ବର୍ଣନା କ୍ଷେତ୍ରରେ ସାମୟିକ ଭାବରେ ଖସିଯାଇଥିବାକୁ ସମ୍ପୂର୍ଣ ଭାବରେ ଅସ୍ୱୀକାର କରାଯାଇନପାରେ ।

## ୨.୯ ଅଧ୍ୟାୟ ପ୍ରସ୍ତୁତି ଶୈଳୀ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିବରଣୀଟି ୭ଟି ଅଧ୍ୟାୟରେ ବିଭାଜିତ । ପ୍ରଥମ ଅଧ୍ୟାୟଟି ହେଉଛି, ଉପକ୍ରମ ସହିତ ପ୍ରକଳ୍ପର ପୃଷ୍ଠଭୂମି ଏବଂ ନ୍ୟାୟଗତ ଆଇନ ସମୂହ ଏବଂ ସେସବୁର ଢାଞ୍ଚା । ଅଧ୍ୟାୟ-୨ ରେ କାର୍ଯ୍ୟ ପରିସର, ଅଧ୍ୟୟନର ଲକ୍ଷ୍ୟ, କାର୍ଯ୍ୟଧାରା ଏବଂ ଗୃହୀତ କାର୍ଯ୍ୟକଳାପ ଏବଂ ଅଧ୍ୟୟନର ସୀମାବଦ୍ଧତା ଅନ୍ତର୍ଭୁକ୍ତ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କ୍ଷେତ୍ର ଏବଂ ପ୍ରଭାବିତ ପରିବାର ସବୁର ପାର୍ଶ୍ୱଚିତ୍ର ଆଦି ବିଷୟରେ ତୃତୀୟ ଅଧ୍ୟାୟରେ କେନ୍ଦ୍ରିତ କରାଯାଇଅଛି । ଅଧ୍ୟାୟ-୪ ରେ ପ୍ରକଳ୍ପ ଜମିର ଆକଳନ ବିଷୟରେ ବିଶ୍ଲେଷଣ କରାଯାଇଅଛି । ପ୍ରକଳ୍ପ ହେତୁକ ପ୍ରଭାବ ସବୁର ବିଶ୍ଲେଷଣ ଏବଂ ପ୍ରଭାବିତ ପରିବାର ମାନଙ୍କର ଅନୁଭୂତି ସହିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଆଦି ପଞ୍ଚମ ଅଧ୍ୟାୟରେ ଉପସ୍ଥାପନ କରାଯାଇଅଛି । ଷଷ୍ଠ ଅଧ୍ୟାୟରେ ଜନାଶୁଣାଣିର ବିବରଣୀ ଓ ଶେଷ ଅଧ୍ୟାୟଟିରେ ମୂଲ୍ୟ ଅନୁଯାୟୀ ସୁବିଧା ସୁଯୋଗ ସବୁର ବିଶ୍ଲେଷଣ ଏବଂ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ସୁପାରିଶ ସମୂହ ପ୍ରତିଫଳିତ ହୁଏ ।

*********

# ଅଧ୍ୟାୟ-୩

## ଅଧ୍ୟୟନ ଅଞ୍ଚଳ ଏବଂ ପ୍ରଭାବିତ ପରିବାର ମାନଙ୍କର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର

### ୩.୧ ଅଧ୍ୟୟନ ଜିଲ୍ଲା : କଟକ

ଓଡିଶା ପ୍ରଦେଶ ଅନ୍ତର୍ଗତ ସର୍ବମୋଟ ୩୦ଟି ଜିଲ୍ଲାମାନଙ୍କ ମଧ୍ୟରୁ କଟକ ଜିଲ୍ଲାଟି ବିଭିନ୍ନ ଦୃଷ୍ଟିକୋଣରୁ ଏକ ପ୍ରମୁଖ ସମ୍ମୁନ୍ନତ ଜିଲ୍ଲାର ମାନ୍ୟତା ହାସଲ କରିଅଛି । ଏହାର ପ୍ରଶାସନିକ ମୁଖ୍ୟାଳୟ କଟକ ସହରରେ ଅବସ୍ଥିତ । ୨୦୧୧ ମସିହା ଜନଗଣନା ଅନୁଯାୟୀ ଏହା ରାଜ୍ୟର ଦ୍ୱିତୀୟ ପ୍ରମୁଖ ଜନବହୁଳ ଜିଲ୍ଲା ଅର୍ଥାତ ଗଂଜାମ ଜିଲ୍ଲାର ପରବର୍ତ୍ତୀ ଜିଲ୍ଲା ହିସାବରେ ୨,୬୨୪,୪୭୦ ଜନସଂଖ୍ୟା ବିଶିଷ୍ଟ ଅଟେ । ଇତିହାସରେ ବର୍ଣ୍ଣନାନୁଯାୟୀ କଟକର ନାମକରଣ "କଟକ" ଶବ୍ଦରୁ ଉଦ୍ଧୃତ ହୋଇଅଛି ଯାହାର ସାହିତ୍ୟିକ ଅର୍ଥ ହେଉଛି "ଦୁର୍ଗ", ଯାହାକି ବାରବାଟୀ ଦୁର୍ଗକୁ ସୁଚାଇଥାଏ ।ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ଦେଖିଲେ ଉକ୍ତ ଜିଲ୍ଲାଟି ୨୦.୫୧୭$^0$ ଉତ୍ତର ଅକ୍ଷାଂଶ ଏବଂ ୮୫.୭୨୬$^0$ ପୂର୍ବ ଦ୍ରାଘିମା ଉପରେ ଅବସ୍ଥିତ, ଯାହାର କ୍ଷେତ୍ରଫଳ ୩୯୩୨ ବର୍ଗ କି.ମି. ଅଟେ । ଜଳବାୟୁ ଦୃଷ୍ଟିକୋଣରୁ ଦେଖିଲେ ଏହାର ବାର୍ଷିକ ହାରାହାରି ବୃଷ୍ଟିପାତ ୧୪୪୦ ମି.ମି. ଯାହାକି ମୁଖ୍ୟତଃ ଦକ୍ଷିଣ-ପଶ୍ଚିମ ମୌସୁମୀରେ (ଜୁନ ମାସ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ) ହୋଇଥାଏ । ଏହି ଅଞ୍ଚଳର ବାର୍ଷିକ ତାପମାତ୍ରା ଗ୍ରୀଷ୍ମ ଋତୁ (ମାର୍ଚ୍ଚ ମାସ ପ୍ରାରମ୍ଭରୁ ଜୁନ ମାସର ମଧ୍ୟ ଭାଗ ପର୍ଯ୍ୟନ୍ତ) ବ୍ୟତୀତ ମଧ୍ୟମ ଧରଣର ମନେହୁଏ । ସମଗ୍ର ଜିଲ୍ଲାରେ ହାରାହାରି ସର୍ବୋଚ୍ଚ ତାପମାତ୍ରା ୪୧° ସେ. ଏବଂ ହାରାହାରି ସର୍ବନିମ୍ନ ତାପମାତ୍ରା ୧୦°ସେ. ଦର୍ଶାଏ । କଟକ ଜିଲ୍ଲାଟି ୧୫ଟି ତହସିଲ ଏବଂ ସମାନ ସଂଖ୍ୟକ ରାଜସ୍ୱ ପଞ୍ଚାୟତ ସମିତିକୁ ନେଇ ଗଠିତ । ଏହାର ଜନସଂଖ୍ୟାର ସାନ୍ଦ୍ରତା ପ୍ରତ୍ୟେକ ବର୍ଗ କି.ମି. ପିଛା ୬୬୬ ଜଣ ବ୍ୟକ୍ତିବିଶେଷ ଅଟେ ଏବଂ ଏକ ଦଶନ୍ଧି (୨୦୦୧-୨୦୧୧) ମଧ୍ୟରେ ଜନସଂଖ୍ୟା ବୃଦ୍ଧିର ହାର ୧୧.୮୬% ଅଟେ । ଜିଲ୍ଲାର ଲିଙ୍ଗଗତ ଅନୁପାତ ପ୍ରତି ୧୦୦୦ ଜଣ ପୁରୁଷଙ୍କ କ୍ଷେତ୍ରରେ ୯୫୫ ଜଣ ମହିଳା ଅଟେ ଏବଂ ସାକ୍ଷରତା ହାର ୮୪.୨% ଅଟେ । ଉକ୍ତ ଜିଲ୍ଲାରେ ଜନସାଧାରଣ ପ୍ରଥମ ଭାଷା ହିସାବରେ ସମୁଦାୟ ଜନସଂଖ୍ୟାର ୯୧.୩୬% ଓଡ଼ିଆ, ୪.୬୬% ଉର୍ଦ୍ଦୁ, ୧.୩୯% ହିନ୍ଦୀ, ୦.୮୬% ବଙ୍ଗଳା ଏବଂ ୦.୭୮% ତେଲୁଗୁ ଭାଷାକୁ ବ୍ୟବହାର କରିଥାନ୍ତି ।

**ଛବି-୨ : କଟକ ସହରର ମାନଚିତ୍ର**



ଦେଶର ପୁରାତନ ସହର ମାନଙ୍କ ମଧ୍ୟରୁ କଟକ ସହର ୧୦୦୦ ବର୍ଷ ତଳର ଏକ ପୁରାତନ ସହର ଅଟେ । ଏହା ମହାନଦୀ ଓ ଏହାର ପ୍ରମୁଖ ଶାଖାନଦୀ କାଠଯୋଡିର ଦ୍ୱିଶାଖା ବିଭାଜନ ମଧ୍ୟରେ ଅବସ୍ଥିତ । ଉକ୍ତ ସହରଟି ମହାରାଜା ତୃତୀୟ ଅନଙ୍ଗ ଭୀମଦେବଙ୍କ ରାଜତ୍ୱ ସମୟରେ ନିର୍ମିତ ହୋଇଥିଲା ତଥା ଓଡିଶା ପ୍ରଦେଶର ପୂର୍ବତନ ରାଜଧାନୀ ମଧ୍ୟ ଥିଲା । କଟକ ସହର ଏହାର ସୁନ୍ଦର ତାରକସୀ କାମପାଇଁ "ରୌପ୍ୟ ନଗରୀ"ର ମାନ୍ୟତା ପାଇବା ସହିତ ସାରାଦେଶରେ ସର୍ବମାନ୍ୟ ବିବେଚିତ ହୁଏ । ଉକ୍ତ ସହରଟି କଟକ ଚଣ୍ଡୀ ମନ୍ଦିର, ବାରବାଟୀ ଷ୍ଟାଡିୟମ, ଓଡ଼ିଶାର ଉଚ୍ଚ ନ୍ୟାୟାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ଓଡ଼ିଆ ଚଳଚିତ୍ର ଶିଳ୍ପର କେନ୍ଦ୍ର ସ୍ଥଳ (ଓଲିଉଡ଼), କେନ୍ଦ୍ରୀୟ ଧାନ ଗବେଷଣା ସଂସ୍ଥା, ଯାହାକି ଏସିଆ ମହାଦେଶର ସର୍ବବୃହତ ଧାନ ଗବେଷଣା ସଂସ୍ଥା ଅଟେ ଏବଂ ଏହାର ଅନେକ ପର୍ବ ପର୍ବାଣୀ ଯଥା: ଦଶହରା ଏବଂ କାଳୀପୂଜା ପାଇଁ ପ୍ରସିଦ୍ଧ ଅଟେ । ଅନ୍ୟପକ୍ଷରେ ଏହି ସହରରେ ଥିବା ବଡ଼ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଫେରୋ ଆଲଏଜ, ଇସ୍ପାତ ଏବଂ କୃଷି ଯନ୍ତ୍ରପାତି ଯୋଗାଣ ପ୍ରଭୃତିରେ ବ୍ୟବସ୍ଥାଗତ କାର୍ଯ୍ୟ ଏବଂ ପୁରାତନ ଶିଳ୍ପସମୂହ ଯଥା: ହସ୍ତଶିଳ୍ପ ଏବଂ କପଡା ଶିଳ୍ପ ଆଦି ପାଇଁ ଓଡ଼ିଶାର ପ୍ରମୁଖ ବାଣିଜ୍ୟିକ ସହରର ମାନ୍ୟତା ହାସଲ କରେ ।

**ସାରଣୀ- ୩.୧ : କଟକ ଜିଲ୍ଲାର ପ୍ରମୁଖ ସଂକେତକ ସମୂହ**

| **ସଂକେତକ ସମୂହ** | **କଟକ ଜିଲ୍ଲା** | **ଓଡିଶା ପ୍ରଦେଶ** |
|---|---|---|
| ଭୌଗୋଳିକ କ୍ଷେତ୍ରଫଳ (ବର୍ଗ କି.ମି.) | ୩୯୩୨ | ୧୫,୫,୭୦୭ |
| ଉପଖଣ୍ଡ ସଂଖ୍ୟା | ୦୩ | ୫୮ |
| ତହସିଲ ସଂଖ୍ୟା | ୧୫ | ୩୧୬ |
| ପଞ୍ଚାୟତ ସମିତି ସଂଖ୍ୟା | ୧୪ | ୩୧୪ |
| ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସବୁର ସଂଖ୍ୟା | ୦୪ | ୬୮ |
| ଗ୍ରାମ ପଞ୍ଚାୟତ ସଂଖ୍ୟା | ୩୭୩ | ୬୨୩୪ |
| ଗ୍ରାମସଂଖ୍ୟା | ୧୯୫୦ | ୫୧୩୪୯ |
| ସମୁଦାୟ ଗୃହ ସଂଖ୍ୟା | ୫,୭୯,୧୭୦ | ୯୬,୩୭,୮୨୦ |
| ସର୍ବମୋଟ ଜନସଂଖ୍ୟା | ୨୬,୨୪,୪୭୦ | ୪,୧୯,୭୪,୨୧୮ |
| ପ୍ରତ୍ୟେକ ବର୍ଗ କି.ମି. ପିଛା ଜନସଂଖ୍ୟାର ସାନ୍ଦ୍ରତା | ୬୬୬ | ୨୬୯ |
| ଅନୁସୁଚୀତ ଜାତିଙ୍କର ଅନୁପାତ (%) | ୧୯.୦୦ | ୧୬.୫୩ |
| ଅନୁସୁଚୀତ ଜନଜାତିଙ୍କର ଅନୁପାତ (%) | ୦୩.୫୭ | ୨୨.୧୩ |
| ଲିଙ୍ଗଗତ ଅନୁପାତ (ପ୍ରତି ୧୦୦୦ ଜଣ ପୁରୁଷଙ୍କ କ୍ଷେତ୍ରରେ ମହିଳାଙ୍କର ସଂଖ୍ୟା) | ୯୫୫ | ୯୭୮ |
| ସାକ୍ଷରତା ହାର (%) | ୮୪.୨ | ୭୩.୪୫ |

*ସୂତ୍ର : ୨୦୧୧ ମସିହା ଜନଗଣନା*

କଟକ ସଦର ତହସିଲ ୧୩୭ ଖଣ୍ଡ ରାଜସ୍ୱ ଗ୍ରାମକୁ ନେଇ ଗଠିତ । ସଦର ତହସିଲର ସର୍ବମୋଟ ଜନସଂଖ୍ୟା ୧୪୧୬୯୩, ଯେଉଁମାନେ କି ସମୁଦାୟ ୩୦୬୬୮ ଗୃହ ମାନଙ୍କରେ ବସବାସ କରିଥାଆନ୍ତି । ଏହାର ସମୁଦାୟ ଜନସଂଖ୍ୟାର ୭୬.୨୯% ସାକ୍ଷର ଅଟନ୍ତି । ଏହାର ଅନୁସୁଚିତ ଜାତିର ଜନସଂଖ୍ୟା ୪୧୩୫୨ ହୋଇଥିବା ସ୍ଥଳେ

ଅନୁସୁଚିତ ଜନଜାତି ବର୍ଗର ଜନସଂଖ୍ୟା ୮୯୫ ଅଟେ । କଟକ ପୌର ନିଗମଟି ୫୮ଟି ପ୍ରଶାସନିକ ୱାର୍ଡରେ ବିଭକ୍ତ । ଏହାର ଷ୍ଟାଣ୍ଡିଂ କମିଟି ଦ୍ୱାରା ପୌର ନିଗମର ସହରାଞ୍ଚଳ ଉନ୍ନୟନ ଯୋଜନା ପ୍ରଣୟନ କରାଯିବା ସହିତ ରାସ୍ତାଘାଟ, ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ, ହାସପାତାଳ ଏବଂ ପୌର ବଜାର ସବୁର ରକ୍ଷଣାବେକ୍ଷଣ କରାଯାଇଥାଏ । କଟକର ସର୍ବୋଚ୍ଚ ସଂସ୍ଥା ହିସାବରେ, ନଗରନିଗମ ପରିଷଦଟି ଜଣେ ମେୟର, ଜଣେ ଉପମେୟର ଏବଂ କଟକ ପୌର ନିଗମର ଅନ୍ୟାନ୍ୟ ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ସମସ୍ତ ପ୍ରକାରର କାର୍ଯ୍ୟ ନିର୍ବାହ କରିଥାଏ ।ନଗର ନିଗମର କାର୍ଯ୍ୟକଳାପ ମଧ୍ୟରେ ଜଳ ଯୋଗାଣ, ଉଦବୃତ୍ତ ଜଳ ଏବଂ ମଇଳା ପାଣିର ନିଷ୍କାସନ, ପରିମଳ, କଠିନ ବର୍ଜ୍ୟ ବସ୍ତୁର ପରିଚାଳନା, ରାସ୍ତା ଆଲୋକୀକରଣ ଏବଂ କୋଠାବାଡି ନିୟନ୍ତ୍ରଣ ଆଦି ଅନ୍ତର୍ଭୁକ୍ତ । କଟକ ସହର ଅତି ଉତ୍ତମ ଭାବରେ ରେଳପଥ ଏବଂ ସଡକପଥରେ ଭାରତର ଚାରିଗୋଟି ମେଟ୍ରୋ ସହର ଯଥା : ଦିଲ୍ଲୀ, କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ସହିତ ଦେଶର ପ୍ରାୟ ସମସ୍ତ ଅଞ୍ଚଳ ସହିତ ସଂଯୁକ୍ତ ଅଟେ ।

ସାରଣୀ-୩ : **କଟକ ସଦର ତହସିଲର ପ୍ରମୁଖ ସୂଚନା ସମୂହ**

| | | | |
|---|---|---|---|
| ଜିଲ୍ଲା | କଟକ | ଅନୁସୁଚୀତ ଜନଜାତି ଜନସଂଖ୍ୟା | ୨୮୯୫ |
| ତହସିଲ | ସଦର ତହସିଲ | ଅନୁସୁଚୀତ ଜାତି ଜନସଂଖ୍ୟା | ୪୧୩୫୨ |
| ରାଜସ୍ୱ ଗ୍ରାମର ସଂଖ୍ୟା | ୧୩୭ | ସାକ୍ଷର ସଂଖ୍ୟା | ୧୦୮୦୯୨ |
| ସମୁଦାୟ ଗୃହ ସଂଖ୍ୟା | ୩୦୬୬୮ | ସମୁଦାୟ ଶ୍ରମିକ ସଂଖ୍ୟା | ୫୧୦୮୪ |
| ସମୁଦାୟ ଜନସଂଖ୍ୟା | ୧୪୧୬୯୩ | ମୁଖ୍ୟ ଶ୍ରମିକଙ୍କ ସଂଖ୍ୟା | ୩୬୮୬୩ |
| ପୁରୁଷ ଜନସଂଖ୍ୟା | ୭୨୪୦୯ | କୃଷକ(ମୁଖ୍ୟତଃ) | ୬୬୦୬ |
| ମହିଳା ଜନସଂଖ୍ୟା | ୬୯୨୮୪ | କୃଷି ଶ୍ରମିକ(ମୁଖ୍ୟତଃ) | ୭୬୮୪ |

*ସୂତ୍ର : ୨୦୧୧ ମସିହା ଜନଗଣନା*

## ୩.୨ ପ୍ରକଳ୍ପ ପ୍ରଭାବିତ ୱାର୍ଡ : (ୱାର୍ଡ ସଂଖ୍ୟା-୩୬)

ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନଟି କଟକ ପୌର ନିଗମର ୱାର୍ଡ ସଂଖ୍ୟା-୩୬, ଛତ୍ରବଜ଼ାର ଅଞ୍ଚଳରେ ସମ୍ପାଦିତ ହୋଇଅଛି । ଉକ୍ତ ୱାର୍ଡଟି କଟକ ସଦର ତହସିଲ ଅଞ୍ଚଳରେ ଅବସ୍ଥିତ । ୨୦୧୧ ମସିହାର ଜନଗଣନା ଅନୁଯାୟୀ, ଉକ୍ତ ୱାର୍ଡର ଜନସଂଖ୍ୟା, ୩୭୪୮ ପୁରୁଷ, (୫୧.୯୦%) ଏବଂ ୩୪୭୩ ମହିଳା (୪୮.୧୦%) ଜନସଂଖ୍ୟାକୁ ମିଶାଇ ସମୁଦାୟ ୭୨୨୧ ଅଟେ ଯେଉଁମାନେ କି, ୧୪୮୮ଟି ଗୃହମାନଙ୍କରେ ବସବାସ କରନ୍ତି । ଜନସଂଖ୍ୟାରସାମାଜିକ ବର୍ଗୀକରଣ ଦର୍ଶାଏ ଯେ, ୮୩.୧୯% ସାଧାରଣ ବର୍ଗ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ୧୬.୨୮% ଅନୁସୂଚିତ ଜାତି ବର୍ଗ ଏବଂ ୦.୫୩% ଅନୁସୂଚିତ ଜନଜାତି ବର୍ଗରୁ ଆସନ୍ତି । ସମୁଦାୟ ଜନସଂଖ୍ୟାର ୭୮.୫୫% ସାକ୍ଷର ଅଟନ୍ତି, ଯାହାକି ରାଜ୍ୟ ସାକ୍ଷରତା ହାର (୭୨.୯%) ତୁଳନାରେ ଯଥେଷ୍ଟ ଅଧିକ ଅଟେ । ଉକ୍ତ ୱାର୍ଡଟିର ସମୁଦାୟ ଶ୍ରମଶକ୍ତି ୨୪୯୨ ଜଣ ବ୍ୟକ୍ତିବିଶେଷ ଅଟନ୍ତି, ଯେଉଁମାନଙ୍କ ମଧ୍ୟରୁ ୨୩୨୧ ଜଣ ମୁଖ୍ୟ ଶ୍ରମିକ ହୋଇଥିବା ସ୍ଥଳେ ୧୭୧  ଜଣ ସାମୟିକ ଶ୍ରମିକ ଅଟନ୍ତି । ପ୍ରକଳ୍ପ ଅଞ୍ଚଳର ବିସ୍ତୃତ ଜନସଂଖ୍ୟା ତତ୍ତ୍ୱ ସାରଣୀ-୩.୩ ରେ ଦର୍ଶାଯାଇଅଛି ।

**ସାରଣୀ-୩.୩ : ଅଧ୍ୟୟନ କରାଯାଇଥିବା ୱାର୍ଡ ର ଜନସଂଖ୍ୟା ତତ୍ତ୍ୱ**

| | | | |
|---|---|---|---|
| ସମୁଦାୟ ଗୃହ ସଂଖ୍ୟା | ୧୪୮୮ | ଅନୁସୁଚୀତ ଜାତି ଜନସଂଖ୍ୟା | ୧୧୭୬ |
| ସମୁଦାୟ ଜନସଂଖ୍ୟା | ୭୨୨୧ | ସାକ୍ଷର ସଂଖ୍ୟା | ୫୬୭୩ |
| ପୁରୁଷ ଜନସଂଖ୍ୟା | ୩୭୪୮ | ସମୁଦାୟ ଶ୍ରମିକ ସଂଖ୍ୟା | ୨୪୯୨ |
| ମହିଳା ଜନସଂଖ୍ୟା | ୩୪୭୩ | ମୁଖ୍ୟ ଶ୍ରମିକଙ୍କ ସଂଖ୍ୟା | ୨୩୨୧ |
| ଅନୁସୁଚୀତ ଜନଜାତି ଜନସଂଖ୍ୟା | ୩୮ | ସାମୟିକ ଶ୍ରମିକଙ୍କ ସଂଖ୍ୟା | ୧୭୧ |

*ସୂତ୍ର : ଜନଗଣନା, ୨୦୧୧*

## ୩.୩. ସାଧାରଣ ଏବଂ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି ଏବଂ ସେବା ସମୂହ

ଗୋଟିଏ ୱାର୍ଡରେ ବସବାସ କରୁଥିବା ଜନସାଧାରଣଙ୍କର ଜୀବନ ଧାରଣର ଅବସ୍ଥା, ସେମାନଙ୍କର ଭିତ୍ତିଭୂମି ଜନିତ ସୁବିଧା ସମୂହ ପ୍ରତି ଥିବା ପହୁଞ୍ଚର ମାତ୍ରାକୁ ଦର୍ଶାଇଥାଏ । ଉକ୍ତ ଭିତ୍ତିଭୂମି ଜନିତ ସୁବିଧା ଏବଂ ସେବା ମାନଙ୍କରେ ମୁଖ୍ୟତଃ ସାଧାରଣ ଭିତ୍ତିଭୂମି ଏବଂ ସଂସ୍ଥାଗତ ସୁବିଧା, ଯଥା: ରାସ୍ତା ସଂଯୋଗୀକରଣ, ପାନୀୟ ଜଳର ସୁବିଧା, ବିଜୁଳି ସଂଯୋଗ, ବଜାର ଅଞ୍ଚଳ, ଅଙ୍ଗନବାଡି କେନ୍ଦ୍ର, ଗୋଷ୍ଠୀ ଗୃହ, ଡାକଘର, ଥାନା ଇତ୍ୟାଦି ଅନ୍ତର୍ଭୁକ୍ତ । ଉକ୍ତ ପରିପ୍ରେକ୍ଷୀରେ ଏହା ଲକ୍ଷ୍ୟ କରାଗଲା ଯେ, ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ପ୍ରକାରର ଭିତ୍ତିଭୂମି ଜନିତ ସୁବିଧା ସୁଯୋଗମାନ ଉପଲବ୍ଧ ଅଟେ ଏବଂ ଏଗୁଡିକର ବିଷଦ ବିବରଣୀ ସାରଣୀ-୩.୪ରେ ଦର୍ଶାଯାଇଅଛି । କ୍ଷେତ୍ର ପରିଦର୍ଶନ ସମୟରେ ଏହା ପ୍ରକଟ ହେଲା ଯେ, ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଉକ୍ତ ଭିତ୍ତିଭୂମି ଜନିତ ସେବାସୁବିଧା ଗୁଡିକର ସେପରି କିଛି ପ୍ରଭୁତ କ୍ଷତି ହେବନାହିଁ କିନ୍ତୁ ସାମାନ୍ୟ ସ୍ଥାନାନ୍ତରଣ ଆବଶ୍ୟକ ପଡିପାରେ ।

**ସାରଣୀ-୩.୪ : ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ ସାଧାରଣ ଭିତ୍ତିଭୂମି ସମୂହ(ସଂଖ୍ୟାରେ)**

| ଭିତ୍ତିଭୂମି ସମୂହ | **ୱାର୍ଡ ୩୬** | **ୱାର୍ଡ ୩୭** | ଭିତ୍ତିଭୂମି ସମୂହ | **ୱାର୍ଡ ୩୬** | **ୱାର୍ଡ ୩୭** |
|---|---|---|---|---|---|
| କଚ୍ଚା ରାସ୍ତା (କି.ମି.) | ୨ କି.ମି. | ୧ କି.ମି. | ମାଧ୍ୟମିକ ବିଦ୍ୟାଳୟ | ୧ | ୧ |
| ପକ୍କା ରାସ୍ତା (କି.ମି.) | ୩ କି.ମି. | ୪ କି.ମି. | ଉଚ୍ଚ ବିଦ୍ୟାଳୟ | ୧ | ୦ |
| ଗଭୀର ନଳ କୂଅ | ୨ | ୧ | ମହାବିଦ୍ୟାଳୟ | ୧ | ୧ |
| ପାଇପ ଯୋଗେ ଜଳ ସଂଯୋଗ | ହଁ | ହଁ | ପାଠାଗାର/ ପଠନ କେନ୍ଦ୍ର | ୦ | ୧ |
| ରାସ୍ତା ପାର୍ଶ୍ୱରେ ପାଇପ ଜଳଯୋଗାଣ | ହଁ | ହଁ | ଚିକିତ୍ସାଳୟ/ ସ୍ୱାସ୍ଥ୍ୟ କେନ୍ଦ୍ର | ୧ | ୧ |
| ଶବଦାହ ସ୍ଥଳୀ | ୧ | ୧ | ସୁଲଭ ମୂଲ୍ୟ ଦୋକାନ | ୧ | ୧ |
| ବଜାର ଅଞ୍ଚଳ | ୧ | ୨ | କିରାନା ଦୋକାନ | ୬ | ୧୦ |
| ଅଙ୍ଗନବାଡି କେନ୍ଦ୍ର | ୧ | ୧ | ଔଷଧ ଦୋକାନ | ୩ | ୮ |
| ଗୋଷ୍ଠୀ ଗୃହ | ୧ | ୧ | ସାଇକେଲ/ ଅଟୋ ମରାମତି ଦୋକାନ | ୩ | ୧୦ |
| ଡାକଘର | ୧ | ୧ | ବାରିକ | ୨ | ୫ |
| ବାଣିଜ୍ୟିକ ବ୍ୟାଙ୍କ | ୨ | ୩ | ବଢ଼େଇ | ୨ | ୩ |
| ପ୍ରାର୍ଥନା ଘର/ ଭାଗବତ ଟୁଙ୍ଗୀ | ୦ | ୦ | ରାଜମିସ୍ତ୍ରୀ | ୪ | ୫ |

| ଭିତ୍ତିଭୂମି ସମୂହ | **ୱାର୍ଡ ୩୬** | **ୱାର୍ଡ ୩୭** | ଭିତ୍ତିଭୂମି ସମୂହ | **ୱାର୍ଡ ୩୬** | **ୱାର୍ଡ ୩୭** |
|---|---|---|---|---|---|
| ପ୍ରାଥମିକ ବିଦ୍ୟାଳୟ | ୧ | ୧ | ଧୋବା | ୩ | ୪ |

*ସୁତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଉପରୋକ୍ତ ସାରଣୀଟି ଦର୍ଶାଏ ଯେ, ପ୍ରଭାବିତ ଅଞ୍ଚଳ ମଧ୍ୟରେ ପ୍ରାୟ ସମସ୍ତ ପ୍ରକାରର ପ୍ରମୁଖ ଭିତ୍ତିଭୂମି ସବୁ ଉପଲବ୍ଧ ଅଟେ । ବିଭିନ୍ନ ସଂସ୍ଥା ଯଥା : ଅଙ୍ଗନବାଡି କେନ୍ଦ୍ର, ଶିକ୍ଷାନୁଷ୍ଠାନ ଏବଂ ଦୋକାନ ସବୁ ରହିଅଛି, କିନ୍ତୁ, ପ୍ରସ୍ତାବିତ ପ୍ରକଳ୍ପହେତୁ ସେହିସବୁ ଅନୁଷ୍ଠାନ ଗୁଡିକର ସ୍ଥାନାନ୍ତରଣ ହେବାର ଯୋଜନା ନାହିଁ । ଉକ୍ତ ଅନୁଷ୍ଠାନ ଗୁଡିକ ଛଡା ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କର ଦୈନନ୍ଦିନ ଆବଶ୍ୟକତା ସବୁର ଚାହିଦା ମେଣ୍ଟାଇବା ଉଦ୍ଦେଶ୍ୟରେ ଉକ୍ତ ୱାର୍ଡ ମଧ୍ୟରେ ବିଭିନ୍ନ ପ୍ରକାରର ସେବା ପ୍ରଦାନକାରୀ, ଯଥା : ସାଇକେଲ ମରାମତି ଦୋକାନ, ବଢ଼େଇ, ଦର୍ଜୀ, ରାଜମିସ୍ତ୍ରୀ, ବାରିକ ଏବଂ ଧୋବା ମାନଙ୍କର ମଧ୍ୟ ଉପଲବ୍ଧ ଅଛି ।

ଏହା ସହିତ, ପ୍ରଭାବିତ ଅଞ୍ଚଳରେ କେତେକ ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି ସବୁ ମଧ୍ୟ ଉପଲବ୍ଧ ଅଟେ, ଯେଉଁ ଗୁଡିକର ବିଷଦ ବିବରଣୀ ସାରଣୀ-୩.୫ରେ ଦର୍ଶାଯାଇଅଛି ।

### ସାରଣୀ-୩.୫ : ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି ସମୂହ(ସଂଖ୍ୟାରେ)

| **ଭିତ୍ତିଭୂମି ସମୂହ** | **ସଂଖ୍ୟା** | |
|---|---|---|
| | **ୱାର୍ଡ ୩୬** | **ୱାର୍ଡ ୩୭** |
| ଉତ୍ସବାନୁଷ୍ଠାନ ସ୍ଥଳ | ୦୧ | ୦୧ |
| ଭଜନ ମଣ୍ଡଳୀ | ୦୧ | ୦୦ |
| ଖେଳକୁଦ ଗୋଷ୍ଠୀ | ୦୧ | ୦୧ |
| ଗୀର୍ଜା | ୦୦ | ୦୦ |
| ବାଣିଜ୍ୟ ସ୍ଥଳ | ୦୧ | ୦୧ |
| ମନ୍ଦିର | ୦୨ | ୦୧ |
| ସ୍ୱୟଂ ସହାୟକ ଗୋଷ୍ଠୀ | ୦୭ | ୦୫ |
| ଯୁବକ ସଂଘ | ୦୧ | ୦୧ |
| ସମବାୟ ସଂସ୍ଥା | ୦୧ | ୦୧ |
| ବୟସ୍କ ମାନଙ୍କର ସମିତି | ୦୦ | ୦୦ |

*ସୁତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଉପରୋକ୍ତ ସୂଚନା ସବୁକୁ ଏକ ପ୍ରାକ ପ୍ରସ୍ତୁତ ପ୍ରଶ୍ନାବଳି ଜରିଆରେ ସଂଗୃହିତ କରାଯାଇଅଛି ଏବଂ ଏଗୁଡ଼ିକୁ ମଧ୍ୟ ୱାର୍ଡର ସାମାଜିକ ମାନଚିତ୍ରରେ ଦର୍ଶାଯାଇଅଛି । ଉକ୍ତ ଉପକରଣଟିରେ ୱାର୍ଡର ପାର୍ଶ୍ୱଚିତ୍ର ସହିତ ପ୍ରଭାବିତ ଅଞ୍ଚଳର ସାଧାରଣ ଏବଂ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି ସମ୍ପର୍କୀୟ ଅଧିକ ସୂଚନା ସବୁକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଅଛି ।

## ୩.୪. ପ୍ରଭାବିତ ପରିବାର ମାନଙ୍କର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର

ସାଧାରଣତଃ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ମାନଙ୍କ ସହିତ ଜମି ଅଧିଗ୍ରହଣ ଏକ ପ୍ରକାରର ଯୋଡିହୋଇ ରହିଥାଏ ଯେଉଁଥିପାଇଁଏହା ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଅଞ୍ଚଳର ଅଧିବାସୀ ମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ଉପରେ ପ୍ରଭାବ ପକାଇଥାଏ । ଏଣୁ, ଏହି ପ୍ରକାରର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ, ଉକ୍ତ ଅଞ୍ଚଳର ଅଧିବାସୀ ମାନଙ୍କର ସାମାଜିକ-ଅର୍ଥନୈତିକ ଅବସ୍ଥାର ଅନୁସନ୍ଧାନ କରିବା ଆବଶ୍ୟକ ହୋଇଥାଏ । ଫଳତଃ ଏହା ପ୍ରକଳ୍ପ କର୍ମକର୍ତ୍ତା ଏବଂ ନୀତି ନିର୍ଧାରଣକାରୀ ମାନଙ୍କୁ ପ୍ରକଳ୍ପ ପ୍ରଭାବିତ ମାନଙ୍କ ଉଦ୍ଦେଶ୍ୟରେ ପୁନର୍ବାସ ଓ ଥଇଥାନ ସମ୍ବନ୍ଧୀୟ ପଦକ୍ଷେପ ନିର୍ଦ୍ଦିଷ୍ଟ କରିବା ତଥା ଜମି ଅଧିଗ୍ରହଣ ହେତୁ ସୃଷ୍ଟ ପ୍ରତିକୁଳ ପ୍ରଭାବ ସବୁର ଲଘୁକରଣ ଉଦ୍ଦେଶ୍ୟରେ କ୍ଷତିପୂରଣ ସମ୍ବନ୍ଧୀୟ ଢାଞ୍ଚା ପ୍ରସ୍ତୁତ କରିବା କ୍ଷେତ୍ରରେ ସାହାଯ୍ୟ କରିଥାଏ । ଏହାକୁ ଦୃଷ୍ଟିରେ ରଖି ଉପସ୍ଥିତ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନଟି କଟକ ଜିଲ୍ଲା ସଦର ତହସିଲ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ନିର୍ମାଣ ପାଇଁ ସମ୍ପାଦନା କରାଯାଇଅଛି । ସେ ଯାହା ହେଉନା କାହିଁକି, ଉକ୍ତ ଅଧ୍ୟୟନଟିରେ ପଟ୍ଟାଧାରୀ ମାନଙ୍କର ତଥା ସେମାନଙ୍କର ପରିବର୍ଦ୍ଧିତ ପରିବାର ସବୁର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଅଛି । ଅଧିକନ୍ତୁ ସର୍ବେକ୍ଷଣ ଉଦ୍ଦେଶ୍ୟରେ ଉପଲବ୍ଧ ଦୁଇଜଣ ପଟାଧାରକ ମଧ୍ୟରୁ ଜଣେ ପାଟାଧାରକ ଜୀବିତ ନାହାନ୍ତି ତେଣୁ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କୀୟମାନେ, ଯେଉଁମାନେ କି ପଟ୍ଟାଧାରକଙ୍କର ପରିବର୍ଦ୍ଧିତ ପରିବାର ହିସାବରେ ଗଣ୍ୟ, ସେମାନେ ଉକ୍ତ ଅଧିଗ୍ରହଣ ହେତୁ ପ୍ରଭାବିତ ହେବାକୁ ଯାଉଅଛନ୍ତି । ଏହି ପରିପ୍ରେକ୍ଷୀରେ ମୃତ ପଟ୍ଟାଧାରକଙ୍କର ସମ୍ପ୍ରସାରିତ ପରିବାର ସହିତ ଯୋଗାଯୋଗ କରିବାବେଳେ ସେମାନେ ପ୍ରତ୍ୟକ୍ଷ କ୍ରୟ ପଦ୍ଧତି ମାଧ୍ୟମରେ ସେମାନଙ୍କର ଜମି ଦେବା ପାଇଁ ସେମାନଙ୍କର ସମ୍ମତି ବିଷୟରେ ସ୍ପଷ୍ଟ କରିଥିଲେ, ତେଣୁ ସେମାନେ କହିଥିଲେ ଯେ ଅଧ୍ୟୟନର ଉଦ୍ଦେଶ୍ୟ ପାଇଁ ସେମାନଙ୍କର ସର୍ବେକ୍ଷଣର କୌଣସି  ଆବଶ୍ୟକତା ନାହିଁ କାରଣ ସେମାନେ ପ୍ରତ୍ୟକ୍ଷ କ୍ରୟ ପଦ୍ଧତିରେ ଜମି ଦେବେ  | ତେବେ, ଦ୍ୱିତୀୟ ପଟ୍ଟାଧାରକ ଶ୍ରୀ ଗଣେଶ ଜୀଉ ବିଜେ ଛତ୍ରବଜାର ପଞ୍ଚସହି ମଧୁ ବୈଶ୍ୟ ସମାଜ ନାମରେ ୧୧ ଟି ମାର୍ଫତଦାରଙ୍କୁ ନେଇ ଗଠିତ | ସେହି ମାର୍ଫତଦାର ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରୁଥିବାବେଳେ, ସର୍ଭେ ପ୍ରକ୍ରିୟା ସମୟରେ କ୍ଷେତ୍ର ଅନୁସନ୍ଧାନକାରୀ ଦଳ କଟକ ସହରରେ ରହୁଥିବା ଦୁଇଟି ମାର୍ଫତଦାର ପରିବାର ପାଇଛନ୍ତି | ଅଧିକନ୍ତୁ, ଯୋଗାଯୋଗ ହୋଇଥିବା ଦୁଇ ମାର୍ଫତଦାରଙ୍କର ସମୁଦାୟ ପାଞ୍ଚଟି ସମ୍ପ୍ରସାରିତ ପରିବାର ଉପରେ ସର୍ଭେ କରାଯାଇଥିଲା । କିନ୍ତୁ ଅବଶିଷ୍ଟ ପରିବାରଗୁଡିକ ସହର ବାହାରେ କୌଣସି ସ୍ଥାନରେ ରହୁଥିବାରୁ ସେମାନଙ୍କୁ ସର୍ଭେ କରାଯାଇ ନାହିଁ ଏବଂ ସେମାନଙ୍କର ପ୍ରକୃତ ସ୍ଥାନ ଚିହ୍ନଟ ହୋଇପାରି ନାହିଁ ।

### ୩.୪.୧. ଜନସଂଖ୍ୟାକୀୟ ପାର୍ଶ୍ୱଚିତ୍ର : ଜନସଂଖ୍ୟା, ବୟସ ତଥା ଲିଙ୍ଗଭିତ୍ତିକ ବଣ୍ଟନ

ଯେ କୌଣସି ପ୍ରକାରର ଉନ୍ନୟନ ମୂଳକ ଅଧ୍ୟୟନ କ୍ଷେତ୍ରରେ ଜନ ସମ୍ପର୍କୀୟ ପାର୍ଶ୍ୱଚିତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ସର୍ବେକ୍ଷଣ କାର୍ଯ୍ୟକଳାପ ମଧ୍ୟରେ ଏହା ଲକ୍ଷ୍ୟ କରାଗଲା ଯେ, ଗୃହଭିତ୍ତିକ ସର୍ବେକ୍ଷଣ ପାଇଁ

ସାକ୍ଷାତକାର କ୍ଷେତ୍ରରେ ସମସ୍ତ ୫ ଗୋଟି ଗୃହ ମାନଙ୍କର ମଧ୍ୟରୁ ୪ ଗୋଟି (୮୦.୦୦%) ଗୃହର ଉତ୍ତରଦାତା ସମ୍ପୃକ୍ତ ଗୃହ ମାନଙ୍କର ପୁରୁଷ ସଦସ୍ୟ ଥିଲେ । ଏହା ଏକ ସୂଚନା ପ୍ରଦାନ କରେ ଯେ, ସର୍ବେକ୍ଷଣ ହୋଇଥିବା ଗୃହ ମାନଙ୍କରେ ପୁରୁଷ ସଦସ୍ୟମାନେ ଗୃହର ମୁଖ୍ୟ ନିଷ୍ପତି ଗ୍ରହଣକାରୀ ସଦସ୍ୟ ଅଟନ୍ତି । ଉକ୍ତ ପରିବାରମାନେ ପ୍ରଭାବିତ ରାସ୍ତା ନିର୍ମାଣ କାର୍ଯ୍ୟ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ହେତୁ, ସେମାନଙ୍କର ମାଲିକାନାରେ ଥିବା ଭୂ-ସମ୍ପତ୍ତିରୁ କିଛି ପରିମାଣର ଭୂ-ସମ୍ପଦ ସହିତ ଅନ୍ୟାନ୍ୟ ସମ୍ପଦ ସବୁକୁ ହରାଇବାକୁ ଯାଉଅଛନ୍ତି । ପୁନଶ୍ଚ, ପ୍ରଭାବିତ ପରିବାରର ସଦସ୍ୟ ମାନଙ୍କର ଲିଙ୍ଗଗତ ବଣ୍ଟନ ଦର୍ଶାଏ ଯେ, ୫ ଗୋଟି ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ସମୁଦାୟ ଜନସଂଖ୍ୟା ୩୨ ଜଣ ସଦସ୍ୟ ମାନଙ୍କ ମଧ୍ୟରୁ **୧୮** ଜଣ (**୫୬.୨୫**%) ସଦସ୍ୟ ପୁରୁଷ ହୋଇଥିବା ସ୍ଥଳେ **୧୪** ଜଣ (**୪୭.୭୫**%) ମହିଳା ସଦସ୍ୟ ଅଟନ୍ତି । ସାରଣୀ-୩.୬ଟି ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କରେ ଥିବା ପ୍ରଭାବିତ ସଦସ୍ୟ ମାନଙ୍କର ଲିଙ୍ଗଗତ ବଣ୍ଟନକୁ ବିଷଦ ଭାବରେ ସୂଚାଏ ।

ସାରଣୀ-୩.୬ : ପ୍ରଭାବିତ ଗୃହ ଓ ଜନସଂଖ୍ୟାର ଲିଙ୍ଗ ଭିତ୍ତିକ ବଣ୍ଟନ

| ୱାର୍ଡ | ସମୁଦାୟ ସର୍ବେକ୍ଷଣ ହୋଇଥିବା ପରିବାର ସମୂହ | ସମୁଦାୟ ପ୍ରଭାବିତ ବ୍ୟକ୍ତି ସମୂହ | ଲିଙ୍ଗ | | ଲିଙ୍ଗଗତ ଅନୁପାତ |
|---|---|---|---|---|---|
| | | | ପୁରୁଷ | ମହିଳା | |
| ଛତ୍ରବଜାର | ୫ | ୩୨ | ୧୮ (୫୬.୨୫%) | ୧୪ (୪୭.୭୫%) | ୯୫୫ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସ ଭିତ୍ତିକ ବଣ୍ଟନ ଅତୀବ ଗୁରୁତ୍ୱପୂର୍ଣ, କାରଣ ଏହା ସମୁଦାୟ ଜନସଂଖ୍ୟାର ଉତ୍ପାଦନକ୍ଷମ ବୟସ ଗୋଷ୍ଠୀର ସଦସ୍ୟ ମାନଙ୍କର ଅନୁପାତ ସମ୍ପର୍କରେ ଧାରଣା ପ୍ରଦାନ କରିଥାଏ । ଜନଗଣନା ଆଧାରରେ ୧୫-୬୦ ବର୍ଷ ବୟସ୍କ ଗୋଷ୍ଠୀର ଜନସାଧାରଣ ମାନଙ୍କୁ ଉତ୍ପାଦନକ୍ଷମ ଗୋଷ୍ଠୀର ଜନସଂଖ୍ୟା ଆକାରରେ ସୂଚନା ପ୍ରଦାନ କରେ ଏବଂ ଅନ୍ୟାନ୍ୟ ଯଥା: ପିଲାମାନଙ୍କୁ ଏବଂ ବୟସ୍କ ବ୍ୟକ୍ତିବିଶେଷଙ୍କୁ ନିର୍ଭରଶୀଳ ଗୋଷ୍ଠୀ ହିସାବରେ ବର୍ଣ୍ଣନା କରେ । ସାଧାରଣତଃ ୧୮-୪୫ ବର୍ଷ ବୟସ୍କ ଗୋଷ୍ଠୀର ସଦସ୍ୟ ମାନଙ୍କୁ ସମାଜ ତଥା ପରିବାର ପାଇଁ ଉଚ୍ଚ ସ୍ତରୀୟ ସମ୍ଭାବନା ହିସାବରେ ଚିତ୍ରଣ କରିଥାଏ । ଏହି ପରିପ୍ରେକ୍ଷୀରେ, ପ୍ରଭାବିତ ଜନସଂଖ୍ୟାର ବୟସଭିତ୍ତିକ ବଣ୍ଟନ ସଂଗୃହିତ କରାଯାଇ ସାରଣୀ-୩.୭ରେ ଉପସ୍ଥାପନା କରାଯାଇଅଛି ।

**ସାରଣୀ-୩.୭ : ପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସଭିତ୍ତିକ ବଣ୍ଟନ**

| ବୟସ | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ୧୮ ବର୍ଷରୁ କମ୍ | ୩ | ୧୬.୬୭ | ୧ | **୭.୧୪** | ୪ | **୧୨.୫** |
| ୧୮-୪୫ ବର୍ଷ | ୧୦ | ୫୫.୫୫ | ୭ | **୫୦.୦୦** | ୧୭ | **୫୩.୧୨** |
| ୪୫-୬୦ ବର୍ଷ | ୧ | ୫.୫୫ | ୩ | **୨୧.୪୩** | ୪ | **୧୨.୫** |
| ୬୦ ବର୍ଷ ଓ ତଦୁର୍ଦ୍ଧ | ୪ | ୨୨.୨୨ | ୩ | **୨୧.୪୩** | ୭ | **୨୧.୮୭** |
| ସର୍ବମୋଟ | ୧୮ | ୧୦୦.୦୦ | **୧୪** | ୧୦୦.୦୦ | ୩୨ | ୧୦୦.୦୦ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଉପର ଦର୍ଶିତ ସାରଣୀ ଦର୍ଶାଏ ଯେ, ସବୁଠାରୁ ସର୍ବାଧିକ ଅନୁପାତ (**୫୩.୧୨%**)ର ଜନସଂଖ୍ୟା ୧୮-୪୫ ବର୍ଷ ବୟସ୍କ ବର୍ଗରେ ଆସୁଅଛି, ଯେଉଁଥିରୁ ଆଶା କରାଯାଇପାରେ ଯେ, ଉକ୍ତ ଗୋଷ୍ଠୀଟି ବହୁଳ ସଂଖ୍ୟାରେଉତ୍ପାଦନକ୍ଷମ ବର୍ଗରେ ଅଛନ୍ତି । ଠିକ ସେହି ସମୟରେ ଦ୍ଵିତୀୟ ଅଧିକ ଅନୁପାତ (**୧୨.୫%**)ର ଜନସଂଖ୍ୟା ମଧ ଉତ୍ପାଦନକ୍ଷମ ବୟସ୍କ ବର୍ଗରେ ଅଛନ୍ତି ।

**ଛବି- ୩: ପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସ ଭିତ୍ତିକ ବଣ୍ଟନ**




ତେଣୁ ଏହା ଦର୍ଶାଉଅଛି ଯେ, ୬୦% ରୁ ଅଧିକ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିବିଶେଷଙ୍କର ସେମାନଙ୍କ ପରିବାର ପାଇଁ, ନିଜସ୍ୱ ରୋଜଗାରରୁ କିଛି ଅଂଶ ପ୍ରଦାନ କରିବାର ସାମର୍ଥ୍ୟ ରହିଛି । ପୁନଶ୍ଚ, **୧୨.୫%** ବ୍ୟକ୍ତି ବିଶେଷ ୧୮ ବର୍ଷ ବୟସରୁ କମ ବର୍ଗରେ ଆସନ୍ତି, ଯେଉଁମାନେ କି, ସେମାନଙ୍କ ପରିବାରର ରୋଜଗାର କ୍ଷମ ସଦସ୍ୟ ମାନଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ଅନ୍ୟ ପକ୍ଷରେ, ଅବଶିଷ୍ଟ **୨୧.୮୭%** ଅନୁପାତର ଜନସଂଖ୍ୟା ୬୦ ବର୍ଷ ଓ ତଦୁର୍ଦ୍ଧ ବର୍ଗରେ ଆସୁଥିବାର ଉପଲବ୍ଧ ହେଉଅଛି । ଅଧିକନ୍ତୁ, ଏହା ଉପଲବ୍ଧ ହୁଏ ଯେ, ପ୍ରକଳ୍ପ ପ୍ରଭାବିତ ମାନଙ୍କ ମଧରେ ବହୁଳ ଅନୁପାତର ପ୍ରଭାବିତ ବ୍ୟକ୍ତିବିଶେଷ ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବର୍ଗରେ ଅଛନ୍ତି । ଅର୍ଥାତ, ଏହା ରାଜ୍ୟ ଅନୁପାତ ୯.୩% (ଜନଗଣନା,୨୦୧୧) ଠାରୁ ଯଥେଷ୍ଟ ଅଧିକ ଅଟେ ।

## ୩.୪.୨.ସାମାଜିକ ପାର୍ଶ୍ୱଚିତ୍ର: ଜାତି ଏବଂ ଶିକ୍ଷା

### କ) ଜାତି :

ଜଣେ ବ୍ୟକ୍ତି ବିଶେଷଙ୍କର ଜାତି ଏବଂ ଶିକ୍ଷା କେବଳ ତାଙ୍କର ସାମାଜିକ ସ୍ଥିତିକୁ ପ୍ରତିଫଳିତ କରିନଥାଏ ବରଂ ତାଙ୍କର ଅର୍ଥନୈତିକ ସ୍ଥିତିର ମଧ ପ୍ରତିଫଳନ କରାଇଥାଏ । ସାଧାରଣତଃ ଉଚ୍ଚ ଜାତିର ଜନସାଧାରଣ ସମୃଦ୍ଧଶାଳୀ ଅଟନ୍ତି ଏବଂଏମାନଙ୍କର ବ୍ୟାପକ ଜନସମ୍ପର୍କ ରହିଥାଏ । ଅନୁସୂଚିତ ଜାତି ତଥା ଜନଜାତିର ଜନସାଧାରଣ ଏହି କ୍ଷେତ୍ରରେ ଦୁର୍ବଳ ଅଟନ୍ତି । ଯେଉଁଥିପାଇଁ ସେମାନେ ସାଧାରଣତଃ ଦୁର୍ବଳ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ଏବଂ ସମାଜରେ ବିଭିନ୍ନ ଦିଗରୁ ବଞ୍ଚିତ ହୋଇଥାନ୍ତି । ସେ ଯାହା ହେଉନା କାହିଁକି, ସାରଣୀ-୩.୮ରୁ ଏହା ପ୍ରକଟ ହୁଏ ଯେ, ପ୍ରକଳ୍ପ ପ୍ରଭାବିତ ପରିବାର ସମୂହ ଦୁଇଟି ସାମାଜିକ ବର୍ଗ ବିଶିଷ୍ଟ ଅଟନ୍ତି ଯଥା: ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ

ବର୍ଗ, ଯେଉଁ କ୍ଷେତ୍ରରେ କି, ଦ୍ୱିତୀୟରେ ଦର୍ଶାଯାଇଥିବା ବର୍ଗଟି ପୂର୍ବ ବର୍ଗ ଅପେକ୍ଷା ସାମାନ୍ୟ ପୃଥକ ଅଟେ । ଜାତିଗତ ବଣ୍ଟନ ବିଷୟରେ ଆଲୋଚନାରୁ ଜଣାପଡେ ଯେ, ସମସ୍ତ ପ୍ରଭାବିତ ବ୍ୟକ୍ତିବିଶେଷ ମୂଳତଃ ଗୋଟିଏ ବର୍ଗ, ଅର୍ଥାତ ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି । କିନ୍ତୁ, ପରିବାରର ଦୁଇ ଜଣ ମହିଳା ସଦସ୍ୟ ସାଧାରଣ ବର୍ଗରେ ବିବାହ କରିଥିବାରୁ, ସେମାନଙ୍କ କ୍ଷେତ୍ରରେ ଏହିପରି ବ୍ୟତିକ୍ରମ ଅଧୁନା ପରିଲକ୍ଷିତ ହେଉଅଛି । ତେଣୁ, ପ୍ରଭାବିତ ପରିବାର ମାନଙ୍କ ମଧ୍ୟରୁ ସମସ୍ତ ୫ ଗୋଟି ପରିବାର (୧୦୦%) ଅନ୍ୟାନ୍ୟ ପଛୁଆ ବର୍ଗରେ ଆସୁଅଛନ୍ତି । ପ୍ରଭାବିତ ପରିବାର ମାନଙ୍କର ଧର୍ମ ଦୃଷ୍ଟିକୋଣରୁ ବିଚାର କଲେ, ଏହା ଦର୍ଶାଯାଇଅଛି ଯେ, ସମସ୍ତ ପ୍ରଭାବିତ ପରିବାର ହିନ୍ଦୁ ଧର୍ମର ଅଟନ୍ତି ।

**ସାରଣୀ-୩.୮ : ପ୍ରଭାବିତ ଗୃହ ମାନଙ୍କର ଜାତିଭିତ୍ତିକ ବଣ୍ଟନ**

| ଜାତି | ସଂଖ୍ୟା | % |
|---|---|---|
| ଅନୁସୂଚିତ ଜାତି | ୦ | ୦.୦୦ |
| ଅନୁସୂଚିତ ଜନଜାତି | ୦ | ୦.୦୦ |
| ଅନ୍ୟାନ୍ୟ ପଛୁଆ ବର୍ଗ | ୫ | ୧୦୦.୦୦ |
| ସାଧାରଣ | ୦ | ୦.୦୦ |
| **ସର୍ବମୋଟ** | ୫ | ୧୦୦.୦୦ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

### ଖ) ଶିକ୍ଷା

ଆଧୁନିକ ଦୁନିଆରେ ଶିକ୍ଷା ଏକ ମୌଳିକ ଆବଶ୍ୟକତା ହୋଇଯାଇଛି, ଯାହାକି ସାଧାରଣତଃ ଜଣେ ବ୍ୟକ୍ତିବିଶେଷକୁ ଅର୍ଥନୈତିକ ବିକାଶ ପ୍ରକ୍ରିୟାରେ ସାମିଲ ହେବା ଦିଗରେ ସାମର୍ଥ୍ୟ ଯୋଗାଇଦିଏ । ଏହି ପରିପ୍ରେକ୍ଷୀରେ, ଉପସ୍ଥିତ ଅଧ୍ୟୟନରେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କର ଶିକ୍ଷାଗତ ଯୋଗ୍ୟତାର ସ୍ତରର ବିଶ୍ଳେଷଣ କରାଯାଇଅଛି, ଯାହା ଦର୍ଶାଏ ଯେ, ସମୁଦାୟ ୩୨ ଜଣ ପ୍ରଭାବିତ ବ୍ୟକ୍ତି ସ୍ୱାକ୍ଷର ଥିବା ଜଣାପଡୁଛି । ପ୍ରଭାବିତ ଜନସଂଖ୍ୟାର ବିସ୍ତୃତ ଶିକ୍ଷାଗତ ଯୋଗ୍ୟତାରସ୍ତର ସାରଣୀ ୩.୯ ରେ ଦର୍ଶାଯାଇଅଛି ।

**ସାରଣୀ ୩.୯ : ପ୍ରଭାବିତ ବ୍ୟକ୍ତିମାନଙ୍କର ଶିକ୍ଷାଗତ ଯୋଗ୍ୟତାର ସ୍ତର**

| ଶିକ୍ଷାଗତ ଯୋଗ୍ୟତା | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ପ୍ରାଥମିକ | ୬ | ୩୩.୩୩ | ୫ | ୩୫.୭୦ | ୧୧ | ୩୪.୩୮ |
| ଉଚ୍ଚବିଦ୍ୟାଳୟ | ୨ | ୧୧.୧୧ | ୩ | ୨୧.୪୩ | ୫ | ୧୫.୬୨ |
| ମ୍ୟାଟ୍ରିକୁଲେଟ | ୧ | ୫.୫୫ | ୨ | ୧୪.୨୮ | ୩ | ୯.୩୭ |
| ଇଣ୍ଟରମିଡିଏଟ | ୦ | 0.00 | ୧ | ୭.୧୩ | ୧ | ୩.୧୨ |
| ସ୍ନାତକ | ୫ | ୨୭.୭୭ | ୧ | ୭.୧୩ | ୬ | ୧୮.୭୬ |
| ସ୍ନାତକୋତ୍ତର | ୦ | 0.00 | ୨ | ୧୪.୨୮ | ୨ | ୬.୨୫ |
| ବୈଷୟିକ ସ୍ନାତକ | ୩ | ୧୬.୬୬ | ୦ | 0.00 | ୩ | ୯.୩୭ |
| ପେସାଗତ ସ୍ନାତକ | ୧ | ୫.୫୫ | ୦ | 0.00 | ୧ | ୩.୧୨ |
| **ସର୍ବମୋଟ** | ୧୮ | ୧୦୦.୦୦ | ୧୪ | ୧୦୦.୦୦ | ୩୨ | ୧୦୦.୦୦ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କଠାରୁ ହାସଲ କରାଯାଇଥିବା ଶିକ୍ଷାଗତ ସ୍ତର କ୍ଷେତ୍ରରେ ସାରଣୀ ୩.୯ ଦର୍ଶାଏ ଯେ, ସମସ୍ତ ପ୍ରଭାବିତ ମାନଙ୍କ ମଧ୍ୟରୁ ୧୮.୭୬% ସ୍ନାତକ, ୩୪.୩୮% ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଅର୍ଥାତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ, ୬.୨୫% ସ୍ନାତକୋତ୍ତର ଏବଂ ୩.୧୨% ପେଶାଗତ ସ୍ନାତକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଅଛନ୍ତି । ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ଦେଖିଲେ ମାତ୍ର ୩ ଜଣ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିବିଶେଷ ବିଭିନ୍ନ ପ୍ରକାରର ବୈଷୟିକ ସ୍ନାତକସ୍ତର ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଅଛିନ୍ତି । ଅଧିକନ୍ତୁ, ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କ ମଧ୍ୟରେ ଲିଙ୍ଗଭିତ୍ତିକ ଆଧାରରେ ଶିକ୍ଷାଗତ ଯୋଗ୍ୟତା ହାସଲର ତୁଳନାତ୍ମକ ବିଶ୍ଳେଷଣ ଅନୁଯାୟୀ ମୁଖ୍ୟତଃ ପୁରୁଷ ସଦସ୍ୟା ମାନେ ସମସ୍ତ ଶିକ୍ଷା ସ୍ତରରେ  ମହିଳା ସଦସ୍ୟ ମାନଙ୍କଠାରୁ ଆଗରେ ଥିବାର ଜଣାପଡେ । ନିର୍ବିବାଦୀୟ ଭାବରେ ମୋଟାମୋଟି ପ୍ରତିଫଳନକୁ ଲକ୍ଷ୍ୟ କଲେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କ ମଧ୍ୟରୁ ୫୦% ରୁ ଅଧିକ ବ୍ୟକ୍ତି ସମୁହ ମ୍ୟାଟ୍ରିକ୍ୟୁଲେସନ ଓ ତଦୁର୍ଦ୍ଧ ସ୍ତର ପର୍ଯ୍ୟନ୍ତ ଶିକ୍ଷାଗତ ଯଜ୍ଞତା ହାସଲ କରିଅଛନ୍ତି ।

## ୩.୪.୩. : ପ୍ରଭାବିତଦୁର୍ବଳବର୍ଗର ଗରିବ ପରିବାର ସମୁହ

ସମାଜରେ ଦୁର୍ବଳବର୍ଗ ସମୁହ ଅର୍ଥନୈତିକ ସ୍ତରରେ ଗରିବଅଟନ୍ତି ଏବଂସାଂସ୍କୃତିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ନିକଟରେ ବଶୀଭୂତ ହୋଇ ରହିଥାନ୍ତି । ଏହି ଗୋଷ୍ଠୀ ସମୂହରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ମହିଳା ମୁଖିଆ ବିଶିଷ୍ଟ ପରିବାର ଏବଂ ଶାରୀରିକ ତଥା ମାନସିକ ସ୍ତରରେ ଅକର୍ମଣ୍ୟ ବ୍ୟକ୍ତିବିଶେଷ ଅନ୍ତର୍ଭୁକ୍ତ । ସେମାନେ ସରକାର/ ସମାଜ ଠାରୁ ସେମାନଙ୍କର ପ୍ରାପ୍ୟ ସୁବିଧାସୁଯୋଗ ସବୁର ହାସଲ କ୍ଷେତ୍ରରେ ସଫଳ ହୋଇପାରିନଥାନ୍ତି । ଯେତେବେଳେ ସେମାନଙ୍କ ପାଖରେ କୌଣସି ସରକାରୀ ସହାୟତା ପହଞ୍ଚେ, ସେତେବେଳେ ଏହା ବାଟମାରଣା ହୋଇଯାଇଥାଏ । ସେ ସବୁ ଯାହା ହେଉନା କାହିଁକି, ଉପସ୍ଥିତ ଅଧ୍ୟୟନଟିରେ କ୍ଷେତ୍ର ପରିଦର୍ଶନ କାଳରେ ଏହିପରି ପରିବାରର ଚିହ୍ନଟ ପାଇଁ ପ୍ରୟାସ କରାଯାଇଥିଲା ଏବଂ ଏହା ଦୃଷ୍ଟିକୁ ଆସିଥିଲା ଯେ, ମାତ୍ର ଗୋଟିଏ ପରିବାର ଏହି ବର୍ଗରେ ଆସୁଛନ୍ତି, କାରଣ ଏହି ଦୁଇଟି ପରିବାର  ମହିଳା ମୁଖିଆ ବିଶିଷ୍ଟ ପରିବାର ଥିଲା । ଏତଦ ବ୍ୟତୀତ ଅନ୍ୟ କୌଣସି ପ୍ରକଳ୍ପ ପ୍ରଭାବିତ ଦୁର୍ବଳବର୍ଗରପରିବାର ଚିହ୍ନଟ ହୋଇନଥିଲା ।

## ୩.୪.୪. ପରିବାର ମାନଙ୍କର ଅର୍ଥନୈତିକ କାର୍ଯ୍ୟକଳାପ ସମୁହ ଏବଂ ଜୀବିକା

ଗୋଟିଏ ଗୃହର ଅର୍ଥନୈତିକ କାର୍ଯ୍ୟକଳାପ, ଏହାର ଆୟର ସ୍ତର, ନିଯୁକ୍ତିର ବୈଶିଷ୍ଟ୍ୟ, ଅର୍ଥନୈତିକ ସ୍ଥିତି ତଥା ଜୀବନ ଧାରଣର ଶୈଳୀ ଆଦିର ନିର୍ଧାରଣ କରିଥାଏ । ୨୦୧୧ ମସିହାର ଜନଗଣନା ଅନୁଯାୟୀ, କଟକ ସଦର ତହସିଲର ଶ୍ରମିକ ଜନସଂଖ୍ୟା ୩୬.୦୫% ଦର୍ଶାଇବା ସ୍ଥଳେ ଅବଶିଷ୍ଟ ଜନସଂଖ୍ୟାକୁ ଅଣ ଶ୍ରମିକ ହିସାବରେ ଦର୍ଶାଉଅଛି । ଉକ୍ତ ତହସିଲରେ ସମୁଦାୟ ମୁଖ୍ୟ ଶ୍ରମିକଙ୍କ ଅନୁପାତ ୭୨.୧୯% ଅଟେ।

ଉପରୋକ୍ତ ତଥ୍ୟ ଆଧାରରେ, ଉପସ୍ଥିତ ଅଧ୍ୟୟନଟିରେ ପ୍ରଭାବିତ ଅଞ୍ଚଳର ପେଶାଗତ ଶୈଳୀ ବିଷୟରେ ଜାଣିବା ଉଦ୍ଦେଶ୍ୟରେ ଏକ ପ୍ରୟାସ କରାଯାଇଥିଲା । ଏଥିରୁ ପ୍ରକଟ ହେଲା ଯେ, ସମୁଦାୟ ଜନସଂଖ୍ୟା ମଧ୍ୟରୁ ୧୬ (୫୦.୦୦%)ଜଣ ସଦସ୍ୟ ସେମାନଙ୍କ ପରିବାରର ଜୀବିକା ନିର୍ବାହ ପାଇଁ କିଛି ନା କିଛି ଅର୍ଥନୈତିକ

କାର୍ଯ୍ୟକଳାପରେ ନିୟୋଜିତ ଥିବା ସ୍ଥଳେ, ପରିବାରର ଅବଶିଷ୍ଟ ସଦସ୍ୟମାନେ ସେମାନଙ୍କ ଉପରେ ନିର୍ଭରଶୀଳ ଅଟନ୍ତି ।

**ଛବି-୪: ପ୍ରଭାବିତ ପରିବାର ମାନଙ୍କର ପେଶା**




ପୁନଶ୍ଚ, ସମୁଦାୟ ରୋଜଗାରକ୍ଷମ ଜନସଂଖ୍ୟାରୁ ବହୁଳ ସଂଖ୍ୟକ (୮୧.୨୫%) ବ୍ୟବସାୟିକ କାର୍ଯ୍ୟକଳାପ, ଏବଂ ୧୮.୭୫% ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ସମୁହ ପେନସନ ଉପରେ ନିର୍ଭରଶୀଳ ଅଟନ୍ତି । ତେଣୁ, ଏହି ସଂଖ୍ୟା ମାନଙ୍କରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ମଧ୍ୟରୁ ରୋଜଗାରକ୍ଷମ ବ୍ୟକ୍ତିବିଶେଷ କୌଣସି ପ୍ରକାରର ବ୍ୟବସାୟିକ କିମ୍ବା ସେବା ସମ୍ବନ୍ଧୀୟ କାର୍ଯ୍ୟକଳାପରେ ନିୟୋଜିତ ଅଛନ୍ତି ।

**ସାରଣୀ-୩.୧୦ : ପେଶା ଭିତ୍ତିରେ ପ୍ରଭାବିତ ବ୍ୟକ୍ତିମାନଙ୍କର ବଣ୍ଟନ**

| ପେଶା | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ବ୍ୟବସାୟ | ୧୧ | **୯୧.୬୭** | ୨ | **୫୦.୦୦** | ୧୩ | **୮୧.୨୫** |
| ଘରଭଡା | ୦ | ୦.୦୦ | ୦ | ୦.୦୦ | ୦ | ୦.୦୦ |
| ଭଡା | ୧ | **୮.୩୩** | ୨ | **୫୦.୦୦** | ୩ | **୧୮.୭୫** |
| **ସର୍ବମୋଟ** | **୧୨** | **୧୦୦.୦୦** | **୪** | **୧୦୦.୦୦** | **୧୬** | **୧୦୦.୦୦** |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଏହା ପୁନର୍ବାର ବିଶ୍ଳେଷଣ କରାଯାଇଥିଲା ଯେ, ଅଧ୍ୟୟନ ଅଞ୍ଚଳରେ ୮0% ରୁ ଅଧିକ ଶ୍ରମଶକ୍ତି କୌଣସି ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପରେ ସେମାନଙ୍କ ଜୀବିକା ନିର୍ବାହ ଉଦ୍ଦେଶ୍ୟରେ ନିୟୋଜିତ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଲକ୍ଷ୍ୟ କରାଗଲା ଯେ, ପ୍ରଭାବିତ ଅଞ୍ଚଳଟି କଟକ ସହରର କେନ୍ଦ୍ର ସ୍ଥଳରେ ଅବସ୍ଥିତ, ଯେଉଁଠାରେ କି ବ୍ୟବସାୟ ଏବଂ ବିଭିନ୍ନ କ୍ଷେତ୍ରରେ କର୍ମ ନିଯୁକ୍ତିର ଯଥେଷ୍ଟ ସୁଯୋଗ ରହିଛି । ଦ୍ୱିତୀୟରେ, ଯେହେତୁ ରାସ୍ତା ସଂଯୋଗ ଏବଂ ପରିବହନର ସୁଯୋଗ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଅଛି, ତେହେତୁ ଏହା ଜନସାଧାରଣଙ୍କୁ ବ୍ୟବସାୟିକ କାର୍ଯ୍ୟକଳାପ ମାନଙ୍କରେ ସମ୍ପୃକ୍ତ ରହିବା ପାଇଁ ଉତ୍ସାହିତ କରୁଅଛି । ଏହାଛଡା, ଉକ୍ତବଜାର ଅଞ୍ଚଳକୁ ପ୍ରବେଶ ଉଦ୍ଦେଶ୍ୟରେ ସହଜ ସୁବିଧା ରହିଛି । ସେହି ଦୃଷ୍ଟି କୋଣରୁ ବିଭିନ୍ନ ପ୍ରକାରର ନିଯୁକ୍ତି ସୁଯୋଗ ଯଥା: ଦିନ ମଜୁରୀ, କ୍ଷୁଦ୍ର ବ୍ୟବସାୟ ଏବଂ ଅନ୍ୟାନ୍ୟ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ପ୍ରମୁଖ ସୁଯୋଗ କରୁଅଛି ।

## ୩.୪.୫. ଗୃହ ମାନଙ୍କର ଆୟବ୍ୟୟ ଏବଂ ଋଣଗ୍ରସ୍ତତା

ଗୋଟିଏ ଗୃହର ସାମାଜିକ-ଅର୍ଥନୈତିକ ସ୍ଥିତିର ଆକଳନ ପାଇଁ, ସେହି ଗୃହର ଆୟର ସ୍ତର ଗୋଟିଏ ସଙ୍କେତକର ଭୂମିକା ନିର୍ବାହ କରିଥାଏ, ଯାହାକି, ସେହି ଗୃହଟିର ବ୍ୟୟଶୈଳିକୁ ମଧ୍ୟ ପ୍ରଭାବିତ କରିଥାଏ । ତେଣୁ, ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ପରିବାର ମାନଙ୍କର ଆୟର ସ୍ତର ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସାରଣୀ-୩.୧୧ଟି ପ୍ରକଳ୍ପ ପ୍ରଭାବିତ ପରିବାର ସବୁର ଆନୁପାତିକ ବଣ୍ଟନକୁ ଦର୍ଶାଏ ।

**ସାରଣୀ-୩.୧୧ : ପ୍ରଭାବିତ ପରିବାର ସମୂହର ଆୟର ସୀମା**

| ବାର୍ଷିକ ଆୟ (ଟଙ୍କାରେ) | ସଂଖ୍ୟା | % |
|---|---|---|
| ୮୦,୦୦୦ ରୁ କମ | ୦ | ୦.୦୦ |
| ୮୦,୦୦୦-୧,୦୦,୦୦୦ | ୦ | ୦.୦୦ |
| ୧,୦୦,୦୦୦-୨,୦୦,୦୦୦ | ୧ | ୨ ୦.୦୦ |
| ୨,୦୦,୦୦୦-୩,୦୦,୦୦୦ | ୦ | ୦.୦୦ |
| ୩,୦୦,୦୦୦ ଏବଂ ତଦୁର୍ଦ୍ଧ | ୪ | ୮୦.୦୦ |
| **ସର୍ବମୋଟ** | **୫** | **୧୦୦.୦୦** |

*ସୁତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଉପରୋକ୍ତସାରଣୀଟି ଦର୍ଶାଏ ଯେ, ୪ ଗୋଟି ପ୍ରଭାବିତ ପରିବାରର ବାର୍ଷିକ ଆୟ ଟ.୩,୦୦,୦୦୦/- ରୁ ଉର୍ଦ୍ଧ୍ୱଅଟେ ଏବଂ ୧ ଗୋଟି ପ୍ରଭାବିତ ପରିବାରର ବାର୍ଷିକ ଆୟ ଟ. ୧,୦୦,୦୦୦/- ରୁ ଟ. ୨,୦୦,୦୦୦/- ମଧ୍ୟରେ ଅଟେ। ଏଣୁ ଏହା ଦର୍ଶାଏ ଯେ, ଗୋଟିଏ ପରିବାରର ବାର୍ଷିକ ଗୃହ ଖର୍ଚ୍ଚ ଟ.୮୪,୪୨୦/- ରୁ କମ ହେଲେ ସହରାଞ୍ଚଳରେ ସେହି ପରିବାରକୁ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାର ହିସାବରେ ବର୍ଗୀକରଣ କରାଯାଇପାରେ । ବାର୍ଷିକ ହାରାହାରି ଖର୍ଚ୍ଚ ଟ.୮୪,୪୨୦/- କୁ ହିସାବକୁ ନେଇ ଆୟ ସ୍ତର ସହିତ ସମୀକରଣ କରାଗଲେ, ଅର୍ଥାତ, ଗୋଟିଏ ସହରାଞ୍ଚଳ ପରିବାରର ବାର୍ଷିକ ଆୟର ସୀମାକୁ ଉକ୍ତ ଗୃହର ଗୃହ ଖର୍ଚ୍ଚର ସ୍ତର (ଟ.୮୪,୪୦୦/-)ହିସାବରେ ଧରି ନିଆଗଲେ ସେହି ପରିବାରକୁ ଆର୍ଥିକ ସ୍ତରରେ ପଛୁଆ ବର୍ଗର ପରିବାର ହିସାବରେ ଗ୍ରହଣ କରାଯିବ । ଅଧିକନ୍ତୁ, ଉପରୋକ୍ତ ଆୟର ସ୍ତର ବିଷୟରେ ଆଲୋଚନା କଲେ ଏହା ପ୍ରକଟ ହୁଏ ଯେ, ସମସ୍ତ ପ୍ରଭାବିତ ପରିବାରର ଅର୍ଥନୈତିକ ସ୍ଥିତି ବେଶ ଉନ୍ନତ ମାନର ଅଟେ । ତେଣୁ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ଆର୍ଥିକ ସ୍ଥିତିରେ କୌଣସି ପ୍ରକାରର ପ୍ରତିକୁଳ ପ୍ରଭାବ ପଡି ନପାରେ । ତେଣୁ ପ୍ରକଳ୍ପ କର୍ମକର୍ତ୍ତା ସବୁ ପ୍ରକାରର ଔପଚାରିକତା ସମାପ୍ତ କରିପ୍ରଚଳିତ ନୀତି ନିୟମ ଆଧାରରେ ପ୍ରଭାବିତ ପରିବାର ମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପୂର୍ବକ ପ୍ରକଳ୍ପ କାର୍ଯ୍ୟକୁ ଆଗେଇନେବା ଉଚିତ ହେବ ।

**ବ୍ୟୟ :**

ସର୍ବେକ୍ଷଣ ହୋଇଥିବା ପରିବାର ସବୁର ପୂର୍ବ ବର୍ଷର ଖାଦ୍ୟ ଏବଂ ଅଣଖାଦ୍ୟ ଜନିତ ହାରାହାରି ମାସିକ ଖର୍ଚ୍ଚ ସବୁର ବିଶ୍ଳେଷଣ କରାଯାଇ ଆୟ ଏବଂ ବ୍ୟୟ ମଧ୍ୟରେ ଥିବା ସହସମ୍ପର୍କର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏକ ପ୍ରୟାସ କରାଯାଇଥିଲା । ସର୍ବେକ୍ଷଣ ହୋଇଥିବା ଗୃହ ମାନଙ୍କ ଠାରୁ ସଂଗୃହୀତ ସୂଚନା ସବୁ ଦର୍ଶାଏ ଯେ, ୩ଟି ଗୃହ କିମ୍ବା **୬୦.୦୦%** ସର୍ବେକ୍ଷଣ କରାଯାଇଥିବା ପରିବାର ସମୁହ ମାସିକ ଟ.୧୦,୦୦୦/- ରୁ ଉର୍ଦ୍ଧ୍ୱ ସେମାନଙ୍କର ଖାଦ୍ୟ ସାମଗ୍ରୀ ବାବଦରେ ବ୍ୟୟ କରୁଥିବା ସ୍ଥଳେ କେବଳ ଦୁଇଟି ପରିବାର ଖାଦ୍ୟ ସାମଗ୍ରୀ ବାବଦରେ ମାସିକ ଟ. **୧୦୦୦୦/-** ରୁ କମ ଖର୍ଚ୍ଚ କରିଥାଏ । ସାରଣୀ-୩.୧୨ରେ ପ୍ରଭାବିତ ପରିବାର ମାନଙ୍କ ଦ୍ୱାରା ଖାଦ୍ୟ ସାମଗ୍ରୀ ବାବଦରେ କରିଥିବା ଖର୍ଚ୍ଚର ବର୍ଗୀକରଣ ବିଷଦ ଭାବରେ ଦର୍ଶାଯାଇଅଛି ।

**ସାରଣୀ-୩.୧୨ : ଖାଦ୍ୟ ଏବଂ ଅଣଖାଦ୍ୟ ବାବଦରେ ମାସିକ ବ୍ୟୟ (ଟଙ୍କାରେ)**

| ବ୍ୟୟ (ଟଙ୍କାରେ) | ଖାଦ୍ୟ | % | ଅଣଖାଦ୍ୟ | % |
|---|---|---|---|---|
| ୮୦୦୦ ରୁ କମ | ୧ | ୨୦.୦୦ | ୧ | ୨୦.୦୦ |
| ୮୦୦୦-୧୦୦୦୦ | ୧ | ୨୦.୦୦ | ୦ | ୦.୦୦ |
| ୧୦୦୦୦ ଓ ତଦୁର୍ଦ୍ଧ | ୩ | ୬୦.୦୦ | ୪ | ୮୦.୦୦ |
| **ସର୍ବମୋଟ** | **୫** | **୧୦୦.୦୦** | **୫** | **୧୦୦.୦୦** |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ସେ ଯାହା ହେଉନା କାହିଁକି, ଅଣଖାଦ୍ୟ ସାମଗ୍ରୀ ବାବଦରେ ୪ଟି ପରିବାର ମତ ପ୍ରଦାନ କରିଥିଲେ ଯେ, ସେମାନେ ଗତ ବର୍ଷ ଅଣଖାଦ୍ୟ ସାମଗ୍ରୀ ବାବଦରେ ମାସିକ ହାରାହାରି ଟ.୧୦,୦୦୦/- ରୁ ଉର୍ଦ୍ଧ୍ୱ ବ୍ୟୟ କରିଥିଲେ । ଏଥିରୁ ସିଦ୍ଧାନ୍ତ ହୁଏ ଯେ, ସହରାଞ୍ଚଳରେ ଅଣଖାଦ୍ୟ ସାମଗ୍ରୀ ବାବଦ ଖର୍ଚ୍ଚ ଅପେକ୍ଷାକୃତ ଅଧିକ ହେବାର କାରଣ ହେଉଛି ଗୃହ ନିର୍ମାଣ, ସାମାଜିକ ଉତ୍ସବାନୁଷ୍ଠାନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବ୍ୟୟବହୁଳତା ।

**ଋଣଗ୍ରସ୍ତତା :**

ଜନସାଧାରଣ ସେମାନଙ୍କର ଘରୋଇ କିମ୍ବା ବାହ୍ୟ କାର୍ଯ୍ୟକଳାପ ଅଥବା ଉଭୟ କ୍ଷେତ୍ରରେ କୌଣସି କର୍ତ୍ତବ୍ୟ, ଦାୟିତ୍ୱ ଅଥବା ପ୍ରତିଶୃତି ସମ୍ବନ୍ଧୀୟ ସାମାଜିକ ଅର୍ଥନୈତିକ ଆବଶ୍ୟକତା ସବୁକୁ ମେଣ୍ଟାଇବା ପାଇଁ ଋଣ ଏକ ଗୁରୁତ୍ୱପୂର୍ଣ ଦୃଷ୍ଟିକୋଣ ଅଟେ । ଏହି ପରିପ୍ରେକ୍ଷୀରେ, ପ୍ରଭାବିତ ପରିବାର ସବୁର ଗୃହ ସ୍ତରୀୟ ଋଣଗ୍ରସ୍ତତା ସମ୍ବନ୍ଧୀୟ ସୂଚନା ସବୁକୁ ସଂଗ୍ରହ କରାଯାଇଥିଲା ଏବଂ ଏଥିରୁ ପ୍ରକଟ ହୋଇଥିଲା ଯେ, ସମୁଦାୟ ୫ ଗୋଟି ପରିବାର ମଧ୍ୟରୁ ୨ ଗୋଟି ପରିବାର (୪୦.୦୦%) ସେମାନଙ୍କର ଉତ୍ପାଦନକ୍ଷମ ନିବେଶ ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ସଂସ୍ଥାଗତ ଋଣ ବିଭିନ୍ନ ବ୍ୟାଙ୍କ ମାନଙ୍କରୁ ସଂଗ୍ରହ କରିଥିଲେ । ଯେତେବେଳେ ସେମାନଙ୍କୁ ଋଣ କରିବା ଉଦ୍ଦେଶ୍ୟରେ ଉକ୍ତ ଉତ୍ସକୁ ପସନ୍ଦ କରିବାର କାରଣ ସମ୍ବନ୍ଧରେ ପ୍ରଶ୍ନ କରାଗଲା, ସେତେବେଳେ ସେମାନଙ୍କର ଉତ୍ତର ଥିଲା ଯେ, ଅନ୍ୟାନ୍ୟ ଋଣଉତ୍ସସବୁର ତୁଳନାରେ ଉକ୍ତ ଉତ୍ସର ସୁଧହାର କମ ଅଟେ ଏବଂ ଅନେକ ସମୟରେ ଏଠାରୁ ବିନା ବନ୍ଧକରେ ଋଣ ମଧ୍ୟ ମିଳିଯାଇଥାଏ ।

**ସାରଣୀ-୩.୧୩ : ପ୍ରଭାବିତ ଗୃହ ମାନଙ୍କର ଋଣଗ୍ରସ୍ତତାର ସ୍ଥିତି**

| ଋଣ କରିଥିଲେ କି? | ସଂଖ୍ୟା | ଋଣର ଉତ୍ସ | ସଂଖ୍ୟା | ଋଣର ଉଦ୍ଦେଶ୍ୟ | ସଂଖ୍ୟା |
|---|---|---|---|---|---|
| ହଁ | ୨ | ବ୍ୟାଙ୍କ | ୨ | ଉତ୍ପାଦନକ୍ଷମ ନିବେଶ | ୨ |
| ନାହିଁ | ୩ | ବନ୍ଧୁବାନ୍ଧବ | ୦ | ଅନ୍ୟାନ୍ୟ | ୦ |
| **ସର୍ବମୋଟ** | **୫** | **ସର୍ବମୋଟ** | ୨ | **ସର୍ବମୋଟ** | ୨ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

## ୩.୪.୬. ବାସଗୃହର ଅବସ୍ଥା, ମୌଳିକ ସୁବିଧା ଏବଂ ସମ୍ପଦ ସମୂହ

ଜମି ଅଧିଗ୍ରହଣ ପାଇଁ ସାମାଜିକ-ଅର୍ଥନୈତିକ ଅଧ୍ୟୟନ କ୍ଷେତ୍ରରେପ୍ରଭାବିତହେବାକୁଥିବାଜମିଉପରେଥିବା ଗୃହ ସବୁରଗଠନ ଏବଂ ମୌଳିକ ସୁବିଧାସୁଯୋଗ ଆଦିର ମୂଲ୍ୟାୟନ ଅତୀବ ଗୁରୁତ୍ୱପୂର୍ଣ ଅଟେ । ତେଣୁ, ପ୍ରଭାବିତ ଗୃହ ମାନଙ୍କର ବାସଗୃହର ଗଠନ, ଏହାର ବ୍ୟବହାର, ଗୃହବସ୍ଥାର ବିଭିନ୍ନ ଦିଗ ସମୁହ ଏବଂ ମୌଳିକ ସୁବିଧାସୁଯୋଗ ଆଦିର ଉପଲବ୍ଧତା ବିଷୟରେ ସର୍ବେକ୍ଷଣ କାଳରେ କ୍ଷେତ୍ରସ୍ତରୀୟ ଅନୁସନ୍ଧାନକାରୀ ମାନଙ୍କ ଦ୍ୱାରା ସତର୍କତାର ସହିତ ଅନୁଧ୍ୟାନ କରାଯାଇଥିଲା ଏବଂ ସେଥିରୁ ପ୍ରକଟ ହୋଇଥିବା ତଥ୍ୟ ଅନୁଯାୟୀ ଏହା ଉପଲବ୍ଧ ହେଲା ଯେ, ସମସ୍ତ ପ୍ରଭାବିତ ପରିବାର ସମୁହ, ସେମାନଙ୍କର ନିଜସ୍ୱ ବାସଗୃହ, ଯେଉଁଗୁଡିକ ଇଟା ସିମେଣ୍ଟରେ ତିଆରି ହେବା ସହିତ କଂକ୍ରିଟ ଛାତ ବିଶିଷ୍ଟ ଅଟେ, ସେହିଭଳି ଗୃହ ମାନଙ୍କରେ ବସବାସ କରିଆସୁଛନ୍ତି । ଏହା ମଧ୍ୟ ଅନୁଧ୍ୟାନ କରାଗଲା ଯେ, ସେହି ସବୁ ଗୃହମାନଙ୍କର ଚଟାଣ ସବୁର ଗଠନ ଦୃଷ୍ଟିରୁଦେଖିଲେ, ୩ ଗୋଟି ଗୃହ ମାନଙ୍କ କ୍ଷେତ୍ରରେ ଚଟାଣସବୁଟାଇଲରେ ତିଆରି ହୋଇଥିବା ସ୍ଥଳେ ଅନ୍ୟ ୪ ଗୋଟି ଗୃହ ମାନଙ୍କ କ୍ଷେତ୍ରରେ କେବଳ ସିମେଣ୍ଟରେ ତିଆରି ହୋଇଥିଲା ।

ଯେଉଁ ସମୟରେ ଗୃହ ଅନ୍ତର୍ଗତ ମୌଳିକ ସୁବିଧାସୁଯୋଗ ସବୁ ବିଷୟରେ ବିଶ୍ଲେଷଣ କରାଗଲା, ସେତେବେଳେ ଏହା ଲକ୍ଷ୍ୟ କରାଗଲା ଯେ, ସମସ୍ତ ପ୍ରଭାବିତ ଗୃହ ମାନଙ୍କରେ ନଗରୀୟ ସୁବିଧା ସମୁହ ଯଥା: ଗାଧୁଆ ଘର, ଶୌଚାଳୟ ଏବଂ ଅନ୍ୟାନ୍ୟ ଧୁଆଧୋଇ କରିବାପାଇଁ ଉଦ୍ଦିଷ୍ଟ ସ୍ଥାନ ଗୃହ ମଧ୍ୟରେ ଉପଲବ୍ଧ ଥିବା ସହିତ ବିଜୁଳି ସଂଯୋଗର ସୁବିଧାମାନ ମଧ୍ୟ ରହିଅଛି । ତେଣୁ, ଏଥିରୁ ସ୍ପଷ୍ଟ ଅନୁମିତ ହେଲା ଯେ, ପ୍ରଭାବିତ ପରିବାର ସମୁହ ଉତ୍ତମ ଭାବରେ ଗଠିତ ଗୃହ ମାନଙ୍କରେ ସମସ୍ତ ପ୍ରକାରର ମୌଳିକ ସୁବିଧାସୁଯୋଗ ସହିତ ବସବାସ କରୁଅଛନ୍ତି । ପ୍ରଭାବିତ ପରିବାର ମାନଙ୍କର ପାନୀୟ ଜଳର ଉତ୍ସ ସମ୍ବନ୍ଧୀୟ ସୂଚନା ମଧ୍ୟ ସଂଗୃହୀତ ହୋଇଥିଲା ଏବଂ ଏଥିରୁ ପ୍ରକଟ ହେଲା ଯେ, ସମସ୍ତ ପ୍ରଭାବିତ ପରିବାର ସେମାନଙ୍କରପାନୀୟଜଳ ଉଦ୍ଦେଶ୍ୟରେ ପାଇପ ଜଳର ବ୍ୟବହାର କରୁଅଛନ୍ତି । ଏହା ମଧ୍ୟ ସୂଚିତ ହୁଏ ଯେ, ସହରୀକରଣ ହେତୁ ଉକ୍ତ ଜନସାଧାରଣ ସେମାନଙ୍କର ଅଞ୍ଚଳ ମାନଙ୍କରେ ସମସ୍ତ ପ୍ରକାରର ମୌଳିକ ସୁବିଧା ସୁଯୋଗ ଆଦି ଲାଭ କରୁଅଛନ୍ତି ।

## ଗୃହ ମାନଙ୍କର ସମ୍ପଦ :

ତଥ୍ୟ ସଂଗ୍ରହ ପ୍ରକ୍ରିୟା ଚାଲୁ ରହିଥିବା କାଳରେ, ପ୍ରଭାବିତ ପରିବାର ମାନଙ୍କ ମାଲିକାନାନ୍ତର୍ଗତ ସମ୍ପଦ ସମ୍ପର୍କୀୟ ସୂଚନା ସବୁକୁ ସେମାନଙ୍କର ସାମାଜିକ ଅର୍ଥନୈତିକ ସ୍ଥିତିର ମୂଲ୍ୟାୟନ ଉଦ୍ଦେଶ୍ୟରେ ସଂଗ୍ରହ କରାଯାଇଥିଲା । ଏହି କ୍ଷେତ୍ରରେ ଦେଖାଗଲା ଯେ, ପ୍ରଭାବିତ ପରିବାର ମାନଙ୍କର ଗୃହ ସ୍ତରରେ ଥିବା ବିଭିନ୍ନ ପ୍ରକାରର ଉକ୍ତ ସମ୍ପଦ ସମୂହନିମ୍ନସାରଣୀ-୩.୧୪ ଅନୁଯାୟୀ ଉପଲବ୍ଧ ରହିଅଛି ।

**ସାରଣୀ-୩.୧୪ : ଗୃହ ମାନଙ୍କର ଚଳନ୍ତି ସମ୍ପଦ ସମୂହ**

| ସମ୍ପଦ | ଗୃହ ସଂଖ୍ୟା | % | ସମ୍ପଦ | ଗୃହ ସଂଖ୍ୟା | % |
|---|---|---|---|---|---|
| ଟେଲିଭିଜନ | ୫ | ୧୦୦.୦୦ | ଚାରି ଚକିଆ ଯାନ | ୧ | ୨୦.୦୦ |
| ରେଫ୍ରୀଜରେଟର | ୫ | ୧୦୦.୦୦ | ରାନ୍ଧଣା ଗ୍ୟାସ | ୫ | ୧୦୦.୦୦ |
| ଟେଲିଫୋନ | ୫ | ୧୦୦.୦୦ | ବାସନକୁସନ | ୫ | ୧୦୦.୦୦ |
| ସାଇକେଲ | ୪ | ୮୦.୦୦ | ଗହଣା | ୫ | ୧୦୦.୦୦ |
| ଦୁଇ ଚକିଆ ଯାନ | ୫ | ୧୦୦.୦୦ | ଏଆର କଣ୍ଡିସନର | ୨ | ୪୦.୦୦ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଉପରୋକ୍ତ ସାରଣୀଟି ଦର୍ଶାଏ ଯେ, ସମୁଦାୟ ୫ ଗୋଟି ପ୍ରଭାବିତ ପରିବାରମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କର ମାଲିକାନାରେ ଟେଲିଭିଜନ ସେଟ, ରେଫ୍ରୀଜରେଟର, ଟେଲିଫୋନ, ରାନ୍ଧଣା ଗ୍ୟାସ, ଦୁଇ ଚକିଆ ଯାନ, ଗହଣା ଗାଣ୍ଠି ଏବଂ ଆବଶ୍ୟକୀୟ ବାସନକୁସନ ସେମାନଙ୍କର ଗୃହରେ ଅଛି । ଏହାଛଡା ଉକ୍ତ ୫ ଗୋଟି ଗୃହ ମଧ୍ୟରୁ ୧ଟି ଗୃହରେ ଚାରିଚକିଆ ଯାନ ଓ ୨ଟି ଗୃହରେ ଏଆର କଣ୍ଡିସନର ମଧ୍ୟ ରହିଅଛି । କିନ୍ତୁ, କୌତୁହଳଜନକ ଭାବରେ କୌଣସିଟି ଘରେ ଟେପ ରେକର୍ଡର ଏବଂ ରେଡ଼ିଓ ସେଟଟିଏ ନାହିଁ କାରଣ ଏଗୁଡିକ ପୁରୁଣାକାଳିଆ ହୋଇଗଲାଣି ।

## ୩.୪.୭. ସ୍ୱାସ୍ଥ୍ୟ ସେବା ସୁବିଧାସବୁର ବ୍ୟବହାର

ପ୍ରଭାବିତ ପରିବାରମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟସେବା ସୁବିଧାସବୁର ବ୍ୟବହାର ଯଥା: ନିକଟସ୍ଥ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅନୁଷ୍ଠାନ, ସୁବିଧାର ପ୍ରକାରଭେଦ, ସାଧାରଣ ଅସୁସ୍ଥତା କ୍ଷେତ୍ରରେ ଗତବର୍ଷ କରିଥିବା ଖର୍ଚ୍ଚର ପରିମାଣ ଆଦି ବିଷୟରେ ପ୍ରଶ୍ନ କରାଯାଇଥିଲା । ଏଥିରୁ ଉପଲବ୍ଧ ହେଲା ଯେ, ପ୍ରଭାବିତ ପରିବାର ମାନଙ୍କ ଦ୍ୱାରା ବିବିଧସେବାସୁବିଧା ମାନଙ୍କର ବ୍ୟବହୃତ ହୋଇଥିଲା । ଏଥିରୁ ପୁନଶ୍ଚ ପ୍ରକଟ ହେଲା ଯେ, ସମୁଦାୟ ୫ଟି ପରିବାର ମାନଙ୍କ ମଧ୍ୟରୁ ୪ ଗୋଟି ପରିବାର (୮୦.୦୦ %) ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ୟାର ସର୍ବେକ୍ଷଣ ତାରିଖର ପୂର୍ବ ୧୨ ମାସ ମଧ୍ୟରେ ସମ୍ମୁଖୀନ ହୋଇଥିଲେ । ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ସେମାନେ ଘରୋଇ ସ୍ୱାସ୍ଥ୍ୟ ସେବା ଯୋଗାଣ ସଂସ୍ଥା ମାନଙ୍କର ଏଲୋପାଥିକ ଚିକିତ୍ସାକୁ ପସନ୍ଦ କରିଥିଲେ । ସେମାନଙ୍କର ଉକ୍ତ ପସନ୍ଦ ସବୁ, ସେମାନଙ୍କର ଉତ୍ତମ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରେ ।

ଯେତେବେଳେ ସେମାନଙ୍କର ସ୍ୱାସ୍ଥ୍ୟ ସେବା ସୁବିଧା ପ୍ରତି ପହୁଞ୍ଚ ବିଷୟରେ ପ୍ରଶ୍ନ କରାଯାଇଥିଲା, ସେତେବେଳେ ଜଣାପଡିଲା ଯେ, ସମୁଦାୟ ସର୍ବେକ୍ଷଣ ହୋଇଥିବା ପରିବାର ମାନଙ୍କ ମଧ୍ୟରୁ ୪ଟି (୮୦.୦୦%) ପରିବାର

ଘରୋଇ ଚିକିତ୍ସାଳୟକୁ କିମ୍ବା କ୍ଲିନିକକୁ ଯାଉଥିବା ସ୍ଥଳେ ମାତ୍ର ୧ଟି (୨୦.୦୦%) ପରିବାର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂଚିକିତ୍ସାଳୟକୁ ଯାଇଥିଲେ । ଉକ୍ତ ତଥ୍ୟରୁ ଏହା ସୁସ୍ପଷ୍ଟ ହୁଏ ଯେ, ଅଧିକାଂଶ ପରିବାର ଘରୋଇ ସ୍ୱାସ୍ଥ୍ୟ ସେବା ସୁବିଧା ମାନଙ୍କୁ ଯାଇଥାନ୍ତି କାରଣ, କଟକ ସହରରେ ଏହି ସଂସ୍ଥାର ବହୁଳତା ତଥା ସେମାନେ ଏଥିପାଇଁ ଅର୍ଥ ବ୍ୟୟ କରିବାକୁ ସମର୍ଥ ଅଟନ୍ତି ।

ଗୃହ ମାନଙ୍କଠାରୁ ଦୀର୍ଘକାଳୀନ ରୋଗ ସମୁହ, ଯାହାକି, ନିୟମିତ ଚିକିତ୍ସା ଆବଶ୍ୟକ କରିଥାଏ, ସେ ସମ୍ବନ୍ଧୀୟ ଉପଲବ୍ଧି ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥିଲା । ସମସ୍ତ ପ୍ରଭାବିତ ଗୃହ ମାନଙ୍କ ମଧ୍ୟରୁ ୩ଟି (୬୦.୦୦%) ଦର୍ଶାଇଲେ ଯେ, ସେମାନେ ନିୟମିତ ଏହିପରି ରୋଗ ଯଥା: ମଧୁମେହ, ରକ୍ତଚାପ ଏବଂ ଆଣ୍ଠୁଗଣ୍ଠି ସମ୍ବନ୍ଧୀୟ ରୋଗୀପାଇଁ ଚିକିତ୍ସିତ ହୋଇଥାନ୍ତି । ସର୍ବେକ୍ଷଣ ସମୟରେ ପୁନଶ୍ଚ ଏହିସବୁ ରୋଗ ସମ୍ବନ୍ଧୀୟ ଚିକିତ୍ସା ବାବଦ ଖର୍ଚ୍ଚ ବିଷୟରେ ପ୍ରଭାବିତ ପରିବାର ମାନଙ୍କର ମତ ପୃଥକ ରହିଥିଲା । ଗୋଟିଏ ପରିବାର ଏହି ସମ୍ବନ୍ଧୀୟ ଖର୍ଚ୍ଚ ମାସିକ ଟ.୫୦୦୦/- ଦର୍ଶାଇଥିବା ସ୍ଥଳେ ଅନ୍ୟ ସମସ୍ତ ପରିବାର ଏହା ଟ.୧୦୦୦/- ରୁ ଟ. ୩୦୦୦/- ଦର୍ଶାଇଥିଲେ ।

## ୩.୪.୮. ନିଷ୍ପତି ଗ୍ରହଣ ଏବଂ ସହଭାଗିତା

ପ୍ରଭାବିତ ପରିବାର ମାନଙ୍କରେ ମହିଳା ସଶକ୍ତିକରଣ ସ୍ତରକୁ କେନ୍ଦ୍ରୀତ କରି ଲିଙ୍ଗଗତ ଆଧାରରେ ଗୃହଭିତ୍ତିକ କାର୍ଯ୍ୟକଳାପ ମାନଙ୍କରେ ନିଷ୍ପତି ଗ୍ରହଣ ଏବଂ ସହଭାଗିତା ସମ୍ପର୍କରେ ଆକଳନ କରାଯାଇଥିଲା। ଏହି ଉଦ୍ଦେଶ୍ୟରେ ଉତ୍ତରଦାତା ମାନଙ୍କୁ ନିଷ୍ପତି ଗ୍ରହଣ ଏବଂ ସହଭାଗିତା କ୍ଷେତ୍ରରେ ଉଭୟ ସାମାଜିକ ଏବଂ ନିଜସ୍ୱ ଗୃହ କ୍ଷେତ୍ରରେ ମହିଳା ମାନଙ୍କର ଭୂମିକା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା ।

**ସାରଣୀ - ୩.୧୫ : ଗୃହସ୍ତରୀୟ ନିଷ୍ପତି ଗ୍ରହଣ ପ୍ରକ୍ରିୟା**

| ନିଷ୍ପତି | ପୁରୁଷ | ମହିଳା | ଉଭୟ |
|---|---|---|---|
| ଆର୍ଥିକ ବିଷୟବସ୍ତୁ | ୩ (୬୦.୦୦) | ୧(୨୦.୦୦) | ୧(୨୦.୦୦) |
| ପିଲାମାନଙ୍କର ଶିକ୍ଷା | ୧ (୨୦.୦୦) | ୧(୨୦.୦୦) | ୩(୬୦.୦୦) |
| ପିଲାମାନଙ୍କର ସ୍ୱାସ୍ଥ୍ୟ ସେବା | ୧(୨୦.୦୦) | ୨(୪୦.୦୦) | ୨(୪୦.୦୦) |
| ସମ୍ପଦ କ୍ରୟ | ୩ (୬୦.୦୦) | ୧(୨୦.୦୦) | ୧(୨୦.୦୦) |
| ଦୈନନ୍ଦିନ ଘରୋଇ କାର୍ଯ୍ୟକଳାପ | ୧(୨୦.୦୦) | ୩(୬୦.୦୦) | ୧(୨୦.୦୦) |
| ସାମାଜିକ ଉତ୍ସବାନୁଷ୍ଠାନ/ ବିବାହ | ୧(୨୦.୦୦) | ୧(୨୦.୦୦) | ୩ (୬୦.୦୦) |
| ପରିବାର ପାଇଁ ମହିଳାଙ୍କର ରୋଜଗାର | ୧(୨୦.୦୦) | ୩(୬୦.୦୦) | ୧(୨୦.୦୦) |
| ଭୂମି ଏବଂ ସମ୍ପଦ | ୩ (୬୦.୦୦) | ୧(୨୦.୦୦) | ୧(୨୦.୦୦) |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ସର୍ବେକ୍ଷଣରୁ ଏହା ପ୍ରକଟ ହେଉଛି ଯେ, ମହିଳାମାନେ ନିଷ୍ପତିଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ପରିବାରର ପୁରୁଷ ସଦସ୍ୟଙ୍କ ସହିତ ସମକକ୍ଷ ହୋଇ ଗୃହସ୍ତରୀୟ ବିଷୟବସ୍ତୁରେ ଭାଗ ନେଇଥାନ୍ତି । ସେ ଯାହା ହେଉନା କାହିଁକି, ପିଲାମାନଙ୍କର ସ୍ୱାସ୍ଥ୍ୟସେବା ଯତ୍ନ, ଦୈନନ୍ଦିନ ଗୃହଚର୍ଯ୍ୟା ଏବଂ ପରିବାର ପାଇଁ ମହିଳା ମାନଙ୍କର ରୋଜଗାର

ବିଷୟକ କ୍ଷେତ୍ରରେ ମହିଳାମାନେ ଆଗରେ ରହୁଥିବା ବେଳେ ପୁରୁଷମାନେ ଆର୍ଥିକ ବିଷୟବସ୍ତୁ ଏବଂ ଜମି ତଥା ସମ୍ପଦ ସମ୍ବନ୍ଧୀୟ ବିଷୟ ମାନଙ୍କରେ ନିଷ୍ପତି ଗ୍ରହଣ କରିବାରେ ମହିଳା ମାନଙ୍କଠାରୁ ଆଗରେ ରହୁଅଛନ୍ତି । ଏହା ବ୍ୟତୀତ ଅନ୍ୟ ସବୁ ବିଷୟରେ ଉଭୟେ ମିଳିମିଶି ନିଷ୍ପତି ନେଇଥାନ୍ତି । ଏହି ସମ୍ବନ୍ଧୀୟ ବିସ୍ତୃତ ସୂଚନା ସାରଣୀ-୩.୧୫ରେ ଦର୍ଶାଯାଇଅଛି ।

## ୩.୫. ପରୋକ୍ଷ ଭାବରେ ପ୍ରଭାବିତ ପରିବାର ସମୁହର ପାର୍ଶ୍ଵଚିତ୍ର

ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କାଳରେ, ପ୍ରକଳ୍ପ ଅଞ୍ଚଳରେ ସରଳଅନିୟମିତନମୁନାଚୟନପ୍ରଣାଳୀ ଗ୍ରହଣ କରାଯାଇ ୨୦ ଗୋଟି ପରୋକ୍ଷ ଭାବରେ ପ୍ରଭାବିତ ହେବାକୁ ଯାଉଥିବା ଗୃହ ମାନଙ୍କରୁ ମଧ୍ୟ ସୂଚନା ସଂଗ୍ରହ କରାଯାଇଥିଲା । ଉକ୍ତ ସଂଗୃହୀତ ସୂଚନା ସବୁରୁ ଜଣାପଡିଲା ଯେ, ଉକ୍ତ ୨୦ ଗୋଟି ପରିବାର ମଧ୍ୟ ୪୦ ଜଣ ପୁରୁଷ ଏବଂ ୩୪ ଜଣ ମହିଳାକୁ ମିଶାଇ ସମୁଦାୟ ୭୪ ଜଣ ସଦସ୍ୟ ରହୁଅଛନ୍ତି । ସାରଣୀ-୩.୧୬ ଅନୁଯାୟୀ, ଉକ୍ତ ପରିବାର ସବୁର ଜାତିଭିତ୍ତିକ ବଣ୍ଟନକୁ ଦେଖିଲେ, ସେମାନଙ୍କ ମଧ୍ୟରୁ ୧୪ଟି ଗୃହ ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ୬ଟି ଗୃହ ସାଧାରଣ ବର୍ଗରେ ଆସନ୍ତି । ପୁନଶ୍ଚ, ଏହା ଅନୁଭୂତ ହେଲା ଯେ, ସେମାନଙ୍କ ମଧ୍ୟରେ ମାତ୍ର ୨ ଗୋଟି ପରିବାର, ତାଙ୍କର ଆୟର ସ୍ତର ଆଶା କରାଯାଉଥିବା ସ୍ତରରୁ ନିମ୍ନରେ ରହୁଥିବାରୁ ଅତି ଗରିବ ପରିବାର ବର୍ଗରେ ଆସୁଅଛି । ସାରଣୀ-୩.୧୭ ଅନୁଯାୟୀ, ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ବୟସ ଭିତ୍ତିକ ବଣ୍ଟନ ପ୍ରତି ଲକ୍ଷ୍ୟ କଲେ ଏହା ଦର୍ଶାଏ ଯେ, ୩୧ ଜଣ (୪୧.୮୯ %) ବ୍ୟକ୍ତିବିଶେଷ ଉତ୍ପାଦନକ୍ଷମ ବୟସ (୧୮-୪୫ ବର୍ଷ) ମଧ୍ୟରେ ଆସୁଛନ୍ତି, ଯାହାକି ଏକ ସୁସ୍ଥ ପ୍ରତିଫଳନର ସୂଚନା ଦେଉଅଛି । ଅନ୍ୟ ବୟସ ବର୍ଗ ମଧ୍ୟରେ ୧୫ ଜଣ (୨୦.୨୭%), ୪୫-୬୦ ବର୍ଷ ବୟସ୍କଙ୍କର ଗୋଷ୍ଠିରେ ରହୁଥିବା ସ୍ଥଳେ ୧୬ ଜଣ (୨୧.୬୨%) ୧୮ ବର୍ଷରୁ କମ ବୟସ୍କ ବର୍ଗ ମଧ୍ୟରେ ଅଛନ୍ତି ଏବଂ ଅବଶିଷ୍ଟ ୧୨ ଜଣ (୧୬.୬୨%), ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ବର୍ଗ ମଧ୍ୟରେ ଆସନ୍ତି ।

**ସାରଣୀ-୩.୧୬ : ଅଣପ୍ରଭାବିତ ଗୃହ ମାନଙ୍କର ଜାତିଭିତ୍ତିକ ବଣ୍ଟନ**

| ଜାତି | ସଂଖ୍ୟା | % |
|---|---|---|
| ଅନୁସୁଚିତ ଜାତି | ୦ | ୦.୦୦ |
| ଅନୁସୁଚିତ ଜନଜାତି | ୦ | ୦.୦୦ |
| ଅନ୍ୟାନ୍ୟ ପଛୁଆ ବର୍ଗ | ୧୪ | ୭୦.00 |
| ସାଧାରଣ ବର୍ଗ | ୬ | ୩୦.00 |
| **ସର୍ବମୋଟ** | ୨୦ | **୧୦୦.୦୦** |

## ସାରଣୀ-୩.୧୭ : ଅଣପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସଭିତ୍ତିକ ବଣ୍ଟନ

| ବୟସ | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ୧୮ ବର୍ଷରୁ କମ୍ | ୯ | ୨୨.୫ | ୭ | ୨୦.୫୯ | ୧୬ | ୨୧.୬୨ |
| ୧୮-୪୫ ବର୍ଷ | ୧୭ | ୪୨.୫ | ୧୪ | ୪୧.୧୮ | ୩୧ | ୪୧.୮୯ |
| ୪୫-୬୦ ବର୍ଷ | ୮ | ୨୦.୦ | ୭ | ୨୦.୫୯ | ୧୫ | ୨୦.୨୭ |
| ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ | ୬ | ୧୫.୦ | ୬ | ୧୭.୬୫ | ୧୨ | ୧୬.୨୨ |
| ସର୍ବମୋଟ | ୪୦ | ୧୦୦.୦୦ | ୩୪ | ୧୦୦.୦୦ | ୭୪ | ୧୦୦.୦୦ |

*ସୁତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ପରୋକ୍ଷ ଭାବରେ ପ୍ରଭାବିତ ଜନସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର ସ୍ତରକୁ ଅନୁଶୀଳନ କଲେ, ଏହା ଦର୍ଶାଏ ଯେ, ସମୁଦାୟ ୭୪ ଜଣ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ୭୧ ଜଣ (୯୫.୯୫%) ସାକ୍ଷର ଏବଂ ମାତ୍ର ୩ ଜଣ ନିରକ୍ଷର ଅଟନ୍ତି । ପୁନଶ୍ଚ, ସମୁଦାୟ ସାକ୍ଷରଙ୍କ ମଧ୍ୟରୁ ୮ ଜଣ ସ୍ନାତକ ଏବଂ **୩** ଜଣ ବୈଷୟିକ ଡିପ୍ଲୋମା ସ୍ତର ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଅଛନ୍ତି । ସେ ଯାହା ହେଉନା କାହିଁକି, ସାରଣୀ-୩.୧୮ ଏବଂ ସାରଣୀ-୩.୧୯ ଅନୁଯାୟୀ ଅନ୍ୟ ମାନଙ୍କ ମଧ୍ୟରେ **୧୮** ଜଣ ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଥିବା ବେଳେ ୪୫ ଜଣ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନରେ ଯୋଗ ଦେଇଅଛନ୍ତି ।

## ସାରଣୀ-୩.୧୮ : ଅଣପ୍ରଭାବିତ ବ୍ୟକ୍ତିବିଶେଷଙ୍କର ଶିକ୍ଷା ହାସଲର ସ୍ତର

| ଶିକ୍ଷା ସ୍ଥିତି | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ସାକ୍ଷର | ୩୯ | ୯୭.୫ | ୩୨ | ୯୪.୧୨ | ୭୧ | ୯୫.୯୫ |
| ନିରକ୍ଷର | ୧ | ୨.୫ | ୨ | ୫.୮୮ | ୩ | ୪.୦୫ |
| ସର୍ବମୋଟ | ୪୦ | ୧୦୦.୦୦ | ୩୪ | ୧୦୦.୦୦ | ୭୪ | ୧୦୦.୦୦ |

*ସୁତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

## ସାରଣୀ-୩.୧୯ : ଅଣପ୍ରଭାବିତ ସାକ୍ଷର ବ୍ୟକ୍ତି ସମୁହର ଶିକ୍ଷା ହାସଲ ସ୍ତର ଭିତ୍ତିକ ବଣ୍ଟନ

| ଶିକ୍ଷା ସ୍ତର | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ସାକ୍ଷର ମାତ୍ର | ୭ | ୧୭.୫ | ୧୦ | ୨୯.୪୧ | ୧୭ | ୨୨.୯୭ |
| ପ୍ରାଥମିକ | ୧୭ | ୪୨.୫ | ୧୧ | ୩୨.୩୫ | ୨୮ | ୩୭.୮୪ |
| ଉଚ୍ଚ ବିଦ୍ୟାଳୟ | ୯ | ୨୨.୨୫ | ୯ | ୨୬.୪୭ | ୧୮ | ୨୪.୩୨ |
| ସ୍ନାତକ | ୫ | ୧୨.୫ | ୩ | ୮.୮୨ | ୮ | ୧୦.୮୧ |
| ବୈଷୟିକ ଡିପ୍ଲୋମା | ୨ | ୫.୦ | ୧ | ୨.୯୪ | ୩ | ୪.୦୫ |
| ସର୍ବମୋଟ | ୪୦ | ୧୦୦.୦୦ | ୩୪ | ୧୦୦.୦୦ | ୭୪ | ୧୦୦.୦୦ |

*ସୁତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଅଧ୍ୟୟନ କରାଯାଇଥିବା ପରୋକ୍ଷ ପ୍ରଭାବିତ ପରିବାର ମାନଙ୍କର ପେଶାଗତ ସ୍ଥିତି ଦର୍ଶାଏ ଯେ, ୭୪ ଜଣ ସଦସ୍ୟ ମାନଙ୍କ ମଧ୍ୟରୁ ୪୯ ଜଣ ସେମାନଙ୍କର ପରିବାର ପ୍ରତିପୋଷଣ ପାଇଁ କିଛିଟା ଅର୍ଥନୈତିକ କାର୍ଯ୍ୟକଳାପ ମାନଙ୍କରେ ନିୟୋଜିତ ଅଛନ୍ତି । ସାରଣୀ-୩.୨୦ରେ ଦର୍ଶାଯାଇଥିବା ମୁତାବକ ସମୁଦାୟ ରୋଜଗାରକ୍ଷମ ବ୍ୟକ୍ତିବିଶେଷଙ୍କ

ମଧ୍ୟରୁ ୨୬ ଜଣ ବ୍ୟବସାୟରେ ନିଯୁକ୍ତ ଥିବା ସ୍ଥଳେ ୮ଜଣ ବେତନଭୋଗୀ କର୍ମଚାରୀ ହିସାବରେ ସରକାରୀ କିମ୍ବା ଘରୋଇ ସ୍ତରରେ ନିୟୋଜିତ ଅଛନ୍ତି । ଏହା ବ୍ୟତୀତ ୪ ଜଣ ଦିନ ମଜୁରୀକୁ ସେମାନଙ୍କର ପେଶା ଭାବରେ ଗ୍ରହଣ କରି ନେଇଅଛନ୍ତି ଏବଂ ୧୧ଜଣ ବ୍ୟକ୍ତି କାରିଗରୀ କାମରେ ନିଯୁକ୍ତ ଅଛନ୍ତି । ଅଧ୍ୟୟନ କରାଯାଇଥିବା ପରିବାର ମାନଙ୍କର ବାର୍ଷିକ ଆୟର ବ୍ୟାଖ୍ୟା କରାଗଲେ ଏହା ଦର୍ଶାଏ ଯେ, ସମୁଦାୟ ପରିବାର (୨୦) ମଧ୍ୟରୁ ୨ଟି ପରିବାରର ବାର୍ଷିକ ଆୟ ଟ.୩,୦୦,୦୦୦/-ରୁ ଅଧିକ ହୋଇଥିବା ସ୍ଥଳେ ୬ଟି ପରିବାରର ରୋଜଗାର ଟ.୨,୦୦,୦୦୦/- ରୁ ଟ.୩,୦୦,୦୦୦/- ମଧ୍ୟରେ ରହିଅଛି ଏବଂ ୨ଟି ପରିବାରର ଟ.୧,୫୦,୦୦୦/- ରୁ ଟ.୨,୦୦,୦୦୦/- ମଧ୍ୟରେ ରହିଅଛି । ସେହିପରି ୮ ଗୋଟି ପରିବାରର ଆୟ ଟ.୮୦,୦୦୦/- ରୁ ଟ.୧,୫୦,୦୦୦/- ମଧ୍ୟରେ ଆସୁଥିବା ବେଳେ କେବଳ ୨ଟି ପରିବାରର ଅତି କମ ପରିମାଣର ଟ.୮୦,୦୦୦/- ମଧ୍ୟରେ ବର୍ଷକୁ ଆୟ ଥିବାର ଅନୁଭବ ହୁଏ । ସାରଣୀ-୩.୨୧ ଦର୍ଶାଏ ଯେ, ମୋଟାମୋଟି ଭାବରେ ପ୍ରକଳ୍ପ ଅଞ୍ଚଳର ପରୋକ୍ଷ ପ୍ରଭାବିତ ଗୃହମାନଙ୍କର ଅର୍ଥନୈତିକ ସ୍ଥିତି ହାରାହାରି ସ୍ତର ଠାରୁ ଉତ୍ତମ ସ୍ତର ମଧ୍ୟରେ ଆସୁଅଛି ।

## ସାରଣୀ-୩.୨୦ : ଅଣପ୍ରଭାବିତ ବ୍ୟକ୍ତିମାନଙ୍କର ପେଷାଭିତ୍ତିକ ବଣ୍ଟନ

| ପେଶା | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| କୃଷି | ୦ | ୦.୦ | ୦ | ୦.୦୦ | ୦ | ୦.୦୦ |
| ଦିନମଜୁରୀ | ୩ | ୭.୫ | ୧ | ୨.୯୪ | ୪ | ୫.୪୦ |
| ବେତନଭୋଗୀ | ୫ | ୧୨.୫ | ୩ | ୮.୮୨ | ୮ | ୧୦.୮୧ |
| କାରିଗରୀ | ୭ | ୧୭.୫ | ୪ | ୧୧.୭୬ | ୧୧ | ୧୪.୮୬ |
| ବ୍ୟବସାୟ | ୧୭ | ୪୨.୫ | ୯ | ୨୬.୪୭ | ୨୬ | ୩୫.୧୫ |
| ଅଣନିଯୁକ୍ତି | ୮ | ୨୦.୦ | ୧୭ | ୫୦.୦ | ୨୫ | ୩୩.୭୮ |
| **ସର୍ବମୋଟ** | **୪୦** | **୧୦୦.୦୦** | **୩୪** | **୧୦୦.୦୦** | **୭୪** | **୧୦୦.୦୦** |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

## ସାରଣୀ-୩.୨୧ : ଅଣପ୍ରଭାବିତ ବ୍ୟକ୍ତିମାନଙ୍କର ବାର୍ଷିକ ଆୟର ସ୍ତର

| ବାର୍ଷିକ ଆୟର ସ୍ତର | ସଂଖ୍ୟା | % |
|---|---|---|
| ୮୦,୦୦୦ ପର୍ଯ୍ୟନ୍ତ | ୨ | ୧୦.୦୦ |
| ୮୦,୦୦୦ - ୧,୫୦,୦୦୦ | ୮ | ୪୦.୦୦ |
| ୧,୫୦,୦୦୦ - ୨,୦୦,୦୦୦ | ୨ | ୧୦.୦୦ |
| ୨,୦୦,୦୦୦ - ୩,୦୦,୦୦୦ | ୬ | ୩୦.୦୦ |
| ୩,୦୦,୦୦୦ ଓ ତଦୁର୍ଦ୍ଧ | ୨ | ୧୦.୦୦ |
| **ସର୍ବମୋଟ** | **୨୦** | **୧୦୦.୦୦** |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

*********

# ଅଧ୍ୟାୟ- ୪
# ଜମିର ମୂଲ୍ୟାୟନ

ଜମି ହେଉଛି ଏକ ମୂଲ୍ୟବାନ ସମ୍ପଦ ଏବଂ ସାଧାରଣତଃ ଏହାର ମାଲିକମାନଙ୍କର ଉକ୍ତ ସ୍ଥାବର ସମ୍ପତି ପ୍ରତି ଯଥେଷ୍ଟ ଆବେଗିକଆସକ୍ତି ରହିଥାଏ । ଗ୍ରାମାଞ୍ଚଳମାନଙ୍କ କ୍ଷେତ୍ରରେଏହା ବିଶେଷତଃ ଜୀବିକା ନିର୍ବାହର ପ୍ରମୁଖ ସୁଯୋଗ ପ୍ରଦାନ କରିଥାଏ ଏବଂ ସାଂପ୍ରତିକ ସମୟରେ ସହରାଞ୍ଚଳ ମାନଙ୍କରେ ଏହା ଆଶାତୀତ ଉଚ୍ଚ ମୂଲ୍ୟ ପ୍ରଦାନ କରିଥାଏ । ଆମ ସମାଜରେ ଜମି ମାଲିକାନକୁ ସାମାଜିକ ପ୍ରତିପତ୍ତିର ଏକ ପ୍ରମୁଖ ସଂକେତ ଭାବରେ ଦେଖାଯାଇଥାଏ । ସେ ଯାହା ହେଉନା କାହିଁକି, କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ଉଦ୍ଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ନିର୍ମାଣ ପାଇଁ ଏ. ୦.୦୯୯୦ କର ବିଶିଷ୍ଟ ଘରୋଇ ଜମି ଅଧୀଗ୍ରହଣର ପ୍ରସ୍ତାବ ରହିଛି । ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଜମି ହରାଇବାକୁ ଯାଉଥିବା ପରିବାର ମାନଙ୍କୁ ନ୍ୟାୟ ପ୍ରଦାନ ଲକ୍ଷ୍ୟ ନେଇ ଜମି ଅଧିଗ୍ରହଣ ହେତୁ ବିଭିନ୍ନ ବିଷୟବସ୍ତୁ ଯଥା: ଜୀବନ ଜୀବିକା, ସର୍ବସାଧାରଣ ତଥା ଘରୋଇ ସମ୍ପଦ ଓ ଭିତ୍ତିଭୂମି ଆଦି ଉପରେ ସୃଷ୍ଟି ହେବାକୁ ଯାଉଥିବା ପ୍ରଭାବ ସବୁର ତୀବ୍ରତାର ଆକଳନ ପାଇଁ ଏକ ସାମଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ ସମ୍ପାଦନ କରାଯାଇଅଛି । ରାଜ୍ୟ ସ୍ତରୀୟ ମୁଲ୍ୟାୟନକାରୀ ସଂସ୍ଥା ଦ୍ୱାରା ପ୍ରଦତ୍ତ ପଟ୍ଟା ଅନୁଯାୟୀ ଛତ୍ରବଜ଼ାର ଅଂଚଳରେ ଥିବା ପ୍ରଭାବିତ ଜମି, ଯାହାକି ଏ.୦.୬୫୮୦ କର ବିଶିଷ୍ଟ ଅଟେ, ତାହା ମଧ୍ୟରୁ ପ୍ରସ୍ତାବିତ ଅଧିଗ୍ରହଣ ଉଦ୍ଦେଶ୍ୟରେ ସମୁଦାୟ ଏ. ୦.୦୯୯୦ କର ପାଇଁ ଏକ ସର୍ବେକ୍ଷଣ କରାଯାଇଅଛି ।

## ୪.୧. ପ୍ରଭାବିତ ପରିବାର ମାନଙ୍କର ମାଲିକାନା ଅନ୍ତର୍ଗତ ଜମି

ପ୍ରାଥମିକ ତଥ୍ୟ ଦର୍ଶାଏ ଯେ, ପ୍ରଭାବିତ ଗୃହ ମାନଙ୍କର ମାଲିକାନାରେ ସମୁଦାୟ ଏ. ୧.୦୧୨କର ଜମି ରହିଅଛି । ନିଜସ୍ୱ ମାଲିକାନାନ୍ତର୍ଗତ ଜମି ସବୁକୁ କିସମ ଭିତ୍ତିରେ ଦେଖିଲେ ଜଣାପଡେ ଯେ, ସମୁଦାୟ ଜମି ମଧ୍ୟରୁ ପ୍ରାୟ ଏ.୦.୬୦୦କର (୫୯.୨୯%) ଜମି ଅଣଜଳସେଚିତ ଧାର୍ମିକ ସ୍ଥଳ ଅଟେ । ଏହା ଛଡ଼ା ଏ.୦.୪୧୨କର (୪୦.୭୧%) ଜମି ଘରବାଡ଼ି କିସମର ଯାହାକି ପ୍ରଭାବିତ ପରିବାର ମାନଙ୍କର ମାଲିକାନାରେ ରହିଛି ।

## ୪.୨. ଜମିର ବ୍ୟବହାର ଏବଂ ବର୍ଗୀକରଣ

ଜମି ବ୍ୟବହାରର ଶୈଳୀ ଗୃହ ମାନଙ୍କର ଅର୍ଥନୈତିକ ଅବସ୍ଥାର ଏକ ପ୍ରମୁଖ ନିର୍ଦ୍ଧାରକ ଅଟେ । ପୂର୍ବରୁ ଏହା ଆଲୋଚିତ ହୋଇ ସାରିଛି ଯେ, ପ୍ରଭାବିତ ପରିବାର ମାନଙ୍କର ମାଲିକାନାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସମୁଦାୟ ଏ.୧.୦୧୨କର ଘରୋଇ ଜମି ରହିଛି । ସେହି ଜମି ମଧ୍ୟରେ ପ୍ରଭାବିତ ଅଞ୍ଚଳରେ ଥିବା ଏ.୦.୬୦୦କର ଜମି ମଧ୍ୟ ଅନ୍ତର୍ଭୁକ୍ତ ଅଟେ ।

**ସାରଣୀ- ୪.୧ : ପ୍ରଭାବିତ ପରିବାର ମାନଙ୍କର ମାଲିକାନାଧୀନ ଜମିରବ୍ୟବହାର ସମୂହ**

| ଜମିର କିସମ | ପରିମାଣ(ଏକର) | % |
|---|---|---|
| କୃଷି ଉପଯୋଗୀ | ୦.୦୦ | ୦.୦୦ |
| ଫଳ ବଗିଚା ଉପଯୋଗୀ | ୦.୦୦ | ୦.୦୦ |
| ଘରବାଡ଼ି ଉପଯୋଗୀ | ୦.୪୧୨ | ୪୦.୭୧ |
| ବ୍ୟାବସୟିକ ଉଦ୍ଦେଶ୍ୟ | ୦.୦୦ | ୦.୦୦ |
| ଜଙ୍ଗଲ ସୃଷ୍ଟି ଉପଯୋଗୀ | ୦.୦୦ | ୦.୦୦ |
| ଅନୁର୍ବର/ପତିତ | ୦.୦୦ | ୦.୦୦ |
| ଅନ୍ୟାନ୍ୟ (ଧାର୍ମିକ ସ୍ଥଳ) | ୦.୬୦୦ | ୫୯.୨୯ |
| **ସମୁଦାୟ ମାଲିକାନା ଧୀନ** | **୧.୦୧୨** | **୧୦୦.୦୦** |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ସାରଣୀଟି ଦର୍ଶାଏ ଯେ, ସମୁଦାୟ ଜମିରୁ ଏ. ୦.୬୦୦କର (୫୯.୨୯%) ଧାର୍ମିକ ସ୍ଥଳ ଅଟେ ଏବଂ ଏ. ୦.୪୧୨କର (୪୦.୭୧%) ଜମି ବାସଗୃହ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଅଛି । ସାରଣୀ-୪.୧ ଏବଂ ଛବି-୫ ପ୍ରଭାବିତ ପରିବାର ମାନଙ୍କ ପାଖରେ ଥିବା ଜମିର କିସମଭିତ୍ତିକ ବଣ୍ଟନକୁ ଦର୍ଶାଉଅଛି ।

**ଛବି-୫: ପ୍ରଭାବିତ ପରିବାର ମାନଙ୍କର ମାଲିକାଢ଼ିନେ ଜମିର (%)**




## ୪.୩. ପ୍ରକଳ୍ପ ଉଦ୍ଦେଶ୍ୟରେ ଜମିଉପରେ ଥିବା ଗଠନ/ ନିର୍ମାଣ ସମୂହ

ଗୋଟିଏ ଗୃହର ଅବସ୍ଥା, ଯାହା ଉପରେ ଗୋଟିଏ ପରିବାର ନିର୍ଭର କରିଥାଏ, ତାହା ସେହି ପରିବାରର ସାମାଜିକ-ଅର୍ଥନୈତିକ ଅବସ୍ଥାର ମଧ୍ୟ ଏକ ସଂକେତକ ଭାବରେ ବିବେଚିତ ହୁଏ । ପ୍ରଭାବିତ ପରିବାର ମାନଙ୍କୁ କ୍ଷତିପୂରଣ ଉଦ୍ଦେଶ୍ୟରେ, ଉକ୍ତ ଗଠନ ସବୁର ମୂଲ୍ୟ ନିର୍ଦ୍ଧାରଣ ସମୟରେ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରିବା, ପ୍ରକଳ୍ପ ପ୍ରସ୍ତାବକଙ୍କ କ୍ଷେତ୍ରରେ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଛତ୍ରବଜାର ଅଞ୍ଚଳର ଉପସ୍ଥିତ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କ୍ଷେତ୍ରରେ, ଏହା ଅନୁଧ୍ୟାନ କରାଯାଏ ଯେ, ସେଠାରେ ଏକ ବାଣିଜ୍ୟିକ ଗଠନ ଅଛି ଯାହା ଏକ ପନିପରିବା ଗୋଦାମ ଭାବରେ ବ୍ୟବହୃତ ହେଉଛି | ଏହା ସୁରେଶ ଚନ୍ଦ୍ର କାଲିଆ ନାମକ ପଟାଧାରକଙ୍କର ଅଟେ | ଅନ୍ୟ ପଟାଧାରକ ଅର୍ଥାତ୍ ମଧୁ

ବୈଶ୍ୟ ସମାଜ ପ୍ରଭାବିତ ଜମିକୁ ଗଣେଶ ମନ୍ଦିର ପାଇଁ ବ୍ୟବହାର କରିଛନ୍ତି ଏବଂ ପ୍ରସ୍ତାବିତ ପ୍ରକଳ୍ପ ଯୋଗୁଁ ଏହାର ପାଚେରୀ କାନ୍ଥର କୋଣ ଅଂଶ ପ୍ରଭାବିତ ହେବାକୁ ଯାଉଛି | ସର୍ଭେ ପ୍ରକ୍ରିୟା ସମୟରେ ଏକାଠି ହୋଇଥିବା କ୍ଷେତ୍ର କର୍ମଚାରୀମାନେ ଏହା ପ୍ରକାଶ କରିଥିଲେ।

ସର୍ବେକ୍ଷଣ ସମୟରେ, ପ୍ରଭାବିତ ପରିବାରର ଉତ୍ତରଦାତା ମାନେ ଦର୍ଶାଇ ଥିଲେ ଯେ, ସେମାନଙ୍କର ଜମି, ଗଠନ ଏବଂ ବ୍ୟବସାୟ ସମ୍ବନ୍ଧୀୟ କ୍ଷତି ପାଇଁ ସେମାନଙ୍କୁ ପ୍ରଚଳିତ ବଜାର ଦର ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଉ । କିନ୍ତୁ ସରକାରୀ ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ ନୁହେଁ, କାରଣ ସେମାନଙ୍କର ଜମି କଟକ ସହରର ମଧ୍ୟ ଭାଗରେ ଏକ ପ୍ରମୁଖ ଅଞ୍ଚଳରେ ଅବସ୍ଥିତ । ତେଣୁ ସମ୍ପୃକ୍ତ କର୍ମକର୍ତ୍ତା ମାନଙ୍କଦ୍ୱାରା ଉକ୍ତ କ୍ଷତି ସବୁର ସମୁଚିତ ମୂଲ୍ୟାୟନ କରାଯାଇ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ଆବଶ୍ୟକ ।

## ୪.୪. ପ୍ରକଳ୍ପ ଅନ୍ତର୍ଗତ ଜମି : ପ୍ରଭାବିତ ଏବଂ ଅଧିଗ୍ରହଣ ଯୋଗ୍ୟ

କଟକ ଜିଲ୍ଲା ସଦର ତହସିଲ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ପାଇଁ ରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ଆବଶ୍ୟକ ଜମି ପ୍ରକଳ୍ପ ପାଇଁ ନିହାତି ଆବଶ୍ୟକ ଅଟେ, ଯାହାକି, ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ମାଲିକାନାନ୍ତର୍ଗତ ସମୁଦାୟ ଜମିର ଏକ କ୍ଷୁଦ୍ର ଅଂଶବିଶେଷ ଅଟେ । ଏହା ଜଣାପଡେ ଯେ, ଉକ୍ତ ପ୍ରକଳ୍ପ ପାଇଁ ସମୁଦାୟ ଏ. ୦.୦୯୯୦ କର ଜମି, ଯାହାକି ପ୍ରଭାବିତ ଜମିର ୧୫.୦୪% ଅଟେ, ତାହାହିଁ ଅଧିଗ୍ରହଣ କରାଯିବ । ସର୍ଭେ କରାଯାଇଥିବା ପ୍ରଭାବିତ ପରିବାର ମାନଙ୍କର ମାଲିକାନାନ୍ତର୍ଗତ ସମୁଦାୟ ଜମିକୁ ହିସାବ ପରିସରକୁ ନେଲେ ଏହା ପ୍ରକଟ ହୁଏ ଯେ, ସମୁଦାୟ ଏ. ୧.୦୧୨କର ଜମିରୁ ଏ. ୦.୦୯୯୦କର ଜମି ଅଧିଗ୍ରହଣ ହେବ ଯାହାକି, ପ୍ରଭାବିତ ପରିବାର ମାନଙ୍କର ମାଲିକାନାନ୍ତର୍ଗତ ସମୁଦାୟ ଜମିର ୯.୭୮% ଅଟେ । ସେ ଯାହା ହେଉନା କାହିଁକି, କଟକ ଭଳି ଏକ ବାଣିଜ୍ୟିକ ସହରର ମଧ୍ୟସ୍ଥଳରେ ଜମି ହେଇଛି ଏକ ଦୁର୍ଲଭ ଅମୁଲ୍ୟ ସମ୍ପଦ ଏବଂ ଏହା ଉପରେ ଯେଉଁ ମାନଙ୍କର ଜୀବନ ଜୀବିକା ମୁଖ୍ୟତଃ ନିର୍ଭରଶୀଳ ସେମାନଙ୍କୁ ପ୍ରକଳ୍ପ କର୍ମକର୍ତ୍ତା ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାର ଯଥାର୍ଥତା ରହିଛି ।

**ସାରଣୀ-୪.୩ : ସମୁଦାୟ ପ୍ରଭାବିତ ଜମିରୁ କ୍ଷତି ହେଉଥିବା ଜମିର ପ୍ରତିଶତ**

| ପ୍ରଭାବିତ ପରିବାର ସମୁହଙ୍କର ମାଲିକାନାନ୍ତର୍ଗତ ସମୁଦାୟ ଜମି (ଏକର) | ପ୍ରଭାବିତ ହେଉଥିବା ଜମି (ଏକର) | ଅଧିଗ୍ରହଣ ଯୋଗ୍ୟ ଜମି (ଏକର) | ପ୍ରଭାବିତ ଜମିରୁ କ୍ଷତି ହେଉଥିବା ଜମିର % | ସମୁଦାୟ ଜମିରୁ କ୍ଷତି ହେଉଥିବା ଜମିର % |
|---|---|---|---|---|
| ୧.୦୧୨ | ୦.୬୫୮୦ | ୦.୦୯୯୦ | ୧୫.୦୪ | ୯.୭୮ |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଅଧ୍ୟୟନ ପ୍ରକ୍ରିୟା କାଳରେ, ଏହା ଉପଲବ୍ଧ ହେଲା ଯେ, କେତେକ ପରିବାର ପ୍ରସ୍ତାବିତ ଅଧିଗ୍ରହଣ ଯୋଗ୍ୟ ଜମିର ପରିସର ଏବଂ ବାହାରେ ରହି ବୈଦୁତିକ ସାମଗ୍ରୀ, ସେଲୁନ, ଚା ଦୋକାନ ଏବଂ ରେଡ଼ିମେଡ଼ ପୋଷାକ ବ୍ୟବସାୟ କରୁଅଛନ୍ତି । ସେମାନେ ମଧ୍ୟ ପ୍ରସ୍ତାବିତ ଅଧିଗ୍ରହଣ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ହେବାକୁ ଯାଉଅଛନ୍ତି ।

********

# ଅଧ୍ୟାୟ-୫

# ପ୍ରକଳ୍ପ ପ୍ରଭାବରେ ମୂଲ୍ୟାୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କ୍ଷେତ୍ରରେ, ଗୋଟିଏ ପ୍ରକଳ୍ପ ହେତୁ ସୃଷ୍ଟି ହେବାକୁ ଥିବା ସାମାଜିକ ପ୍ରଭାବ ସବୁର ଚିହ୍ନଟ କରିବା ହେଉଛି ଏକ ପ୍ରମୁଖ ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଗୋଟିଏ ପ୍ରକଳ୍ପର ସାମାଜିକ ପ୍ରଭାବ, ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେତୁ ପ୍ରକଳ୍ପ ଅଞ୍ଚଳରେ ଥିବା ଜନସାଧାରଣଙ୍କର ସୁବିଧା ସୁଯୋଗ, ସେବା ସମୁହ, ଜୀବିକାର ସ୍ଥିତାବସ୍ଥା, ଜୀବନ ଧରଣର ଶୈଳୀ ଏବଂ ମାନ ତଥା ପରିବେଶ ଉପରେ ପଡ଼ିବାକୁ ଥିବା ଚାପ ସମ୍ପର୍କରେ ଅନୁସନ୍ଧାନ କରିଥାଏ । ଉପସ୍ଥିତ ଅଧ୍ୟୟନ ପାଇଁ ବିଭିନ୍ନ ପ୍ରକାରର ଅଧ୍ୟୟନ ପ୍ରଣାଳୀ, ଯଥା: ଗୃହ ଭିତ୍ତିକ ସର୍ବେକ୍ଷଣ, କେନ୍ଦ୍ରୀୟ ଦଳଗତ ଆଲୋଚନା, ସହଭାଗୀ ଗ୍ରାମ୍ୟ ମୂଲ୍ୟ ନିରୂପଣ ପଦ୍ଧତିଆଦିର ଅନୁସରଣ କରାଯାଇ ପ୍ରଭାବିତ ଗୃହ ସବୁର ମତାମତ ସଂଗ୍ରହ ପୂର୍ବକ ସେଗୁଡିକର ବିଶ୍ଳେଷଣ କରାଯାଇ ପ୍ରକଳ୍ପ ପ୍ରଭାବ ସବୁର ଅନୁସନ୍ଧାନ କରାଯାଇଥିଲା ।କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଚାଲୁ ରହିବା ସମୟରେ, ବ୍ୟକ୍ତିଗତ ସ୍ତରରେ ପ୍ରକଳ୍ପ ଅଞ୍ଚଳର ଅଂଶୀଦାର ମାନଙ୍କ ସହିତ ଯୋଗାଯୋଗ କରାଯାଇ ପ୍ରକଳ୍ପ ଜନିତ ପ୍ରଭାବ ସବୁର ଚିହ୍ନଟ ଉଦ୍ଦେଶ୍ୟରେ ପ୍ରକଳ୍ପ ଅଞ୍ଚଳର ସୂଚନାମାନ ମଧ୍ୟ ସଂଗ୍ରହ କରାଯାଇଥିଲା ସେ ଯାହା ହେଉନା କାହିଁକି, ଉକ୍ତ ଅଧ୍ୟାୟଟିରେ ପ୍ରକଳ୍ପ ହେତୁକ ପ୍ରଭାବ ସବୁର ବିଷଦ ବିବରଣୀ ସବୁର ଉପସ୍ଥାପନା କରାଯାଇଅଛି ।

## ୫.୧. ଜମି କ୍ଷତି ଜନିତ ପ୍ରଭାବ

ଯେହେତୁ ଉପସ୍ଥିତ ପ୍ରକଳ୍ପଟି ପ୍ରଭାବିତ ପରିବାର  ମାନଙ୍କର ମାଲିକାନା ଅନ୍ତର୍ଗତ ୦.୬୫୮୦ ଏକର ଘରୋଇ ଜମି ଉପରେ ପ୍ରଭାବ ପକାଇବ ଏବଂ ପ୍ରସ୍ତାବିତ ଜମି ୦.୦୯୯୦ ଏକର ପ୍ରଭାବିତ ଜମିର ୧୫.୦୪% ଅଟେ ଯାହା ସମ୍ପୂର୍ଣ୍ଣ ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଛି । ତେଣୁ, ଏହା ପ୍ରଭାବିତ ପରିବାରର ଆୟ ଏବଂ ଜୀବନଜୀବିକା ଉପରେ ପ୍ରଭାବ ପକାଇପାରେ |

ଉକ୍ତ ସମସ୍ୟା ସବୁର ଲଘୁକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ଉଚିତ, ଯାହାକି, ଜମି ହରାଉଥିବା କ୍ଷତିଗ୍ରସ୍ତ ମାନଙ୍କର ଜୀବନ ଜୀବିକାର ପୁନରୁଦ୍ଧାର ସୁନିଶ୍ଚିତ କରାଇବ। ଅଧିକନ୍ତୁ, ପ୍ରକଳ୍ପ କର୍ମକର୍ତ୍ତା ପ୍ରଭାବିତ ପରିବାର ମାନଙ୍କର ଜୀବନ ଜୀବିକାର ପୁନରୁଦ୍ଧାର କଳ୍ପେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉଚିତ । ଅର୍ଥାତ, ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତାପ୍ରତି ଧ୍ୟାନ କେନ୍ଦ୍ରିତ କରି ସେମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ପାଇଁ ଚେଷ୍ଟିତ ହେବେ । ଏଣୁ, ସମ୍ପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ସମୁଚିତ ତନଖି ପରେ ଆଇନ ଅନୁଯାୟୀ ଜମି କ୍ଷତିଗ୍ରସ୍ତ ମାନଙ୍କୁ କ୍ଷତି ପୁରଣ ପ୍ରଦାନ କରିବା ଉଚିତ ।

## ୫.୨. ଜୀବିକା ଉପରେ ପ୍ରଭାବ

ପ୍ରସ୍ତାବିତ ପ୍ରକଳ୍ପ ହେତୁ ପ୍ରଭାବିତ ପରିବାର ସମୂହ ଉପରେ କେତେକ ନକରାତ୍ମକ ପ୍ରଭାବ ପଡିପାରେ । କିନ୍ତୁ, ଅଣପ୍ରଭାବିତ ପରିବାର, ଯେଉଁମାନେକି , କିଛି ନା କିଛି କ୍ଷୁଦ୍ର ବ୍ୟବସାୟ କରୁଛନ୍ତି, ସେମାନେ ମଧ୍ୟ ପ୍ରଭାବିତ ହେବେ । କେନ୍ଦ୍ରୀୟ ଦଳଗତ ଆଲୋଚନା ସମୟରେ, ଏହା ପ୍ରକଟ ହେଲା ଯେ, ପ୍ରସ୍ତାବିତ ପ୍ରକଳ୍ପ ହେତୁ, ହୁଏତ ସ୍ଥାନୀୟ ଜନସାଧାରଣଙ୍କର ଅର୍ଥନୈତିକ କାର୍ଯ୍ୟକଳାପରେ କୌଣସି ପ୍ରକାରର ବୃଦ୍ଧି ଘଟି ନପାରେ ବରଂ ଏହା କେତେକ କ୍ଷୁଦ୍ର ବ୍ୟବସାୟ ସବୁର ସ୍ଥାନାନ୍ତରଣ କରିବାର କାରଣ ସାଜିପାରେ । ସେ ଯାହା ହେଉନା କାହିଁକି, ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୟରେ କେତେକ ପ୍ରତ୍ୟକ୍ଷ ଦିନମଜୁରୀ ଜନିତ ନିୟୋଜନ ପାଇଁ ସୁଯୋଗ ସୃଷ୍ଟି କରିପାରେ । କିନ୍ତୁ ଏହା ସୁସ୍ପଷ୍ଟ ଯେ, ପ୍ରଭାବିତ ପରିବାର ସମୂହ ଏବଂ ପ୍ରକଳ୍ପ ଅଞ୍ଚଳର ସ୍ଥନୀୟ ଯୁବଗୋଷ୍ଠୀ, ସେମାନଙ୍କର ଉପସ୍ଥିତ କାର୍ଯ୍ୟ କରିବାର କୌଶଳ ସବୁ ସହିତ ଏହି ପ୍ରକାରର ନିୟୋଜନ ପାଇଁ ଯୋଗ୍ୟ ବିବେଚିତ ହୋଇ ନପାରନ୍ତି । ପ୍ରକଳ୍ପ ଅଞ୍ଚଳରେ କିଛି ଜନ ସାଧାରଣ ସେମାନଙ୍କର ଜୀବିକା ନିର୍ବାହ ପାଇଁ କ୍ଷୁଦ୍ର ବ୍ୟବସାୟକୁ ଆପଣେଇ ନେଇ ଅଛନ୍ତି । ପୁନଶ୍ଚ, ଅଧ୍ୟୟନର ସିଦ୍ଧାନ୍ତ ପ୍ରକଟ କରେ ଯେ, ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କରୁ ସମୁଦାୟ ୬୦% ପରିବାର ମାନଙ୍କର ବିଭିନ୍ନ ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପ ରହିଅଛି ଏବଂ ଗୋଟିଏ ପରିବାରର ପ୍ରକଳ୍ପ ପ୍ରଭାବିତ ଜମିରୁ କିଛି ରୋଜଗାର ରହିଛି । ପୁନଶ୍ଚ, ଅଣପ୍ରଭାବିତ ପରିବାରମାନଙ୍କର କିଛିଟା ବ୍ୟବସାୟିକ କାର୍ଯ୍ୟ କଳାପ ରହିଅଛି, ସେମାନଙ୍କୁ ପ୍ରକଳ୍ପ ହେତୁ ସେମାନଙ୍କର ବ୍ୟବସାୟିକ ସଂସ୍ଥା ସବୁକୁ ସ୍ଥାନାନ୍ତରିତ କରିବାକୁ ହେବ । ତେଣୁ, ପ୍ରକଳ୍ପ ହେତୁ କ୍ଷତି ସହିବାକୁ ଯାଉଥିବା ଜନ ସାଧାରଣଙ୍କ ପାଇଁ ସମ୍ପୃକ୍ତ ପ୍ରକଳ୍ପ କର୍ମକର୍ତ୍ତାଙ୍କୁ ପ୍ରଚଳିତ ବିଧି ବ୍ୟବସ୍ଥା ଅନୁଯାୟୀ କିଛିଟା ବିଚାର କରିବାକୁ ପଡିପାରେ ।

## ୫.୩. ଗଠନ/ ନିର୍ମାଣ ସବୁର କ୍ଷତି ଜନିତ ପ୍ରଭାବ

ଏହା ଉପଲବ୍ଧି ହୋଇଛି ଯେ, ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉଥିବା ଭୂଖଣ୍ଡ ଉପରେ ଗୋଟିଏ ବ୍ୟବସାୟିକ ନିର୍ମାଣ ରହିଅଛି । ସୂଚନା ଅନୁଯାୟୀ ଏହା ସିମେଣ୍ଟରେ ତିଆରି ଏକ କୋଠାଘର, ଯାହାକି ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା । ଉକ୍ତ କୋଠାଘରଟିର କ୍ଷତି ହେତୁ, ଏହାର ମାଲିକ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହୋଇଥିବା ସ୍ଥଳେ, ଯେଉଁ ଜନସାଧାରଣ ଉକ୍ତ ନିର୍ମାଣ ଉପରେ ନିର୍ଭର କରି ସେମାନଙ୍କର ଜୀବିକା ନିର୍ବାହ କରୁଥିଲେ, ସେମାନେ ପରୋକ୍ଷରେ ପ୍ରଭାବିତ ହେବେ । ଅଧ୍ୟୟନରୁ ଏହା ପ୍ରକଟ ହୁଏ ଯେ, ପ୍ରଭାବିତ ଜନ ସାଧାରଣ ସେମାନଙ୍କର ନିର୍ମାଣର କ୍ଷତି ହେତୁ ପ୍ରଚଳିତ ବଜାର ଦର ହାରରେ କ୍ଷତିପୂରଣର ଆଶା କରନ୍ତି ।

## ୫.୪. ସର୍ବ ସାଧାରଣ ସମ୍ପଦ ଉପରେ ପ୍ରଭାବ

କେନ୍ଦ୍ରିତ ଦଳଗତ ଆଲୋଚନା କାଳରେ ଏହି ସୂଚନା ପ୍ରାପ୍ତ ହୋଇଥିଲା ଯେ, ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ହେତୁ ଏକ ଧାର୍ମିକ ସ୍ଥଳୀ (ଗଣେଶ ମନ୍ଦିର) ପ୍ରଭାବିତ ହେବ । କିନ୍ତୁ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ, ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଯାତାୟତକାରୀ ମାନେ ଭିଡ଼ର ସମ୍ମୁଖୀନ ହେବେ, କାରଣ ଉକ୍ତ ରାସ୍ତାଦେଇ ସାଧାରଣତଃ

ଅନେକ ଯାତାୟତକାରୀ ମାନଙ୍କର ଚଳ ପ୍ରଚଳ ଯଥେଷ୍ଟ ଅଧିକ ଅଟେ । ପୁନଶ୍ଚ, ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକୀୟ ସାମଗ୍ରୀ ଏବଂ ଯନ୍ତ୍ରପାତି ହେତୁ ଉକ୍ତ ବ୍ୟସ୍ତ ବହୁଳ ରାସ୍ତାର କିୟଦଂଶ ବନ୍ଦ ହେବାର ଅବସ୍ଥାକୁ ମଧ୍ୟ ଏଡାଯାଇନପାରେ । ସେ ଯାହା ହେଉନା କାହିଁକି, ଏହା ଆଶା କରାଯାଇ ପାରେ ଯେ, ଯାତାୟାତକାରୀ ମାନଙ୍କ କ୍ଷେତ୍ରରେ ଏହା ସାମୟିକ ସମୟ ପାଇଁ ସମସ୍ୟା ସୃଷ୍ଟି କରିପାରେ, କିନ୍ତୁ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବାପରେ ଏହି ରାସ୍ତା ସେମାନଙ୍କୁ ଅଧିକ ସ୍ଥାନ ପ୍ରଦାନକରିବାସହିତ ଅନ୍ୟ ପ୍ରକାରର ସୁବିଧା ଯୋଗାଇ ଦେବ । ଏହା ଛଡ଼ା, ଉକ୍ତରାସ୍ତା ଏହା ସହିତ ସଂଯୁକ୍ତ ଥିବା ଅନ୍ୟ ରାସ୍ତା ସବୁର ବିକାଶ ମଧ୍ୟ ହୋଇପାରିବ । ତେଣୁ, ଉକ୍ତ ପ୍ରକଳ୍ପଟିରେ ଏକ ଦୀର୍ଘକାଳୀନ ସୁବିଧା ପ୍ରାପ୍ତିର ସୁଯୋଗ ରହିବ । ତେଣୁ, ଏହା ଆଶା କରାଯାଏ ଯେ, ସର୍ବସାଧାରଣ ସମ୍ପଦ ଉପରେ ପଡ଼ିବାକୁ ଥିବା ଏହି ପ୍ରଭାବଟିର ଲକ୍ଷଣ ନ୍ୟୁନ ଏବଂ କ୍ଷଣସ୍ଥାୟୀ ଅଟେ ।

## ୫.୫. ଗମନାଗମନ ଏବଂ ପରିବହନ ଜନିତ ପ୍ରଭାବ

ପ୍ରକଳ୍ପଟିର କାର୍ଯ୍ୟାନ୍ୱୟନ କାଳରେ, କାର୍ଯ୍ୟ ସ୍ଥଳକୁ ଯାନବାହନ ସବୁର ଯାତାୟତ ବହୁଳ ଭାବରେ ବଢ଼ିଯିବ । କାର୍ଯ୍ୟ ସ୍ଥଳକୁ ନିର୍ମାଣ ସାମଗ୍ରୀ, ଯନ୍ତ୍ରପାତି ତଥା ଶ୍ରମିକ ମାନଙ୍କର ପରିବହନ ଉଦ୍ଦେଶ୍ୟରେ ଅଧିକ ଯାନ ସବୁର ବ୍ୟବହୃତ ହେବ । ଏହି ବର୍ଦ୍ଧିତ ଯାନ ସବୁ ଅନ୍ୟାନ୍ୟ ରାସ୍ତା ବ୍ୟବହାରୀମାନଙ୍କ ପାଇଁ ସମ୍ଭାବ୍ୟ ନିରାପତ୍ତା ଜନିତ ସମସ୍ୟା ସୃଷ୍ଟି କରିପାରେ । ତେଣୁ, ପ୍ରକଳ୍ପଟିର କାର୍ଯ୍ୟସ୍ଥଳର ନିକଟବର୍ତ୍ତୀଅଞ୍ଚଳ ଦେଇ ଯାନବାହନ ସବୁର ଚଳପ୍ରଚଳ ଉଦ୍ଦେଶ୍ୟରେ ସବୁଦିନର ରାସ୍ତା ବ୍ୟବହାରକାରୀ ମାନଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି ନ କରାଯାଇ ସୁସଂଗଠିତ ଭାବରେ ଯାନବାହନ ସବୁର ଚଳପ୍ରଚଳ ପାଇଁ ରାସ୍ତା ସୁପରିଚାଳନାର ଆବଶ୍ୟକତା ରହିଅଛି । ଉଭୟ ଗୃହଭିତ୍ତିକ ସର୍ବେକ୍ଷଣ ଏବଂ କେନ୍ଦ୍ରିତ ଦଳଗତ ଆଲୋଚନା ଚାଲୁରହିଥିବା ସମୟରେ ଉଭୟ ପ୍ରଭାବିତ ଏବଂ ଅଣପ୍ରଭାବିତ ବ୍ୟକ୍ତିମାନେ ଆଶଙ୍କା ପ୍ରକାଶ କରିଥିଲେ ଯେ, ରାସ୍ତା ପ୍ରଶସ୍ତିକରଣ ଫଳରେ ସେମାନଙ୍କର ବସତି ନିକଟରେ ଅଧିକ ଦୁର୍ଘଟଣା ଘଟିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି, ଯାହା ପ୍ରତି ଧ୍ୟାନ ଦିଆଯିବା ନିହାତି ଆବଶ୍ୟକ ।

## ୫.୬. ଗୃହ ସମୁହର ପ୍ରକଳ୍ପ ସମ୍ବନ୍ଧୀୟ ସଚେତନତା ଏବଂ ଉପଲବ୍ଧି

କ୍ଷେତ୍ର କାର୍ଯ୍ୟ ଏବଂ ବିଭିନ୍ନ ଅଂଶୀଦାର ମାନଙ୍କ ସହିତ ଆଲୋଚନା କାଳରେ ଏହା ଭଲଭାବରେ ବୁଝି ହୋଇଥିଲା ଯେ, କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ପାଇଁ ନିର୍ମାଣ ହେବାକୁ ଯାଉଥିବା ରାସ୍ତା ସମ୍ପର୍କରେ ଛତ୍ରବଜ଼ାର ଅଞ୍ଚଳ ଏବଂ ବହୁଳ ଭାବରେ କଟକର ଜନସାଧାରଣ ବେଶ ସଚେତନ ଅଟନ୍ତି । ରାସ୍ତା ପ୍ରକଳ୍ପ ସମ୍ପର୍କରେ ଜନସାଧାରଣ ମତ ଦିଅନ୍ତି ଯେ, ସେମାନେ କ୍ଷତିପୂରଣ, ନିଯୁକ୍ତି ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କ ପାଇଁ ଉତ୍ତମ ଗମନାଗମନ ଏବଂ ପରିବହନ ସୁବିଧା ସହିତ ମାଲ ପରିବହନ ସୁବିଧା ହାସଲ କରିପାରିବେ । କିନ୍ତୁ, ସମସ୍ତ ପ୍ରଭାବିତ ପରିବାର ସେମାନଙ୍କର ଜମି, କୋଠାଘର ଏବଂ ବ୍ୟବସାୟ ସମ୍ପର୍କୀୟ କ୍ଷତି ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରାପ୍ତିର ଆଶା ରଖନ୍ତି ।

## ୫.୭. ପ୍ରକଳ୍ପ ହେତୁକ ସୁବିଧା ସୁଯୋଗ ସମୂହ : ସାମାଜିକ ଏବଂ ଅର୍ଥନୈତିକ

ବିଭିନ୍ନ ସୂତ୍ର ତଥା ଅଂଶୀଦାର ମାନଙ୍କଠାରୁ ସଂଗୃହିତ ସୂଚନା ଅନୁଯାୟୀ, ପ୍ରସ୍ତାବିତ ରାସ୍ତା ପ୍ରକଳ୍ପରୁ ସ୍ଥାନୀୟ ଅଧିବାସୀ ଏବଂ ପଥଚାରୀମାନଙ୍କୁ ବିଭିନ୍ନ ପ୍ରକାରର ସୁବିଧାସୁଯୋଗ ମାନ ଉପଲବ୍ଧ ହେବ । କ୍ଷେତ୍ରସ୍ତରୀୟ କାର୍ଯ୍ୟ ନିର୍ବାହ କାଳରେ ପ୍ରକଳ୍ପ ହେତୁକ ସାମାଜିକ ଏବଂ ଅର୍ଥନୈତିକ ସୁବିଧା ସୁଯୋଗ ସବୁର ମୂଲ୍ୟାୟନ କରାଯାଇଅଛି ଏବଂ ସେଥିରୁ ଅନୁଭୂତ ହୋଉଛି ଯେ, ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ରକଳ୍ପଟି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଅଂଶୀଦାର ମାନଙ୍କ ପାଇଁ ଯଥେଷ୍ଟ ସୁବିଧା ଦାୟକ ହେବ । ପ୍ରକଳ୍ପ ହେତୁକ ସାମାଜିକ ଲାଭ ଦୃଷ୍ଟିକୋଣରୁ ପ୍ରାୟ ୯୦% ଗୃହ ସମୂହ ମତ ପ୍ରଦାନ କରିଥିଲେ ଯେ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ପାଇଁ ନିର୍ମାଣ ହେବାକୁ ଯାଉଥିବା ରାସ୍ତାଟି ସ୍ଥାନୀୟ ଜନସଧାରଣଙ୍କ ପାଇଁ ସହଜ ଏବଂ ସମୟୋପଯୋଗୀ ଯାତାୟାତ ସୁବିଧାର ସୃଷ୍ଟି କରିବା ସହିତ ଏହା ମୌଳିକ ପରିବହନ ଜନିତ ସୁବିଧାସୁଯୋଗ ହାସଲର ପରିସରରେ ବୃଦ୍ଧି ଘଟାଇବା । ଏହା ବ୍ୟତୀତ ରୋଗୀମାନେ ସହଜରେ, ନିରାପଦରେଏବଂଅଳ୍ପ ସମୟରେ ଚିକିତ୍ସାଳୟରେ ପହଞ୍ଚି ପାରିବେ ଏବଂ ଜଟିଳରୋଗୀ ମାନଙ୍କୁ ବହନ କରି ଆସୁଥିବା ଆମ୍ବୁଲାନସ ଓ ଯାନ ସବୁ ଚିକିତ୍ସାଳୟରେ ପହଞ୍ଚିବା ପାଇଁ ରାସ୍ତା ଗହଳିରେ ଫସି ନ ପାରନ୍ତି । ଏହାଛଡା, ପ୍ରସ୍ତାବିତ ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟଛୋଟ ବ୍ୟବସାୟିକ ସଂସ୍ଥା ମାନ ଗଢି ଉଠିବ । ତେଣୁ, ଏହା କୁହାଯାଇପାରେ ଯେ, ସ୍ଥାନୀୟ ଜନସାଧାରଣଙ୍କ ପାଇଁ ପ୍ରକଳ୍ପ ହେତୁକ ସାମାଜିକ ତଥା ଅର୍ଥନୈତିକ ସୁବିଧା ପର୍ଯ୍ୟାପ୍ତ ପରିମାଣରେ ସୃଷ୍ଟି ହେବ ।

## ୫.୮. ପ୍ରକଳ୍ପ ବିଷୟରେ ଗୃହ ମାନଙ୍କର ମନୋଭାବ

### କ) କେତେକ ସକାରାତ୍ମକ ପ୍ରଭାବ ସମୂହ ବିଷୟରେ ଉପଲବ୍ଧି

କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ସବୁ ଚାଲୁ ରହିଥିବା ସମୟରେ ପ୍ରସ୍ତାବିତ ପ୍ରକଳ୍ପ ପ୍ରତି ପ୍ରଭାବିତ ପରିବାର ମାନଙ୍କର ମନୋବୃତ୍ତି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ଏବଂ ଉପଲବ୍ଧି ସବୁର ଅନୁଧ୍ୟାନ ସମ୍ପର୍କରେ ପ୍ରଚେଷ୍ଟା କରାଯାଇଥିଲା । ଏଣୁ , ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧୀୟ ସେମାନଙ୍କର ମନୋବୃତ୍ତି ସବୁକୁ ଉଲ୍ଲେଖ କରାଯିବ ଉଦ୍ଦେଶ୍ୟରେ ସେମାନଙ୍କୁ ପ୍ରକଳ୍ପର ବିଭିନ୍ନ ଦିଗ ଉପରେ କେତେକ ସଂଖ୍ୟକ ପ୍ରଶ୍ନ କରାଯାଇଥିଲା । ପ୍ରଭାବିତ ଗୃହ ମାନଙ୍କର ସକରାତ୍ମକ ମନ୍ତବ୍ୟ ଏବଂ ଉତ୍ତର ସବୁକୁ ନିମ୍ନ ବିଭାଗରେ ପ୍ରଦାନ କରାଗଲା ।

**ସାରଣୀ-୫.୧ : ପ୍ରକଳ୍ପ ପ୍ରତି ପ୍ରଭାବିତ ଗୃହ ମାନଙ୍କର ସକରାତ୍ମକ ମନୋଭାବ**

| ସକରାତ୍ମକ ପ୍ରଭାବ ସମୂହ | ସମ୍ପୂର୍ଣ୍ଣ ସହମତ | ସହମତ | କୌଣସି ମତାମତ ନାହିଁ | ଅସହମତ | ସମ୍ପୂର୍ଣ୍ଣ ଅସହମତ |
|---|---|---|---|---|---|
| ପ୍ରକଳ୍ପଟି ପରିବାରକୁ ସକରାତ୍ମକ ଭାବରେ ପ୍ରଭାବିତ କରିବ | | | | ୫ | |
| ସ୍ଥାନୀୟ ବିକାଶ ପାଇଁ ଭଲ ହେବ | | ୩ | ୨ | | |
| ଫସଲ ଉତ୍ପାଦନ ବୃଦ୍ଧି କରିବ | ୧ | ୩ | ୧ | | |
| ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ | ୪ | ୧ | | | |

| | | | | | |
|---|---|---|---|---|---|
| ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ | ୧ | ୩ | ୧ | | |
| ସ୍ଥାନୀୟର ସମ୍ପତ୍ତି ମୂଲ୍ୟ ବୃଦ୍ଧି କରିବ | ୧ | ୨ | ୧ | ୧ | |
| ଅନେକ ସ୍ୱ-ମାଲିକାନା ବ୍ୟବସାୟ ସୁଯୋଗ ସୃଷ୍ଟି କରିବ | ୧ | ୨ | | ୨ | |
| ଜମିର ମୂଲ୍ୟ ବଢିବ | ୪ | ୧ | | | |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଯେତେବେଳେ ପ୍ରକଳ୍ପ ବିଷୟରେ ସକରାତ୍ମକ ପ୍ରତିଫଳନ ଦିଗରେ ପ୍ରଭାବିତ ଜନସଂଖ୍ୟାର ମନୋଭାବ ସବୁର ଅନୁଧ୍ୟାନ କରାଗଲା, ସେତେବେଳେ ଏହା ସମ୍ମୁଖକୁ ଆସିଲା ଯେ,ପ୍ରକଳ୍ପଟି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ସୁବିଧାଦାୟକ ହେବ ଏବଂ ଗମନାଗମନ ତଥା ପରିବହନର ବିକାଶ ଦିଗରେ ଏହାର ମଧ୍ୟ ପର୍ଯ୍ୟାପ୍ତଅବଦାନ ରହିବ । ଏହା ବ୍ୟତୀତ, ପ୍ରାୟ ସମସ୍ତ ଉତ୍ତରଦାତା ଆଶା କରନ୍ତି ଯେ, ପ୍ରକଳ୍ପ କାର୍ଯ୍ୟ ସଂପନ୍ନ ହେବାପରେ, ଏହି ଅଞ୍ଚଳରେ ସୁବିଧାଜନକ ଯାତାୟତର ସୁବିଧା ହେବା ଫଳରେ ଜମିବାଡ଼ିର ମୂଲ୍ୟରେ ବୃଦ୍ଧି ଘଟିବ । ଅଧିକନ୍ତୁ, ୪୦% ରୁ ଅଧିକ ପ୍ରଭାବିତ ଉତ୍ତରଦାତା ସେମାନଙ୍କ ପାଇଁ ବ୍ୟବସାୟ ଆରମ୍ଭ କରିବାର ସୁଯୋଗ ସୃଷ୍ଟି ବିଷୟରେ କୌଣସି ମତାମତ ପ୍ରଦାନ କରିନଥିଲେ ।

## ଖ) କେତେକ ନକରାତ୍ମକ ପ୍ରଭାବ ସମ୍ବନ୍ଧରେ ଅବଧାରଣା

ନିମ୍ନ ସାରଣୀରୁ ଏହା ଲକ୍ଷ୍ୟ କରାଯାଏ ଯେ, ପ୍ରଭାବିତ ଗୃହ ସମୁହ କେତେକ ନାସ୍ତିସୁଚକ ମନ୍ତବ୍ୟ ପ୍ରକଳ୍ପ ବାବଦରେ ପ୍ରଦାନ କରିଅଛନ୍ତି, ଯେଉଁଗୁଡିକୁ ସୁଧୁରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ, ନିରୀକ୍ଷଣ କଲେ ଜଣାପଡେ ଯେ, ପ୍ରକଳ୍ପ ହେତୁ ବହୁଳ ଭାବରେ ରାସ୍ତା ଦୁର୍ଘଟଣା ଏବଂ ଦଣ୍ଡନୀୟ ଅପରାଧମୂଳକ କାର୍ଯ୍ୟକ୍ରମରେ ବୃଦ୍ଧିକୁ ନେଇ ସେମାନେ ସନ୍ଦିହାନ ଅଟନ୍ତି । ପୁନଶ୍ଚ, ସେମାନେ ସମସ୍ତେ ବିଚାର କରନ୍ତି ଯେ, ପ୍ରକଳ୍ପ ହେତୁ ସେମାନଙ୍କର ଜ୍ଞାତିସମ୍ପର୍କୀୟଙ୍କସହିତ ଯୋଗାଯୋଗର ବିଚ୍ୟୁତି ସହିତ ବ୍ୟକ୍ତିଗତ ସ୍ତରରେ ଅନେକ କ୍ଷତି ହେବ ବୋଲି ସେମାନେ ବିଶ୍ୱାସ କରନ୍ତି ।

### ସାରଣୀ-୫.୨ : ପ୍ରକଳ୍ପ ହେତୁକ ପ୍ରତିକୂଳ ପ୍ରଭାବ ବିଷୟରେ ପ୍ରଭାବିତ ମାନଙ୍କର ଅବଧାରଣା ସମୂହ

| **ନକରାତ୍ମକ** ପ୍ରଭାବ ସମୁହ | ସମ୍ପୁର୍ଣ୍ଣ ସହମତ | ସହମତ | କୌଣସି ମତାମତ ନାହିଁ | ଅସହମତ | ସମ୍ପୁର୍ଣ୍ଣ ଅସହମତ |
|---|---|---|---|---|---|
| **ଅପରାଧ ବଢିବାର ସମ୍ଭାବନା ଅଛି** | | ୧ | ୨ | ୨ | |
| ପ୍ରକଳ୍ପ ହେତୁ ଗୃହର କ୍ଷତି | | | | ୫ | |
| ପ୍ରକଳ୍ପ ସ୍ଥାୟୀ ଜୀବିକା ନଷ୍ଟ କରିବ | ୧ | ୧ | ୨ | ୧ | |
| ଅପ୍ରତ୍ୟାଶିତ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରିବ | ୧ | ୩ | | ୧ | |
| ସ୍ଥାନୀୟ ଜଙ୍ଗଲକୁ ନଷ୍ଟ କରିବ | | | | | |
| ସର୍ବ ସାଧାରଣ ସମ୍ପଦ ସବୁ ନଷ୍ଟ କରିବ | ୪ | ୧ | | | |
| ଭାଇଚାରା ସମ୍ପର୍କରେ କ୍ଷତି | ୧ | ୨ | ୧ | ୧ | |

| | | | | | |
|---|---|---|---|---|---|
| ଦୁର୍ଘଟଣା ବଢ଼ିବ | | ୩ | ୧ | ୧ | |
| ସ୍ଥାନୀୟ ବ୍ୟବସାୟ ପ୍ରତି ସ୍ୱଳ୍ପ ମିଆଦି ପ୍ରଭାବ | | ୩ | ୨ | ୧ | |
| ସ୍ଥାନୀୟ ବ୍ୟବସାୟ ପ୍ରତି ଦୀର୍ଘ ମିଆଦି ପ୍ରଭାବ | | | ୨ | ୩ | |

*ସୂତ୍ର : କ୍ଷେତ୍ର ସ୍ତରୀୟ ପ୍ରାଥମିକ ତଥ୍ୟ*

ଅଧିକନ୍ତୁ, ସାରଣୀ-୫.୨ ଦର୍ଶାଏ ଯେ, ପ୍ରକଳ୍ପ ହେତୁକ ପ୍ରତିକୁଳ ପ୍ରଭାବ କ୍ଷେତ୍ରରେ ଅଧିକାଂଶ ପ୍ରଭାବିତ ଗୃହ ସମୁହ କେତେକ ମନ୍ତବ୍ୟ ଯଥା: ପ୍ରକଳ୍ପ ହେତୁ ସର୍ବସାଧାରଣ ସମ୍ପଦର ହାନି, ଗୃହପାଳିତ ପଶୁମାନଙ୍କର ଦୁର୍ଘଟଣାରେ ବୃଦ୍ଧି କ୍ଷେତ୍ରରେ ସେମାନେ ନକରାତ୍ମକ ମନ୍ତବ୍ୟ ରଖନ୍ତି ।

ଏହା ବ୍ୟତୀତ ଅଧିଗ୍ରହଣ ହେତୁ ପ୍ରଭାବିତ ପରିବାର ସମୁହ ତଥା ଅଣପ୍ରଭାବିତ ପରିବାର ସମୁହ ଯେଉଁମାନେ କେନ୍ଦ୍ରିତ ଦଳଗତ ଆଲୋଚନାରେ ଭାଗନେଇ ସେମାନଙ୍କର ମତ ରଖିଥିଲେ, ସେମାନେ ଏହି କ୍ଷେତ୍ରରେ ପ୍ରକଳ୍ପ ପ୍ରତି ସେମାନଙ୍କର ସକରାତ୍ମକ ମନ୍ତବ୍ୟ ଦେଇ ପ୍ରକାଶ କରିଥିଲେ ଯେ, ଏହା କେତେକ ବ୍ୟବସାୟିକ ସୁଯୋଗର ପରିସର ସୃଷ୍ଟି କରିବ, ସ୍ଥାନୀୟ ଅର୍ଥନୀତିରେ ବୃଦ୍ଧି ଘଟାଇବ, ଗମନାଗମନ ଏବଂ ପରିବହନ କ୍ଷେତ୍ରରେ ବିକାଶ ଘଟାଇବ ଏବଂ ବିକ୍ରୟ ଯୋଗ୍ୟ ଜମି ସବୁର ମୂଲ୍ୟ ବୃଦ୍ଧି ଘଟାଇବ। ଅନ୍ୟ ପକ୍ଷରେ ସେମାନଙ୍କର ଆଶଙ୍କା ମଧ୍ୟ ଥିଲା ଯେ, ପ୍ରସ୍ତାବିତ ପ୍ରକଳ୍ପ ହେତୁ, ବାୟୁ ପ୍ରଦୁଷଣ ଜନିତ ସ୍ୱାସ୍ଥାବସ୍ଥାଜନିତସମସ୍ୟା ଏବଂ ଅଧିକ ଯାନବାହନର ଚଳପ୍ରଚଳ ହେତୁ ଉଭୟ ମଣିଷ ତଥା ବୁଲା ଗୋରୁଗାଈ ମାନଙ୍କ କ୍ଷେତ୍ରରେ ଦୁର୍ଘଟଣାର ଏକ ପ୍ରମୁଖ କାରଣ ସାଜିବ ।

## ୫.୯. କେନ୍ଦ୍ରିତ ଦଳଗତ ଆଲୋଚନାର ସିଦ୍ଧାନ୍ତ ସମୁହ

ପ୍ରକଳ୍ପ ହେତୁକ ପ୍ରଭାବ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ପ୍ରକଳ୍ପ ଅଞ୍ଚଳରେ କେନ୍ଦ୍ରିତ ଦଳଗତ ଆଲୋଚନାର ଆୟୋଜନ କରାଯାଇଥିଲା, ଯେଉଁଥିରେ ଉଭୟ ପ୍ରଭାବିତ ଏବଂ ଅଣପ୍ରଭାବିତ ଜନସାଧାରଣ ଭାଗ ନେଇଥିଲେ ଉକ୍ତ ଆଲୋଚନାରୁ ଉଦ୍ଧୃତ ସିଦ୍ଧାନ୍ତ ସବୁର ନିମ୍ନରେ ବର୍ଣ୍ଣନା କରାଗଲା ।

- ପ୍ରାୟ ସମସ୍ତ ଅଂଶଗ୍ରହଣକାରୀ ପ୍ରକଳ୍ପ ସମ୍ପର୍କରେ ସଚେତନ ଥିଲେ । ସମସ୍ତଙ୍କର ଗୋଟିଏ ସାଧାରଣ ଅନୁଭବ ଥିଲା ଯେ, ରାଜ୍ୟ ସରକାର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ସର୍ବ ଭାରତୀୟ ଭେଷଜ ବିଜ୍ଞାନ ସଂସ୍ଥା ସହିତ ସମକକ୍ଷ କରି ଗଢ଼ିତୋଳିବାର ପ୍ରୟାସ କରୁଅଛନ୍ତି । ଏହି କ୍ରମରେ ରୋଗୀମାନଙ୍କର ଉକ୍ତ ଚିକିତ୍ସାଳୟକୁ ନିରାପଦ ତଥା ଯଥାଶୀଘ୍ର ଯାତାୟାତ ଜନିତ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ଉକ୍ତ ପ୍ରଚେଷ୍ଟାଟିକୁ ଜାରି ରଖିଅଛନ୍ତି ।
- କେତେକ ନ୍ୟସ୍ତ ସ୍ୱାର୍ଥ ଥିବା ସତ୍ତ୍ୱେ ବହୁଳ ସଂଖ୍ୟକ ପ୍ରଭାବିତ ଗୃହ ସମୂହ ଏହି ପ୍ରକଳ୍ପଟିକୁ ସମର୍ଥନ କରନ୍ତି ଆବଂ ଅଣ ପ୍ରଭାବିତମାନେ ମଧ୍ୟ ଉକ୍ତ ମହତ ଉଦ୍ଦେଶ୍ୟ ପ୍ରତି ସେମାନଙ୍କର ସମର୍ଥନ ଥିବାର ସ୍ୱୀକାର କରନ୍ତି ।

- ଆଲୋଚନା କାଳରେ ଅଂଶଗ୍ରହଣକାରୀ ମାନେ ପୁନଶ୍ଚ ଦର୍ଶାନ୍ତି ଯେ, ଯେଉଁମାନେ ସେମାନଙ୍କର ବ୍ୟକ୍ତିଗତ ଭୂମି ଏବଂ ଗୃହ ହରାଇବାକୁ ଯାଉଅଛନ୍ତି ସେମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାର ଆବଶ୍ୟକତା ରହିଛି ଏବଂ ଯେଉଁ ପରିବାରମାନେ ସେମାନଙ୍କର ଜୀବିକା, ଉକ୍ତ ପ୍ରକଳ୍ପ ହେତୁ ହରାଇବାକୁ ଯାଉଅଛନ୍ତି ସେମାନଙ୍କୁ ସେମାନଙ୍କର ରୋଜଗାର ସୁଯୋଗ ସବୁକୁ ପୋଷଣୀୟ କରି ଗଢିତୋଳିବା ଉଦ୍ଦେଶ୍ୟରେ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବା ଉଚିତ ।
- ଆଲୋଚନା ପ୍ରକ୍ରିୟା ସମୟରେ ଏହା ପ୍ରକାଶ ପାଇଛି ଯେ ପ୍ରସ୍ତାବିତ ରାସ୍ତା ପାଖରେ କିଛି ଛୋଟ ବାଣିଜ୍ୟ କାର୍ଯ୍ୟକଳାପ ଅନୁସରଣ କରୁଥିବା କିଛି ଲୋକଙ୍କୁ ଏହି ପ୍ରକଳ୍ପ ହେତୁ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ସ୍ଥାନାନ୍ତର କରିବାକୁ ପଡିବ | ସେଥିପାଇଁ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କର ଛୋଟ ବାଣିଜ୍ୟ କାର୍ଯ୍ୟକଳାପ ପାଇଁ ଏକ ଭେଣ୍ଡିଂ ଜୋନ୍ ଦାବି କରନ୍ତି |
- ଏହି ପ୍ରକଳ୍ପ ପାଇଁ ହେଉଥିବା ଜମିଅଧିଗ୍ରହଣ ହେତୁ ଏକ ଧାର୍ମିକ ପୀଠ (ଗଣେଶ ମନ୍ଦିର) ପ୍ରଭାବିତ ହେବ ବୋଲି ଅଂଶଗ୍ରହଣକାରୀ ମାନେ ମତପ୍ରଦାନ କରିଥିଲେ ।
- ନିକଟବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ସୁବିଧାର ଉପଲବ୍ଧତା ବିଷୟରେ ସେମାନେ ମତ ପ୍ରକାଶ କରିଥିଲେ ଯେ, ସେମାନଙ୍କର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଅବସ୍ଥିତ ଏବଂ ଏହି କାରଣରୁ ଅନେକ ଔଷଧ ଦୋକାନ ଏବଂ ଛୋଟଛୋଟ ଚିକିତ୍ସାକେନ୍ଦ୍ର ଉକ୍ତ ଅଞ୍ଚଳରେ ବିଦ୍ୟମାନ ଅଟେ ।
- ଉକ୍ତ ଅଞ୍ଚଳରେ ସାଧାରଣ ରୋଗ ହିସାବରେ ମଧୁମେହ, ରକ୍ତଚାପ ଆଦି ରୋଗ ଦେଖାଯାଏ ।
- ସେମାନଙ୍କ ମତରେ, ସ୍ଥାନୀୟ ଅଞ୍ଚଳରେ ସାକ୍ଷରତା ହାର ୮୦-୯୦% ଅଟେ ।
- ନିଯୁକ୍ତି ସୁଯୋଗ ବାବଦରେ ଦଳ ମତ ପ୍ରଦାନ କରିଥିଲା ଯେ, ସ୍ଥାନୀୟ ଅଞ୍ଚଳର ପ୍ରାୟ ସମସ୍ତ ଜନସାଧାରଣ କୌଣସି ପ୍ରକାରର କାର୍ଯ୍ୟରେ ନିଯୁକ୍ତ ଅଛନ୍ତି, କାରଣ ଏହି ଅଞ୍ଚଳରେ ନିଯୁକ୍ତି ସୁଯୋଗର ସ୍ଥିତି ପର୍ଯ୍ୟାପ୍ତ ଅଟେ କିନ୍ତୁ ଉକ୍ତ ଅଞ୍ଚଳରେ ବାଳଶ୍ରମିକ ପ୍ରଥାର ଅଭ୍ୟାସ ପ୍ରାୟତଃ ଦେଖାଯାଇ ନଥାଏ ।
- ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଏକ ବ୍ୟବସାୟିକ ଢାଞ୍ଚା ପ୍ରଭାବିତ ହେବ, ପ୍ରକଳ୍ପ ଅଞ୍ଚଳରେ କୌଣସି ପ୍ରକାରର ବାସଗୃହ ପ୍ରଭାବିତ ହେଉନାହିଁ କିନ୍ତୁ ନିକଟବର୍ତ୍ତୀ ଅଞ୍ଚଳରେ କେତେକ ଅସ୍ଥାୟୀ କ୍ଷୁଦ୍ର ବ୍ୟବସାୟ ସମୁହ ସ୍ଥାନାନ୍ତରିତ ହୋଇପାରେ ।
- ପ୍ରକଳ୍ପ ହେତୁକ ସୁବିଧା ସୁଯୋଗ ପ୍ରାପ୍ତି ସମ୍ପର୍କରେ ପ୍ରଭାବିତ ପରିବାରମାନେ ସେମାନଙ୍କର ଜମି/ ସମ୍ପଦର ଅଧିଗ୍ରହଣ ହେତୁ ଉଚ୍ଚ ଧାରଣର ଅର୍ଥନୈତିକ ସୁବିଧା ପ୍ରାପ୍ତିର ଆଶା ରଖନ୍ତି, କାରଣ ପ୍ରକଳ୍ପ ଅଞ୍ଚଳରେ ଉକ୍ତ ସମ୍ପଦ ସବୁର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।
- ପ୍ରକଳ୍ପ ଅଞ୍ଚଳରେ କୌଣସି ସକ୍ରିୟ ସାମାଜିକ ଅନୁଷ୍ଠାନର ଉପସ୍ଥିତି ବିଷୟରେ କୌଣସି ଅଂଶଗ୍ରହଣକାରୀ କିଛି ବି ମତ ପ୍ରଦାନ କରିପାରିନଥିଲେ ।

- ପ୍ରକଳ୍ପ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ନିଯୁକ୍ତି ବିଷୟରେ ସେମାନେ ମତ ଦେଇଥିଲେ ଯେ, ଉକ୍ତ ଅଞ୍ଚଳର ନିକଟବର୍ତ୍ତୀ ବସ୍ତି ଅଞ୍ଚଳର ବସ୍ତିବାସିନ୍ଦା ମାନେ ଉକ୍ତ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି ।

## ୫.୧୦. କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାର ମାନଙ୍କର ଆଶା ଏବଂ ପସନ୍ଦ ସମୂହ

ପ୍ରକଳ୍ପ ପ୍ରଭାବିତ ପରିବାର ସମୂହ, ସେମାନଙ୍କର ଗୃହ ଏବଂ ଜମିଜନିତ କ୍ଷତି ହେତୁ ସହାୟତା ଗ୍ରହଣ ପାଇଁ ରାଜି ଅଟନ୍ତି । ଏହି ପରିପ୍ରେକ୍ଷୀରେ, ସେମାନଙ୍କୁ ସେମାନଙ୍କର ପସନ୍ଦ ବିଷୟରେ ପ୍ରଶ୍ନ କରାଯାଇଥିଲା । ପ୍ରକଳ୍ପ ସହାୟତା ବିଷୟରେ ସମସ୍ତ ପ୍ରଭାବିତ ଗୃହ ସମୂହ ପ୍ରଚଳିତ ବଜାର ଦର ଆଧାରରେ ସେମାନଙ୍କର କ୍ଷତି ହେବାକୁ ଯାଉଥିବା ସମ୍ପଦ ପରିବର୍ତ୍ତେ ଆର୍ଥିକ କ୍ଷତିପୂରଣ ସପକ୍ଷରେ ମତ ପ୍ରଦାନ କରିଅଛନ୍ତି । ଉକ୍ତ ପସନ୍ଦ ବ୍ୟତୀତ, ପ୍ରଭାବିତ ପରିବାର ମାନଙ୍କଠାରୁ ଅନ୍ୟ କୌଣସି ପସନ୍ଦ ବିଷୟରେ କିଛିହେଲେ ସୂଚନା ପ୍ରାପ୍ତ ହୋଇନାହିଁ । ଅଧିକନ୍ତୁ, ପ୍ରାୟ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାର  ମାନଙ୍କର ପ୍ରସ୍ତାବିତ ପ୍ରକଳ୍ପ ସପକ୍ଷରେ ସହମତି ପ୍ରକାଶ କରିଅଛନ୍ତି ।

## ୫.୧୧. ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଲକ୍ଷ୍ୟରେ,ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା-୪ ଓ ଉପଧାରା-୫ ଅନୁଯାୟୀ ଗୋଟିଏ ପ୍ରକଳ୍ପର ପ୍ରତିକୁଳ ପ୍ରଭାବ ସବୁର ଲଘୁକରଣ ଉଦ୍ଦେଶ୍ୟରେ ଆବଶ୍ୟକୀୟ ପଦକ୍ଷେପ ସବୁର କାର୍ଯ୍ୟକାରୀ ପାଇଁ କିଛି ଉନ୍ନତିକାରକ ପଦକ୍ଷପ ସବୁକୁ ତାଲିକାଭୁକ୍ତ କରି ଗୋଟିଏ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ, ପ୍ରସ୍ତାବିତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାପାଇଁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଏବଂ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣଙ୍କର ଜୀବନଜୀବିକାକୁ ପ୍ରଭାବିତ କରିବାକୁ ଯାଉଥିବା ସମ୍ଭାବ୍ୟ ବିଷୟ ସବୁର ଚିହ୍ନଟ ଉଦ୍ଦେଶ୍ୟରେ ସଂରଚନା କରାଯାଇଥାଏ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଉକ୍ତ ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ, ଯାହାକି ପ୍ରକଳ୍ପ ହେତୁକ ପ୍ରତିକୁଳ ପ୍ରଭାବ ସବୁର ଲଘୁକରଣ କିମ୍ବା ସମାଧାନ ଉଦ୍ଦେଶ୍ୟରେ ପ୍ରକୃଷ୍ଟ ରକ୍ଷଣାତ୍ମକ ଏବଂ ପ୍ରତିଷେଧକ ପଦକ୍ଷେପ ସହିତ ଆବଶ୍ୟକୀୟ ଆର୍ଥିକ ଆକଳନର ବ୍ୟବସ୍ଥା ସହିତ ଯଥା ସମୟରେ ପ୍ରାକ ଚୟନକୃତ ସଂସ୍ଥା ମାଧ୍ୟମରେ କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ । ଉପସ୍ଥିତ କଟକ ଜିଲ୍ଲା ସଦର ତହସିଲ ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳରେ ଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ଲକ୍ଷ୍ୟରେ ପ୍ରସ୍ତାବିତ ରାସ୍ତା ନିର୍ମାଣ ପ୍ରକଳ୍ପ ସଂକ୍ରାନ୍ତୀୟ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କ୍ଷେତ୍ରରେ ନିୟୋଚିତ କ୍ଷତିପୁରଣ ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଏବଂ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ର ମାର୍ଗଦର୍ଶିକା ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଅଛି । ନିମ୍ନରେ ଉକ୍ତ ପ୍ରକଳ୍ପର କାର୍ଯ୍ୟକଳାପ ଅନୁଯାୟୀ ପ୍ରଭାବ ଏବଂ ସେଗୁଡିକର ଲଘୁକରଣ ଉଦ୍ଦେଶ୍ୟରେ ପ୍ରସ୍ତାବିତ ପଦକ୍ଷେପ ସବୁର ବିଶ୍ଳେଷଣ ପ୍ରଦାନ କରାଯାଇଅଛି ।

## ପ୍ରକଳ୍ପ କାର୍ଯ୍ୟକଳାପ-୧ : ଜମି ଅଧିଗ୍ରହଣ

ପ୍ରଭାବ : ଜମି ଏବଂ ଜମିରେ ଥିବା ସମ୍ପଦ ସବୁରୁ ଆୟ ଜନିତ କ୍ଷତି ।

ପ୍ରସ୍ତାବିତ ଲଘୁକରଣ ପଦକ୍ଷେପ ସମୂହ

- ଅଧିଗୃହୀତ ଜମି ପାଇଁ ସ୍ୱଚ୍ଛ ତଥା ନ୍ୟାୟୋଚିତ କ୍ଷତିପୁରଣ
- ସଠିକ ସତ୍ୟାପନ ସହିତ ତ୍ୱରିତ କ୍ଷତିପୁରଣ ପ୍ରଦାନ
- ନିର୍ମାଣ ସ୍ଥଳର ଅବଶିଷ୍ଟାଂଶରୁ ମାଟି, ଗୋଡି. ଆବର୍ଜନା ଆଦି ସଫାକରି ଜନସାଧାରଣଙ୍କର ଗମନାଗମନ ଉଦ୍ଦେଶ୍ୟରେ ସଂରକ୍ଷଣ
- କ୍ଷୁଦ୍ର ବ୍ୟବସାୟୀ ମାନଙ୍କର ଜୀବିକାର ସଂରକ୍ଷଣ ପାଇଁ ସହାୟତାର ବ୍ୟବସ୍ଥା

ଦାୟିତ୍ୱ : ରାସ୍ତା ପ୍ରକଳ୍ପର ପ୍ରକଳ୍ପ ପରିଚାଳନା ଗୋଷ୍ଠୀ

## ପ୍ରକଳ୍ପ କାର୍ଯ୍ୟକଳାପ-୨ : ନିର୍ମାଣ କାର୍ଯ୍ୟ

ପ୍ରଭାବ : ନିଯୁକ୍ତି ସୁଯୋଗ ଏବଂ ସ୍ଥାନୀୟ ବ୍ୟବସାୟ ପାଇଁ ସୁଯୋଗ ।

ପ୍ରସ୍ତାବିତ ଲଘୁକରଣ ପଦକ୍ଷେପ ସମୂହ :

- ସ୍ଥାନୀୟ ଆଧାର ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ : ଏହାର ଅଂଶବିଶେଷ ଭାବରେ ସ୍ଥାନୀୟ ସ୍ତରରେ ନିଯୁକ୍ତି ଏବଂ ସଂଗ୍ରହ ପରିଚାଳନା ଯୋଜନା । ଉକ୍ତ ଯୋଜନାଟି ସହିତ ଯୋଗ୍ୟ ଅଂଶୀଦାର, ସରକାରୀ କର୍ମକର୍ତ୍ତା ଏବଂ ସ୍ଥାନୀୟ ଅଧିବାସୀମାନଙ୍କ ସହିତ ବିଚାରବିମର୍ଷକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ। ନିଯୁକ୍ତି କୌଶଳରେ ସୁନିଶ୍ଚିତ କରାଇବାକୁ ହେବ ଯେ, ଯଥାସମ୍ଭବ ସ୍ଥାନୀୟ ଅଞ୍ଚଳର ନିଯୁକ୍ତିର ସଂଖ୍ୟା ସର୍ବାଧିକ ଅଟେ ।
- ସମୟ ବ୍ୟବଧାନରେ ଉଭୟ ପ୍ରଭାବିତ ଏବଂ ଅଣପ୍ରଭାବିତ ପରିବାରର ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବାକୁ ହେବ, ଏହା ସହିତ ସ୍ଥାନୀୟ ଠିକାଦାରୀ ସମ୍ବନ୍ଧୀୟ ବ୍ୟବସାୟିକ ସୁଯୋଗ ଥିବା ସଂସ୍ଥା ମାନଙ୍କୁ ମଧ୍ୟ ସମ୍ପୃକ୍ତ କରିବାକୁ ହେବ ।

ଦାୟିତ୍ୱ : ପ୍ରକଳ୍ପ ପରିଚାଳନା ଗୋଷ୍ଠୀ ଏବଂ ଭଡାରେ ନିଯୁକ୍ତ ଅଂଶୀଦାର ସମୂହ

## ପ୍ରକଳ୍ପ କାର୍ଯ୍ୟକଳାପ-୩ : ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟକଳାପ, ନିର୍ମାଣ ସାମଗ୍ରୀ ପରିବହନ

ପ୍ରଭାବ : ଯାତାୟାତ ସମସ୍ୟା ଏବଂ ଦୁର୍ଘଟଣା ତଥା ଉଭୟ ମଣିଷ ଏବଂ ପଶୁ ମାନଙ୍କର ଶାରୀରିକ କ୍ଷତିର ବୃଦ୍ଧି ।

ପ୍ରସ୍ତାବିତ ଲଘୁକରଣ ପଦକ୍ଷେପ ସମୂହ :

- ଗୋଟିଏ ଯାତାୟାତ ସମ୍ବନ୍ଧୀୟ ପରିଚାଳନା ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ: ଏଥିପାଇଁ ପଦକ୍ଷେପ ସବୁ ଗ୍ରହଣ କରାଯିବା ଉଚିତ, ଯେପରି କି ନିର୍ମାଣ ସାମଗ୍ରୀ ଏବଂ ଶ୍ରମିକ ମାନଙ୍କର ଗମନାଗମନ ତଥା ପରିବହନ ଜନିତ ସମସ୍ୟା ସର୍ବନିମ୍ନ ହେବ ।

- ଯେକୌଣସି ପ୍ରକାରର ବ୍ୟବହୃତ ପ୍ରକଳ୍ପ ଯାନ ଚାଳନା କରୁଥିବା କର୍ମଚାରୀ ମାନଙ୍କର ପ୍ରାକ ତାଲିମ ଶେଷ ହୋଇଥିବା ବିଷୟର ସୁନିଶ୍ଚିତ କରାଇବା ।
- ଯାତାୟାତ ସହିତ ସମ୍ପୃକ୍ତ ସଙ୍କଟ ସବୁ ବିଷୟରେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ସଚେତନତାର ବୃଦ୍ଧି ନିମିତ୍ତ ସ୍ଥାନୀୟ ଅଂଶୀଦାର ମାନଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗର ଅନୁସନ୍ଧାନ କରିବାକୁ ହେବ ।
- ନିରାପତ୍ତା କର୍ମଚାରୀ ମାନଙ୍କ ପାଇଁ ପ୍ରକୃଷ୍ଟ ତାଲିମ ବ୍ୟବସ୍ଥା ଏବଂ ସଦାସର୍ବଦା ତାଲିମ ଅନୁଯାୟୀ କାର୍ଯ୍ୟାନ୍ୱୟନର ତଦାରଖ ।
- ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ। ଏଥିରେ ବର୍ଜ୍ୟ ସାମଗ୍ରୀ ସବୁର ପରିଚାଳନା ଏବଂ ନଷ୍ଟ କରିବାର କାର୍ଯ୍ୟଧାରାର ବ୍ୟବସ୍ଥା କରିବାକୁ ଧ୍ୟାନ ଦେବାକୁ ହେବ ।

ଦାୟିତ୍ୱ : ନିର୍ମାଣ ପାଇଁ ନିଯୁକ୍ତ କମ୍ପାନୀ ଏବଂ ନିର୍ମାଣ ସ୍ଥଳରେ ରହିଥିବା ପ୍ରକଳ୍ପ କର୍ମଚାରୀ ଗୋଷ୍ଠୀ ।

## ପ୍ରକଳ୍ପ କାର୍ଯ୍ୟକଳାପ- ୪ : ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହୃତ ଭାରି ଯନ୍ତ୍ରପାତିର ଚାଳନା

<u>ପ୍ରସ୍ତାବିତ ଲଘୁକରଣ ପଦକ୍ଷେପ ସମୂହ</u> :

- ଆବଶ୍ୟକୀୟ କମ୍ପ୍ରେସର ଏବଂ କ୍ଷୁଦ୍ର ଉପକରଣ ସବୁର ସୁରକ୍ଷା ପାଇଁ ପରିବହନକ୍ଷମ ପ୍ରତିବନ୍ଧକ ସବୁର ସ୍ଥାପନ ।
- ଶବ୍ଦ ନିୟନ୍ତ୍ରକ ଯନ୍ତ୍ରାଂଶ ଯୁକ୍ତ ଉପକରଣ ସବୁର ବ୍ୟବହାର ।
- ପରିବହନକାରୀ ଟ୍ରକ ଏବଂ କ୍ଷୁଦ୍ର ଉପକରଣ ସବୁକୁ ସର୍ବନିମ୍ନ କର୍ମବିରତି ସମୟ ମଧ୍ୟରେ ସୀମିତ କରିବା ଏବଂ ଯାନ ବ୍ୟବହାର କ୍ଷେତ୍ରରେ ସାଧାରଣ ଜ୍ଞାନ ସବୁର ପାଳନ ଏବଂ ଅନାବଶ୍ୟକ ସମୟରେ ଯାନ ସବୁର ଇଞ୍ଜିନକୁ ବନ୍ଦ ରଖିବା ।
- କର୍ମଚାରୀ ଏବଂ ଶ୍ରମିକ ମାନଙ୍କ ପାଇଁ ସଠିକ ସୁରକ୍ଷା ପ୍ରଦାନକାରୀ ଉପକରଣ ସବୁର ବ୍ୟବସ୍ଥା।
- ମୁଖ୍ୟତଃ ଦିନବେଳା ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ଆବଶ୍ୟକ ।
- ଶ୍ରମିକ ଭିତ୍ତିକ ନିର୍ମାଣ ପ୍ରଣାଳୀ ଉପରେ ଗୁରୁତ୍ୱ ପ୍ରଦାନ ।

ଦାୟିତ୍ୱ : ଜମି ଆବଶ୍ୟକ କରୁଥିବା ସଂସ୍ଥା, ନିର୍ମାଣ ପାଇଁ ନିଯୁକ୍ତ କମ୍ପାନୀ ଏବଂ ପ୍ରକଳ୍ପ ସ୍ଥଳରେ ରହୁଥିବା କର୍ମଚାରୀ ଗୋଷ୍ଠୀ ।

## ପ୍ରକଳ୍ପ କାର୍ଯ୍ୟକଳାପ- ୫ : ନିର୍ମାଣ କାର୍ଯ୍ୟକଳାପ ସମୂହ

ପ୍ରଭାବ : ସ୍ଥାନୀୟ କୁଶଳୀ ଶ୍ରମଶକ୍ତିର ହ୍ରାସ ହେତୁ ଏବଂ ବାହ୍ୟ ଶ୍ରମଶକ୍ତି ଦ୍ୱାରା ବର୍ଦ୍ଧିତ ନିଶା ସାମଗ୍ରୀର ବ୍ୟବହାର ସ୍ଥାନୀୟ ଅଧିବାସୀ ମାନଙ୍କର ସାମାଜିକ ଜୀବନଚର୍ଯ୍ୟା ପ୍ରତି ସମସ୍ୟା ସୃଷ୍ଟି କରିପାରେ ।

ପ୍ରସ୍ତାବିତ ଲଘୁକରଣ ପଦକ୍ଷେପ ସମୁହ :

- ଶ୍ରମଶକ୍ତି ପାଇଁ ଆଚରଣ ସଂହିତାର ବିକାଶ ଏବଂ କାର୍ଯ୍ୟାନ୍ୱୟନ ଯାହାକି, ଅସାମାଜିକ ବ୍ୟବହାର ଏବଂ ନିଶାସେବନ ଭଳି ସମସ୍ୟାର ନିୟନ୍ତ୍ରଣ ଏବଂ ସମାଧାନ କରିପାରିବ ।
- ସ୍ଥାନୀୟ ଆଧାର ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ ସ୍ଥାନୀୟ ନିୟୋଜନ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମୁହର ବ୍ୟବସ୍ଥା ଜନିତ ଏକ ପ୍ରମୁଖ ବିଷୟବସ୍ତୁ ହେବା ଆବଶ୍ୟକ ।

ଦାୟିତ୍ୱ : ଜମି ଆବଶ୍ୟକ କରୁଥିବା ସଂସ୍ଥା, ନିର୍ମାଣ ପାଇଁ ନିଯୁକ୍ତ କମ୍ପାନୀ ଏବଂ ନିର୍ମାଣ ସ୍ଥଳୀରେ ରହୁଥିବା କର୍ମଚାରୀ ଗୋଷ୍ଠୀ ।

## ୫.୧୨. ସାମାଜିକ ପ୍ରଭାବ ପରିଚାଳନା ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ସଂସ୍ଥାଗତ ବ୍ୟବସ୍ଥା

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ମୁଖ୍ୟତଃ ପ୍ରତିକୁଳ ପ୍ରଭାବ ସବୁର ଲଘୁକରଣ, ଉପଯୁକ୍ତ ଉନ୍ନତିକାରକ ଯୋଜନା ସବୁର ଜରିଆରେ କାର୍ଯ୍ୟକାରୀ ହୋଇଥାଏ। ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ ଲକ୍ଷ୍ୟରେ ସ୍ୱଚ୍ଛତା ଆଇନ, ୨୦୧୩ ଏବଂ ଓଡିଶା ସରକାରଙ୍କ ଦ୍ୱାରା ପରିବର୍ତ୍ତିତ ନିୟମ, ୨୦୧୬ ବ୍ୟବସ୍ଥାନୁଯାୟୀ, ପ୍ରଭାବିତ ପରିବାର ଏବଂ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ ସାମଗ୍ରିକ ଭାବରେ ବିଭିନ୍ନ ସ୍ତରରେ ସଂସ୍ଥାଗତ ବ୍ୟବସ୍ଥାପାଇଁ ସୁପାରିଶ କରାଯାଇଅଛି। ପୁନର୍ବାସ ଓ ଥାଇଥାନର ମୁଖ୍ୟ ହିସାବରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ଉପଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ପ୍ରକଳ୍ପ ପ୍ରଶାସକ, ସାମଗ୍ରିକ ଭାବରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାସ୍ତରୀୟ ପୁନର୍ବାସ ଓ ଥଇଥାନ ସମିତି ତଥା ରାଜ୍ୟସ୍ତରୀୟ ପୁନର୍ବାସ ଓ ଥଇଥାନ ପର୍ଯ୍ୟାଲୋଚକ ସମିତି, ପ୍ରକଳ୍ପର ଉପଯୁକ୍ତ କାର୍ଯ୍ୟକାରିତା ସହିତ ସମ୍ପୃକ୍ତ କ୍ଷତିପୁରଣ ପ୍ରଦାନ, ପୁନର୍ବାସ ଓ ଥଇଥାନ ସମ୍ପର୍କୀୟ ନିୟୋଚିତ ପ୍ରାପ୍ୟରେ ବିତରଣ କାର୍ଯ୍ୟର ସୁଗମ, ପ୍ରଭାବିତ ପରିବାରମାନଙ୍କ ପାଇଁ ସୃଷ୍ଟ ବିବାଦର ତ୍ୱରିତ ସମାଧାନ ଏବଂ ଅଭିଯୋଗ ଶୁଣାଣି କାର୍ଯ୍ୟ ସମ୍ପାଦନା କରିବାର ବ୍ୟବସ୍ଥା ମଧ୍ୟ ରହିଛି। ଏସବୁ ସହାୟତା ଛଡ଼ା, ଅଣସରକାରୀ ଅନୁଷ୍ଠାନ ସମୁହ, ସ୍ୱାଧୀନ ମୁଲ୍ୟାୟନକାରୀ ସଂସ୍ଥା, ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସହାୟତା ପ୍ରଦାନକାରୀ ଉପଦେଷ୍ଟା ମାନଙ୍କର ପ୍ରକଳ୍ପର ଉପଯୁକ୍ତ ପର୍ଯ୍ୟାଲୋଚନା ପାଇଁ ଏବଂ ଜିଲ୍ଲାସ୍ତରୀୟ ପୁନର୍ବାସ ଏବଂ ଥଇଥାନ ସମିତି ଦ୍ୱାରା ସୁପାରିଶ ଅନୁଯାୟୀ କାର୍ଯ୍ୟକଳାପ ସବୁର ଅଗ୍ରଗତି ହାସଲରେ ସୁନିଶ୍ଚିତ କରାଇବାପାଇଁ ବ୍ୟବସ୍ଥା ସବୁ ମଧ୍ୟ ରହିଛି। ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ମୂଲ୍ୟାୟନ ତଥା ପର୍ଯ୍ୟାଲୋଚନା ନିଶ୍ଚିତ ଭାବରେ ବିବରଣୀରେ ବର୍ଣ୍ଣିତ ଉନ୍ନୟନ ମୂଳକ ପଦକ୍ଷେପ ସବୁର କାର୍ଯ୍ୟକାରିତାର ସଫଳତା କ୍ଷେତ୍ରରେ ସୁଯୋଗ ପ୍ରଦାନ କରିବା ବୋଲି ଆଶା କରାଯାଉଅଛି ।

*********

# ଅଧ୍ୟାୟ-୬

## ଜନଶୁଣାଣୀର ବିବରଣୀ

ନ୍ୟାୟୋଚିତ କ୍ଷତିପୂରଣ ଅଧୀକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥାଇଥାନରେ ସ୍ୱଚ୍ଛତା ଆଇନ-୨୦୧୩ ଅନୁଯାୟୀ, ପ୍ରଭାବିତ ପରିବାରର ମତାମତ ଜାଣିବା ପାଇଁ ଜନ ଶୁଣାଣି କରାଯାଇଥାଏ, ଯାହା ରେକର୍ଡ କରାଯାଇ ଅନ୍ତିମ ସାମାଜିକ ପ୍ରଭାବ ଆକଳନ ରିପୋର୍ଟରେ ଅନ୍ତର୍ଭୁକ୍ତ ହେବ । ଏହି ପରିପ୍ରେକ୍ଷୀରେ, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିଠି ତା ୧୭.୦୪.୨୦୨୩ ରିଖର ଅନୁଯାୟୀ କଟକ ଜିଲ୍ଲାର ତାଳଦଣ୍ଡା କେନାଲର ଦକ୍ଷିଣପଟ ବନ୍ଧରେ ଚେନଜ ୧/୫୫୦ କି.ମି.ଠାରୁ ଚେନଜ ୩/୦୭୦ କି.ମି. ମଧ୍ୟସ୍ଥ ବର୍ତ୍ତମାନର ରାସ୍ତାକୁ ଦୃଢ ଏବଂ ପ୍ରଶସ୍ତିକରଣ କରିବା ପାଇଁ ସଦର ତହସିଲ ଅନ୍ତର୍ଗତ ୟୁନିଟ-୨୩, ସାମନ୍ତସାହି ଓ ୟୁନିଟ-୩୩, ବିଶିନବର ଅଞ୍ଚଳ ରୁ ୦.୦୯୯୦ ଏକର ଜମି ଅଧିଗ୍ରହଣ ସଂପର୍କରେ ଚିଠା ବିବରଣୀ(ଡ୍ରାଫ୍ଟ ରିପୋର୍ଟ) ଦାଖଲ କରିବା ପରେ ଏକ ଜନଶୁଣାଣି ସଭା ଅନୁଷ୍ଠିତ ହୋଇଥିଲା । ଜମି ଅଧିଗ୍ରହଣ ସଂପର୍କରେ ଜନ ଶୁଣାଣି, ସଂପୃକ୍ତ ଅଧିକାରୀଙ୍କ ପାଇଁ ପ୍ରସ୍ତାବିତ କେନାଲ ରାସ୍ତା ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ଏହା ପ୍ରକଳ୍ପର ବିଭିନ୍ନ ଦାବି, ଆପତ୍ତି ଏବଂ ଅଭିଯୋଗକୁ ବୁଝାଇବା ପ୍ରକ୍ରିୟାକୁ ସହଜ କରିବା ଉଦ୍ଦେଶ୍ୟରେ ବିବେଚନା କରାଯାଏ ।

**ଜନଶୁଣାଣୀ ବିବରଣୀ**
**ସ୍ଥାନ: ଅରବିନ୍ଦ ସ୍କୁଲ (ମାତୃଭବନ), ଛତ୍ରବଜାର, କଟକ**
**ତାରିଖ: ୨୩ ଅଗଷ୍ଟ, ୨୦୨୩**
**ସମୟ: ପୂର୍ବାହ୍ନ ୧୧. ୩୦ ଘଟିକା**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିଠି ତା ୧୭.୦୪.୨୦୨୩ ରିଖର ଅନୁଯାୟୀ କଟକ ଜିଲ୍ଲାର ତାଳଦଣ୍ଡା କେନାଲର ଦକ୍ଷିଣପଟ ବନ୍ଧରେ ଚେନଜ ୧/୫୫୦ କି.ମି.ଠାରୁ ଚେନଜ ୩/୦୭୦ କି.ମି. ମଧ୍ୟସ୍ଥ ବର୍ତ୍ତମାନର ରାସ୍ତାକୁ ଦୃଢ ଏବଂ ପ୍ରଶସ୍ତିକରଣ କରିବା ପାଇଁ ସଦର ତହସିଲ ଅନ୍ତର୍ଗତ ୟୁନିଟ-୨୩, ସାମନ୍ତସାହି ଓ ୟୁନିଟ-୩୩, ବିଶିନବର ଅଞ୍ଚଳ ରୁ ୦.୦୯୯୦ ଏକର ଜମି ଅଧିଗ୍ରହଣ ସଂପର୍କରେ ଚିଠା ବିବରଣୀ(ଡ୍ରାଫ୍ଟ ରିପୋର୍ଟ) ଦାଖଲ କରିବା ପରେ ଏକ ଜନଶୁଣାଣି ସଭା ଅନୁଷ୍ଠିତ କରାଯାଇଥିଲା । ଉକ୍ତ ଜନଶୁଣାଣୀ କାର୍ଯ୍ୟକ୍ରମଟି ସଂପୃକ୍ତ ସରକାରୀ ଅଧିକାରୀବୃନ୍ଦ, ନ୍ୟାୟୋଚିତ ଭାବରେ ପଟ୍ଟାଧାରୀ କିମ୍ବା ସେମାନଙ୍କର ପ୍ରତିନିଧି ଏବଂ କେତେକ ପରୋକ୍ଷ ପ୍ରଭାବିତ ଗୃହ ସମୁହଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାଟିରେ ନିମ୍ନଲିଖିତ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

| କ୍ର.ସଂ | ଅଧିକାରୀଙ୍କର ନାମ | ପଦବୀ |
|---|---|---|
| ୧ | ପୂର୍ଣ ଚନ୍ଦ୍ର ମିଶ୍ର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ |
| ୨ | ସୁଭାସିସ ପାଲଟା | ଜମି ଅଧିଗ୍ରହଣ ଅଧିକାରୀ, କଟକ |
| ୩ | ମୃଣାଳି  ମହାନ୍ତି | ଡେପୁଟି ଜିଲ୍ଲାପାଳ, କଟକ |
| ୪ | ଦେବେନ୍ଦ୍ର କୁମାର ବେହେରା | ସହକାରୀ ନିର୍ବାହୀ ଯନ୍ତ୍ରୀ, (ଆର ଆଣ୍ଡ ବି) ବିଭାଗ- ୧ |
| ୫ | ରବୀନ୍ଦ୍ର କୁମାର ରାଉତରାୟ | କନିଷ୍ଠ ଯନ୍ତ୍ରୀ, ମେଡିକାଲ ସେକ୍ସନ- ୨ |
| ୬ | ବିଭୁତି ଭୂଷଣ କର | ସଂଯୋଜକ, ଆର.ଏ.ସି |
| ୭ | ଦୀପକ କୁମାର ଦାଶ | କ୍ଷେତ୍ର ସଂଯୋଜକ, ଆର.ଏ.ସି |

ପ୍ରାରମ୍ଭରେ, ଜମି ଅଧିଗ୍ରହଣ ଅଧିକାରୀ, କଟକ, ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ ଏବଂ ସର୍ଭେ ଆରମ୍ଭ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ କରାଯାଇଥିବା କାର୍ଯ୍ୟକଳାପର ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ | ଏହା ପରେ, ପ୍ରତ୍ୟେକ ଅଂଶଗ୍ରହଣକାରୀମାନଙ୍କୁ ଧ୍ୟାନର ସହିତ ସମସ୍ତ ବିଷୟ ଶୁଣି ସେମାନଙ୍କର ମତାମତ ଦର୍ଶାଇବା ପାଇଁ ଅନୁରୋଧ କରିଥିଲେ ଏବଂ ସେମାନଙ୍କର ମନ୍ତବ୍ୟ ସବୁକୁ ରେକର୍ଡ କରାଯିବା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ତା'ପରେ ସେ ସେମାନଙ୍କ ସୂଚନା ଏବଂ ମନ୍ତବ୍ୟ ଉପସ୍ଥାପନା କରିବା ପୂର୍ବରୁ ସର୍ଭେର ଫଳାଫଳ ଉପସ୍ଥାପନ କରିବାକୁ ଆର.ଏ.ସି.ର କ୍ଷେତ୍ରସଂଯୋଜକ, ଶ୍ରୀ ଦୀପକ କୁମାର ଦାଶଙ୍କୁ ଅନୁରୋଧ କରିଥିଲେ ।

ତାହାପରେ ଶ୍ରୀଯୁକ୍ତ ଦାଶ, ଅଧ୍ୟୟନ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ଚିଠା ବିବରଣୀର ଉପସ୍ଥାପନ କରିବା ସହିତ ସର୍ବେକ୍ଷଣ ସମୟରେ ଅନୁଷ୍ଠିତ ହୋଇଥିବା ଦଳଗତ ଆଲୋଚନା ମାନଙ୍କରେ ଉଭୟ ସମ୍ଭାବ୍ୟ ପ୍ରଭାବିତ ଏବଂ ଅଣ ପ୍ରଭାବିତ ଅଂଶ ଗ୍ରହଣକାରୀମାନଙ୍କର ମତମନ୍ତବ୍ୟ ସବୁ ଉପରେ ସଭାରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀମାନଙ୍କ ସମ୍ମୁଖରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେ ଦର୍ଶାଇଥିଲେ ଯେ, ପ୍ରସ୍ତାବିତ ଅଞ୍ଚଳରେ ବସବାସ କରୁଥିବା ପ୍ରଭାବିତ ପରିବାରମାନଙ୍କର ସ୍ୱତ୍ତ୍ୱାଧିକାରୀ/ପରିବାର ସଦସ୍ୟମାନଙ୍କ ସହିତ ଏବଂ କିଛି ଅଣପ୍ରଭାବିତ ପରିବାରମାନଙ୍କ ସହିତ ବ୍ୟକ୍ତିଗତ ସାକ୍ଷାତକାର ଅନୁଷ୍ଠିତ ହୋଇ ସମସ୍ତ ସୂଚନା ସଂଗ୍ରହ କରାଯାଇଅଛି । ପୁନଶ୍ଚ ଶ୍ରୀଯୁକ୍ତ ଦାଶ ଦର୍ଶାଇଥିଲେ ଯେ, ଉକ୍ତ ସଭାଟିର ଉଦ୍ଦେଶ୍ୟ ହେଉଛି ସର୍ବେକ୍ଷଣ କାଳରେ କିମ୍ବା ପରବର୍ତ୍ତି ସମୟରେ ଆପଣମାନେ ଦର୍ଶାଇପାରିନଥିବା ମତାମତ ସବୁକୁ ଅଧିକନ୍ତୁ ଉକ୍ତ ସଭାରେ ଉପସ୍ଥାପ କରିବା ପାଇଁ ସୁଯୋଗ ପ୍ରଦାନ କରିବା ଏବଂ ପ୍ରକଳ୍ପ ସମ୍ବନ୍ଧୀୟ କୌଣସି ଅଜଣା ସୂଚନା ସଂପର୍କରେ ଜ୍ଞାତ ହେବାପାଇଁ ଆପଣମାନଙ୍କୁ ଏକ ପରିସର ଯୋଗାଇଦେବା ତଥା ସଭାରେ ଉପସ୍ଥିତ ଥିବା ସମ୍ପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଆପଣମାନଙ୍କ ମନରେ ସୃଷ୍ଟି ହେଉଥିବା ପ୍ରକଳ୍ପ  ସମ୍ବନ୍ଧୀୟ ସନ୍ଦେହସବୁର ପରିଷ୍କରଣ କରିବା ।

ଚିଠା ବିବରଣୀର ଉପସ୍ଥାପନା ସମାପ୍ତ ହେବା ପରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ, କରିଥିଲେ ଯେ (ଆର ଆଣ୍ଡ ବି) ଡିଭିଜନ୍ -୧, କଟକ ପାଇଁ ଜମି ଆବଶ୍ୟକତା ଅନୁଯାୟୀ ଜମି ଅଧିଗ୍ରହଣ ଅଧିନିୟମ ୨୦୧୩ ଅନୁଯାୟୀ, ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ଏବଂ ଉକ୍ତ ଆଇନ ଅନୁସାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଚାଲିଛି । ଯଦି ଆପଣ ପ୍ରସ୍ତାବିତ ଜମି ଅଧିଗ୍ରହଣ ବିଷୟରେ କିଛି କହିବାକୁ ଚାହାଁନ୍ତି ତେବେ ଏହି ସଭାର ସମସ୍ତ ପ୍ରକ୍ରିୟା ରେକର୍ଡ କରାଯାଉଥିବାରୁ ଏହା ସ୍ୱଷ୍ଟ ହୋଇପାରିବ ଏବଂ ଏହାକୁ ମୂଲ୍ୟାଙ୍କନ ପାଇଁ ବିଶେଷଜ୍ଞ କମିଟି ନିକଟକୁ ପଠାଯିବ ।

ତା'ପରେ ଗଣେଶ ଜିଉ ବିଜେ ଛତ୍ରବଜ଼ାର ମଧୁବୈଶ୍ୟ ସମାଜର ସହକାରୀ ସଚିବ ଶ୍ରୀ ପ୍ରସାନ୍ତ କୁମାର ସାହୁ ଏହି ସଭାରେ ଉପସ୍ଥିତ ସମସ୍ତ ପ୍ରଭାବିତ ତଥା ଅଣପ୍ରଭାବିତ ଲୋକଙ୍କୁ ପରିଚିତ କରାଇଥିଲେ । ତା'ପରେ ଗଣେଶ ମନ୍ଦିରର ସଚିବ ଶ୍ରୀ ଦେବେନ୍ଦ୍ର କୁମାର ସାହୁ କରିଥିଲେ ଯେ ମନ୍ଦିର ବହୁତ ପୁରୁଣା; ଅନେକ ଲୋକ ସେମାନଙ୍କର ଜୀବିକା ପାଇଁ ଏହା ଉପରେ ନିର୍ଭର କରନ୍ତି, ତେଣୁ ମନ୍ଦିର ଜମି ଅଧିଗ୍ରହଣ କରାନଯାଉ।

ଏହା ପରେ ଗଣେଶ ମନ୍ଦିରର ସଭାପତି ଶ୍ରୀ ଦେବେନ୍ଦ୍ର ନାଥ ସାହୁ କରାଇଥିଲେ ଯେ ସେମାନେ ତଲାଣ୍ଡାଣ୍ଡା କେନାଲ ରାସ୍ତାର ବିକାଶ ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଇଛନ୍ତି। ଅଧିକନ୍ତୁ, ୨00 ରୁ ୩00 ଷ୍ଟ୍ରିଟ୍ ବିକ୍ରେତା ଏହି କ୍ଷେତ୍ରରେ କିଛି ବ୍ୟବସାୟ କରୁଛନ୍ତି | ତେଣୁ, ଯଦି ଏହି ରାସ୍ତା ପ୍ରଶସ୍ତ ହୁଏ ତେବେ ଅନେକ ଲୋକ ପ୍ରଭାବିତ ହେବେ ଏବଂ ଜୀବିକା ହରାଇବେ | ତେଣୁ କେନାଲ ରାସ୍ତାର ସମ୍ପ୍ରସାରଣ ପାଇଁ ପ୍ରସ୍ତାବିତ ଅଧିଗ୍ରହଣ ବନ୍ଦ ହେବା ଉଚିତ୍ ।

ଏହା ପରେ ଗଣେଶ ମନ୍ଦିରର ଯୁଗ୍ମ ସଚିବ ଶ୍ରୀ ବିନୋଦ ଚନ୍ଦ୍ର ସାହୁ କରାଇଥିଲେ ଯେ କଟକ ୧000 ବର୍ଷ ପୁରୁଣା ସହର ଏବଂ ଗଣେଶ ମନ୍ଦିର ୧00 ବର୍ଷରୁ ଅଧିକ ସମୟ ଧରି ରହିଆସିଛି। ତଥାପି, କିଛି ଭଡା ବ୍ୟତୀତ ଏହି ମନ୍ଦିରର ଅନ୍ୟ ରୋଜଗାରର ଉତ୍ସ ନାହିଁ | ଏହାର ଦୈନ ଦିନ କାର୍ଯ୍ୟକଳାପ କେବଳ ଏହି ଭଡା ଆୟ ଦ୍ୱାରା ପରିଚାଳିତ ହେଉଛି | ତେଣୁ, ପ୍ରସ୍ତାବିତ ଜମି ଅଧିଗ୍ରହଣ ମନ୍ଦିର ଅଞ୍ଚଳର କିଛି ଅଂଶ ଉପରେ ପ୍ରଭାବ ପକାଇବ ଯାହା ଦ୍ୱାରା ଏହାର ରକ୍ଷଣାବେକ୍ଷଣ ପାଇଁ ମନ୍ଦିରର ଆୟର ପ୍ରାୟ ୬0% କ୍ଷତି ଘଟିବ । ତେଣୁ ସେ ଏହି ଉଦ୍ଦେଶ୍ୟରେ ଗଣେଶ ମନ୍ଦିର ପରିସରକୁ ସଂରକ୍ଷଣ କରି ଜମି ଅଧିଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ।
ଏହା ପରେ ସହକାରୀ ସଚିବ ଶ୍ରୀ ପ୍ରଶାନ୍ତ କୁମାର ସାହୁ ଏବଂ ଜଣେ ସଦସ୍ୟ ଶ୍ରୀ ଅବନୀ କୁମାର ସାହୁ ସ୍ୱଷ୍ଟ କରିଥିଲେ ଯେ ଏହି ଗଣେଶ ମନ୍ଦିରର ଜଣେ ବିଧବାଙ୍କ ଦ୍ୱାରା ଦାନ କରାଯାଇଥିବା ଏକ ଜମି ଉପରେ ନିର୍ମିତ ହୋଇଛି । କିଛି ଭଡା ଭଡା ବ୍ୟତୀତ ଏହି ମନ୍ଦିରର ଅନ୍ୟ ରୋଜଗାରର ଉତ୍ସ ନାହିଁ | ତେଣୁ ପ୍ରସ୍ତାବିତ କେନାଲ ରାସ୍ତାର ବିକାଶ ପାଇଁ ଯଥା ସମ୍ଭବ ସର୍ବନିମ୍ନ ଜମି ଅଧିଗ୍ରହଣ କରାଯିବା ଉଚିତ ।

ପରବର୍ତ୍ତୀ ସମୟରେ ଆଉ ଜଣେ ପ୍ରଭାବିତ ବ୍ୟକ୍ତି ଶ୍ରୀ ସଞ୍ଜୀବ ତଲିଆ କରିଥିଲେ ଯେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ସେମାନଙ୍କ ଜେଜେବାପାଙ୍କ ପରଠାରୁ ସେମାନଙ୍କ ପରିବାର ପାଖରେ ଅଛି। ଏହି ପରିବାର ଜମି ଉପରେ ନିର୍ମିତ

ଅଟ୍ଟାଳିକାରୁ ଆସୁଥିବା ଭଡା ଆୟ ଉପରେ ସମ୍ପୂର୍ଣ୍ଣ ପରିବାର ନିର୍ଭର କରେ ତେଣୁ ଏହି ପ୍ଲଟ୍ରର ସମ୍ପୂର୍ଣ ଅଧିଗ୍ରହଣ ପରିବାର ସଦସ୍ୟଙ୍କ ଆୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ | ତେଣୁ, ସେ ସେମାନଙ୍କର ଜମିର ସର୍ବନିମ୍ନ ସମ୍ଭାବ୍ୟ ଅଂଶ ଅଧିଗ୍ରହଣ କରିବାକୁ ଅନୁରୋଧ କରିଥିଲେ ଯାହା ଦ୍ୱାରା ସେମାନଙ୍କ ପରିବାରକୁ କୌଣସି ପ୍ରକାରେ ଅବଶିଷ୍ଟ ଜମିରୁ ଉତ୍ପାଦିତ ଆୟ ସହିତ ବଞ୍ଚାଇ ପାରିବେ।

ଏହାର ଉତ୍ତରରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ, କରିଥିଲେ ଯେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜମି ଅଧିଗ୍ରହଣ ଅଧିନିୟମ-୨୦୧୩ ଅନୁଯାୟୀ କରାଯାଇଛି। ଆପଣଙ୍କର ସମସ୍ତ ମନ୍ତବ୍ୟ ରେକର୍ଡ କରାଯାଇଛି ଏବଂ ଅନ୍ତିମ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯିବ ଯାହାର ମୂଲ୍ୟାଙ୍କନ ପାଇଁ ବିଶେଷଜ୍ଞ କମିଟି ସମ୍ମୁଖରେ ରଖାଯିବ | ଶେଷରେ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକ, ଜନ ଶୁଣାଣି ସଭାର ଶାନ୍ତିପୂର୍ଣ୍ଣ ଅଗ୍ରଗତି ପାଇଁ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଆପଣଙ୍କର ସମସ୍ତ ମତ ସରକାରଙ୍କ ନିକଟରେ ଦାଖଲ କରାଯିବ ବୋଲି କରିଥିଲେ । ତା'ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ ସଭା ଶେଷ ହୋଇଥିଲା।

*********

# ଅଧ୍ୟାୟ- ୭

# ସାମାଜିକ ମୂଲ୍ୟଯୁକ୍ତ ସୁବିଧା ଏବଂ ସୁପାରିଶ ସମୂହ

## ୬.୧. ସାମାଜିକ ମୂଲ୍ୟଯୁକ୍ତ ସୁବିଧା ସବୁର ବିଶ୍ଳେଷଣ

ଗୋଟିଏ ପ୍ରକଳ୍ପର ସାମାଜିକ ମୂଲ୍ୟଯୁକ୍ତ ସୁବିଧାର ବିଶ୍ଳେଷଣ ଗୋଟିଏ ଦରକାରୀ ଉପକରଣ ଅଟେ । ଉକ୍ତ ବିଶ୍ଳେଷଣର ନିର୍ଭୁଲତା, କେତେ ସଠିକ ଭାବରେ ମୂଲ୍ୟ ଏବଂ ସୁବିଧା ସୁଯୋଗ ସବୁର ଆକଳନ କରାଯାଇଅଛି, ତାହା ଉପରେ ନିର୍ଭର କରିଥାଏ। ଘରୋଇ ମୂଲ୍ୟ ତୁଳନାରେ ସାମାଜିକ ମୂଲ୍ୟ ପାର୍ଥକ୍ୟ ଅଟେ କାରଣ ପୁର୍ବ ଦର୍ଶିତ ମୂଲ୍ୟ ମଧ୍ୟରେ ଅନ୍ୟ କେତେକ ଉପାଦାନ ଯଥା: ପରିବେଶଗତ କ୍ଷତି ଆଦି ଅନ୍ତର୍ଭୁକ୍ତ। ସେହିପରି, ସାମାଜିକ ସୁବିଧା ସୁଯୋଗ, ଯେଉଁ କ୍ଷେତ୍ରରେ କି ଭବିଷ୍ୟତ ପିଢ଼ି ସମୂହ ଏବଂ ଅମାନବୀୟ ଅଂଶଗ୍ରହଣକାରୀ ମାନଙ୍କୁ ବିଚାରକୁ ନିଆଯାଇଥାଏ। ସାମାଜିକ ସୁବିଧା ସୁଯୋଗ ବ୍ୟକ୍ତିଗତ ମଙ୍ଗଳ ସବୁର ସମାହାର ନୁହେଁ, ବରଂ ତାହାଠାରୁ ଯଥେଷ୍ଟ ଅଧିକ ଅଟେ। ସାମାଜିକ ମୂଲ୍ୟ ଏବଂ ସୁବିଧା ସୁଯୋଗ ସବୁକୁ ସଠିକ ଭାବରେ ମାପିବା କ୍ଷେତ୍ରରେ ଅନେକ ସମସ୍ୟା ରହିଛି। କେତେକ ମୂଲ୍ୟର ଆକଳନ ସହଜ ହୋଇଥିବା ସ୍ଥଳେ ଅନ୍ୟ କେତେକ ମୂଲ୍ୟ ଯଥା: ପରିବେଶ ଉପରେ ପ୍ରଭାବ, ସ୍ଥାନାନ୍ତରଣ ଇତ୍ୟାଦି କ୍ଷେତ୍ରରେ ସଠିକ ମୂଲ୍ୟ ସବୁକୁ ସଂଯୁକ୍ତ କରିବା ଆବଶ୍ୟକ ପଡିଥାଏ। ସେ ଯାହା ହେଉନା କାହିଁକି, କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ପାଇଁ ତାଳଦଣ୍ଡା କେନାଲ ରାସ୍ତା ନିର୍ମାଣ କ୍ଷେତ୍ରରେ ପ୍ରକଳ୍ପର ମୂଲ୍ୟ ସାମଗ୍ରୀକ ସ୍ତରରେ ଉତ୍ତମ ଭାବରେ ଜଣାପଡିଥାଏ । ଏଥିସହିତ ସୁବିଧା ସୁଯୋଗର ଆକଳନ ଅଧିକତର ଭାବରେ ସମ୍ପୃକ୍ତ ଏବଂ ଯଥେଷ୍ଟ ସମୟର ଆବଶ୍ୟକତା ମଧ୍ୟ ରହିଛି । ଏହି ପ୍ରକାରର ଏକ ଦୁଃସାହସିକ ଉଦ୍ୟମ ଅନେକ କଷ୍ଟକର ବ୍ୟାପାର ହିସାବରେ ଉଭାହୁଏ ।

ଉପରୋକ୍ତ ଦୃଷ୍ଟିକୋଣରୁ, କଟକ ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳରେ ଅବସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ପାଇଁ ରାସ୍ତାର ମୂଲ୍ୟଯୁକ୍ତ ସୁବିଧା ସୁଯୋଗର ବିଶ୍ଳେଷଣ ପାଇଁ ଏକ ପ୍ରୟାସ କରାଯାଇଅଛି । ଉପସ୍ଥିତ ସାମାଜିକ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନର ତଥ୍ୟ ସବୁକୁ ତର୍ଜମା କଲେ ଜଣାପଡେ ଯେ, ପ୍ରଭାବିତ ପରିବାର ମାନଙ୍କର ସମୁଦାୟ ମାଲିକାନାଧୀନ ଏ. ୧.୦୧୨କର ରୁ ମାତ୍ର ଏ ଏ. ୦.୦୯୯୦କର (୯.୭୮%) ଜମି ପ୍ରଭାବିତ ପରିବାର ମାନଙ୍କ ଠାରୁ ଅଧିଗ୍ରହଣ କରାଯିବାର ଅଛି । ତେଣୁ, ପ୍ରଭାବିତ ପରିବାର ମାନଙ୍କ ଉପରେ ପଡ଼ିବାକୁ ଥିବା ପ୍ରତିକୁଳ ପ୍ରଭାବ ଅପେକ୍ଷାକୃତ ଭାବରେ ପ୍ରକଳ୍ପରୁ ସେମାନେ ଲାଭ କରିବାକୁ ଥିବା ସୁବିଧା ସୁଯୋଗ ତୁଳନାରେ ଯଥେଷ୍ଟ କମ ହେବ। ସେମାନଙ୍କର ଅନ୍ୟସବୁ ସମ୍ପଦ ଜନିତ କ୍ଷତି ପାଇଁ ସେମାନେ ପ୍ରକଳ୍ପ ଅଧକାରୀଙ୍କ ଠାରୁ କ୍ଷତିପୁରଣ ପ୍ରାପ୍ତ ହେବେ। ଅଧିକନ୍ତୁ, ରାସ୍ତା ଉନ୍ନୟନ କାର୍ଯ୍ୟଟି ରାଜ୍ୟ ପାଇଁ ନିହାତି ଆବଶ୍ୟକ ଏବଂ ଏହା ଗୋଟିଏ ଉପାଦେୟ ପ୍ରକଳ୍ପ ହୋଇଥିବାରୁ, ପ୍ରାଥମିକତା ଭିତ୍ତିରେ ସରକାର ଉକ୍ତ ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରାଇବା ଉଚିତ ।

## ୬.୨. ସୁପାରିଶ ସମୁହ

ସିଦ୍ଧାନ୍ତ ଦୃଷ୍ଟିକୋଣରୁ ପ୍ରକଳ୍ପଟିକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯିବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯାଇପାରେ। ଉକ୍ତ ସୁପାରିଶ ସମୁହ ମୁଖ୍ୟତଃ କେନ୍ଦ୍ରିତ ଦଳଗତ ଆଲୋଚନାରୁ ଗ୍ରହଣ କରାଯାଇଅଛି। ସେ ଯାହା ହେଉନା କାହିଁକି, ଉକ୍ତ ସୁପାରିଶ ସମୁହ ସ୍ଥିର କିମ୍ବା ପ୍ରଭାବିତ ପରିବାର ମାନଙ୍କ ପାଇଁ ବାଧ୍ୟତାମୁଳକ ନୁହେଁ, ଯାହାକି, ପରବର୍ତ୍ତୀ କାଳରେ କାର୍ଯ୍ୟକାରୀ କରିବା ସଂସ୍ଥା ମାନଙ୍କ ସହିତ ପ୍ରଭାବିତ ପରିବାର ମାନଙ୍କର ବହୁଳ ଯୋଗାଯୋଗ ସ୍ଥାପନ ପରେ ହୁଏତ ଅଧିକ ମାତ୍ରାରେ ବିକଶିତ ହୋଇପାରେ ।

- ଏହା ଦେଖାଯାଏ ଯେ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃର୍ବିନ୍ୟାସ ପାଇଁ ତାଳଦଣ୍ଡା କେନାଲ ରାସ୍ତା ନିର୍ମାଣ ହେତୁ କେବଳ ଗୋଟିଏ ମାତ୍ର ବ୍ୟବସାୟ ଉପଯୋଗୀ ଗଠନ ଏବଂ ଏକ ଧାର୍ମିକ ସ୍ଥଳୀ (ଗଣେଶ ମନ୍ଦିର) ପ୍ରଭାବିତ ହେବ । ତେଣୁ, ଏହା ପରାମର୍ଶ ଦିଆଯାଇ ପାରେ ଯେ, ରାସ୍ତା ନିର୍ମାଣ ପାଇଁ ଉଭୟ ପାର୍ଶ୍ୱର ସଜ୍ଜିକରଣ ସଠିକ ଭାବରେ ଚିହ୍ନଟ ସମ୍ପୃକ୍ତ ଅଧିକାରୀ ମାନଙ୍କ ଦ୍ୱାରା କରାଯାଇ ନିୟମ ଅନୁଯାୟୀ ଗଠନଟିର ସମ୍ଭାବ୍ୟ କ୍ଷତିର ନିରୂପଣ ପୂର୍ବକ ସମୁଚିତ କ୍ଷତିପୁରଣ ପ୍ରଦାନ କରାଯିବା ଉଚିତ ।
- ପ୍ରକଳ୍ପ ଅଧିକାରୀ ସମୁଦାୟ ଗଠନ ହେତୁକ କ୍ଷତି ସବୁକୁ ଆକଳନ କରିବା ଉଚିତ ଏବଂ ଉକ୍ତ ସମ୍ପଦ ସବୁରୁ ହେଉଥିବା ଆୟର ସମ୍ଭାବ୍ୟ କ୍ଷତିର ହିସାବ ପୂର୍ବକ ଏହି ସମ୍ପଦ ସହିତ ଜଡିତ ଆୟର କ୍ଷତି ଭିତ୍ତିରେ କ୍ଷତିପୁରଣ ପ୍ରଦାନ କରାଯିବା ଉଚିତ ।
- ସହରାଞ୍ଚଳରଜନସାଧାରଣ ଜମିକୁ ଅତ୍ୟନ୍ତ ମୌଳିକ ସମ୍ପଦ ହିସାବରେ ବିଚାର କରିନଥାନ୍ତି। କିନ୍ତୁ, ଏହାର ସ୍ଥାୟୀ ମୂଲ୍ୟକୁ ନେଇ ଏକ ମୂଲ୍ୟବାନ ସମ୍ପଦ ହିସାବରେ ବିବେଚନା କରିଥାନ୍ତି । ଜମି ଅଧିଗ୍ରହଣ ସେମାନଙ୍କର ଆତ୍ମବିଶ୍ୱାସକୁ ଅତି ନକରାତ୍ମକ ଭାବରେ ପ୍ରଭାବିତ କରିଥାଏ। ତେଣୁ, ସେମାନେ ଜମିର ତଥା ଏହା ସହିତ ସମ୍ପୃକ୍ତ ଅନ୍ୟାନ୍ୟ ସମ୍ପଦ ସବୁର କ୍ଷତିପୁରଣ ବାବଦରେ ଅଧିକ ଅର୍ଥ ପାଇବାର ଦାବି କରିଥାନ୍ତି, ଯାହା ଫଳରେ କି ସେମାନେ ଏହାର ବିକଳ୍ପ ଭାବରେ ଅନ୍ୟ ଏକ ପୋଷଣ ଯୋଗ୍ୟ ଆୟର ସୂତ୍ର ସୃଷ୍ଟି କରିପାରିବେ ।
- ପ୍ରଭାବିତ ବ୍ୟକ୍ତି ବିଶେଷଙ୍କର ମତାମତ ଅନୁଯାୟୀ, ଏହା ପରାମର୍ଶ ଦିଆଯାଏ ଯେ, ସେମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରାପ୍ୟ ସବୁକୁ ଦ୍ୱନ୍ଦ୍ୱମୁକ୍ତ ପ୍ରଣାଳୀରେ ପ୍ରଦାନ କରାଯିବା ଆବଶ୍ୟକ କାରଣ ସେମାନଙ୍କ ମଧ୍ୟରୁ କେତେଜଣ ଆଶଙ୍କା କରନ୍ତି ଯେ, ସରକାରଙ୍କ ଦ୍ୱାରା ଅନୁସୃତ ପ୍ରଣାଳୀ ବହୁତ ଅସୁବିଧାଜନକ ଅଟେ, ଫଳତଃ ପ୍ରଭାବିତ ଜନସାଧାରଣ ସେମାନଙ୍କର କ୍ଷତିପୂରଣ ପାଇବା ଏତେଟା ସରଳ ହୋଇନପାରେ ।
- କ୍ଷତିପୁରଣ ପ୍ରଦାନ ଶୈଳୀ ସରଳ ହେବା ଉଚିତ ଏବଂ କୌଣସି ନ୍ୟାୟିକ କିମ୍ବା ପାରିବାରିକ କଳହ ବ୍ୟତୀତ ଅନ୍ୟ ସବୁ କ୍ଷେତ୍ରରେ ଉକ୍ତ ପ୍ରଦାନ ଧାରା ୧୧(୧) ଅନୁଯାୟୀ, ପ୍ରାଥମିକ ବିଜ୍ଞପ୍ତି ଜରିଆରେ ଏବଂ

ପଞ୍ଚାର ସତ୍ୟତା ପ୍ରତିପାଦନ ପ୍ରକ୍ରିୟା ଶେଷ ହେବାପରେ ଅନ୍ୟ ପ୍ରକାରର ସମ୍ପଦ ସବୁର କ୍ଷତି ଜନିତ କ୍ଷତିପୂରଣ ପ୍ରଭାବିତ ପରିବାର ମାନଙ୍କ ସହିତ ପରାମର୍ଶ ପରେ ପ୍ରଦାନ କରାଯାଇଥାଏ ।

- କ୍ରମାଗତ ଜମି ବନ୍ଦୋବସ୍ତ ମଧ୍ୟସ୍ଥ ଶୂନ୍ୟତା ବହୁତ ଦୀର୍ଘ ଅଟେ ଏବଂ ଜମିର ଦାଖଲ ଖାରଜ ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ଅସୁବିଧାଜନକ ଅଟେ। ତେଣୁ, ବେଳେବେଳେ ଜମିର ବାସ୍ତବ ମାଲିକଙ୍କର ନାମ, ଜମି ନଥିପତ୍ରରେ ଦର୍ଶାଯାଇଥିବା ନାମ ଠାରୁ ପୃଥକ ହୋଇଥାଏ *ଏହି ପ୍ରକାରର ଜମି ମାଲିକାନା ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ଜନିତ କେସ୍ ତହସିଲ ମାନଙ୍କରେ ଦୀର୍ଘଦିନ ଧରି ପଡି ରହିଥାଏ। ଏହା ପ୍ରକୃତ ଜମି ମାଲିକ ମାନଙ୍କୁ କ୍ଷତିପୁରଣ ପ୍ରଦାନ ପୂର୍ବରୁ ସମାଧାନ କରାଯିବା ଉଚିତ ।

ଯଦିଓ ପ୍ରକଳ୍ପଟିରେ କେତେକ ପ୍ରତିକୁଳ ପ୍ରଭାବ ସବୁ ରହିଅଛି, ଆଶା କରାଯାଏ ଯେ, ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଭାବିତ ପରିବାର ମାନଙ୍କ ଉପରେ ପଡୁଥିବା ପ୍ରତିକୁଳ ପ୍ରଭାବ ସବୁର ହ୍ରାସ ଦିଗରେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରିବା ଆବଶ୍ୟକ। ଅଧିକନ୍ତୁ, ପ୍ରସ୍ତାବିତ ରାସ୍ତାର ନିର୍ମାଣ କେବଳ ପ୍ରଭାବିତ ଅଞ୍ଚଳ ପାଇଁ ସୁବିଧାଦାୟକ ହେବ ନାହିଁ  ବରଂ ଏହା ସମସ୍ତ ସହର ତଥା ସାମଗ୍ରିକ ଭାବରେ ରାଜ୍ୟ ପାଇଁ ସୁବିଧା ପ୍ରଦାନକାରୀ ହେବ ।

*********

# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**No. RDM-LAA-CTC-0001-2023- ୧୨୨୧୭ /R&DM, Dated** 01 JUN 2023

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, କଟକଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. **ପ୍ରକଳ୍ପ ବିକାଶକାରୀ ଙ୍କ ନାମ** : - କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଏବଂ ଗୃହ), ଡିଭିଜନ-୧, କଟକ ।

୨. **ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ** : - ତାଳଦଣ୍ଡା କେନାଲ ରାସ୍ତା (ଦକ୍ଷିଣ ପାର୍ଶ୍ୱ) ୧.୫୫୦ କି.ମି. ଠାରୁ ୩.୫୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ।

୩. **SIA ସର୍ବେକ୍ଷଣ ଅନୁଷ୍ଠାନ**: - **Research and Analysis Consultants (RAC), Bhubaneswar**, an empanelled agency under Nabakrushna Choudhury Center for Development Studies(NCDS), Bhubaneswar

୪. **SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା**: - Nabakrushna Choudhury Center for Development Studies(NCDS), Bhubaneswar, Phone No. 0674-2300471, 2301094

୫. ପ୍ରକଳ୍ପ ପାଇଁ କଟକ ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ (ସରକାରୀ ଜମି) |
|---|---|---|---|---|
| ୧ | କଟକ ସଦର | ୟୁନିଟ ନଂ. -୨୩, ସାମନ୍ତସାହି | ୦.୦୪୧ | - |
| ୨ | | ୟୁନିଟ ନଂ. -୩୩, ବିସିନାବର | ୦.୦୫୮ | - |
| | | ମୋଟ | ୦.୦୯୯ | |

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଅଛି ।

a. **ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ** : - କଟକ ଜିଲ୍ଲା କଟକ ସଦର ତହସିଲ ଅନ୍ତର୍ଗତ ୨ ଗୋଟି ମୌଜା ରେ ଏ ୦.୦୯୯ ପରିସୀମାରେ ତାଳଦଣ୍ଡା କେନାଲ ରାସ୍ତା (ଦକ୍ଷିଣ ପାର୍ଶ୍ୱ) ୧.୫୫୦ କି.ମି. ଠାରୁ ୩.୫୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଏବଂ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଏବଂ ଗୃହ), ଡିଭିଜନ-୧, କଟକ ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- କଟକ ଜିଲ୍ଲାରେ ଉପରୋକ୍ତ ୨ ଗୋଟି ମୌଜାର ଏ ୦.୦୯୯ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

c. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟ ସ୍ଥାନିତ ହେବା ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ ।

d. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ସହମତି ଆବଶ୍ୟକ ।

